

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୬ ଜୁନ୍ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 26 June 2024
Vol.No. 35 ■ No.170 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା


ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମନୋଜ ଆହୁଜା ପରବର୍ତ୍ତୀ ମୁଖ୍ୟ ସଚିବ



ଭୁବନେଶ୍ୱର, ୨୫/୬ (ନି.ପ୍ର): ୧୯୯୦ ବ୍ୟାଚ୍ ଆଇଏଏସ୍ ମନୋଜ ଆହୁଜା ରାଜ୍ୟର ପରବର୍ତ୍ତୀ ମୁଖ୍ୟ ସଚିବ ହୋଇପାରନ୍ତି । ଆଜି କେନ୍ଦ୍ର ସରକାର ତାଙ୍କୁ ନିଜ ଗୃହ କ୍ୟାଡ଼ର ଓଡ଼ିଶାକୁ ଫେରାଇ ଦେବାପରେ ଏଭଳି ସମ୍ଭାବନା ସୃଷ୍ଟି ହୋଇଛି । ରାଜ୍ୟର ପ୍ରଥମ ବିଜେପି ସରକାର ଶ୍ରୀ ଆହୁଜାଙ୍କୁ ଓଡ଼ିଶା ଫେରାଇବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ । ଶ୍ରୀ ଆହୁଜାଙ୍କ ଫେରିବା ପରେ ରାଜ୍ୟରେ ବଡ଼ଧରଣର ପ୍ରଶାସନିକ ଅଦଳବଦଳ ହେବ ବୋଲି ଜଣାପଡ଼ିଛି । ସୂଚନା ଅନୁସାରେ, ନିଯୁକ୍ତି ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ କମିଟି ଆଜି ୧୯୯୦ ବ୍ୟାଚ୍ ଆଇଏଏସ୍ ମନୋଜ ଆହୁଜାଙ୍କୁ ଓଡ଼ିଶା କ୍ୟାଡ଼ରକୁ ▶▶ପୃଷ୍ଠା ୭

# ବାଚସ୍ପତି ରେସ୍: ଓମ୍ ବିର୍ଲାଙ୍କୁ ଟକ୍କର ଦେବେ କେ. ସୁରେଶ





ନୂଆଦିଲ୍ଲୀ, ୨୫/୬ : କିଏ ହେବ ଲୋକସଭାର ନୂଆ ବାଚସ୍ପତି । ଏହାକୁ ନେଇ ଶାସକ ଓ ବିରୋଧୀଙ୍କ ମଧ୍ୟରେ ଚାଲିଛି ଟଣାଓଟରା । ଏହାରି ଭିତରେ ସାମ୍ନାକୁ ଆସିଛି ନୂଆ ଟ୍ୱିଷ୍ଟ । ଏନ୍‌ଡିଏର ବାଚସ୍ପତି ପ୍ରାର୍ଥୀ ଓମ୍ ବିର୍ଲାଙ୍କୁ ଟକ୍କର ଦେବେ କେ.ସୁରେଶ । ଇତିହାସର ପ୍ରଥମ ଥର ହେବ ବାଚସ୍ପତି ପଦ ପାଇଁ ନିର୍ବାଚନ । ଲୋକ ସଭା ବାଚସ୍ପତି ପଦକୁ ନେଇ ସହମତ ହୋଇ ନ ପାରିବା ପରେ ବିରୋଧୀ ଦଳ ନିଜ ଜିଦ୍‌ରେ ଅଟଳ ରହିଛନ୍ତି । ବାଚସ୍ପତି ପଦ ପାଇଁ ବିରୋଧୀ ନିଜ ପ୍ରାର୍ଥୀ ଘୋଷଣା କରିଛି । କେ. ସୁରେଶଙ୍କୁ ବିରୋଧୀ ଦଳର ବାଚସ୍ପତି ପଦ ପାଇଁ ପ୍ରାର୍ଥୀ କରାଯାଇଛି । ସେ ଏଥିପାଇଁ ନାମାଙ୍କନ ଭରିଛନ୍ତି । ଅନ୍ୟପକ୍ଷରେ ଓମ ବିର୍ଲା ଏନଡିଏ ପକ୍ଷରୁ ଲୋକ ସଭା ବାଚସ୍ପତି ପଦ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି । କଂଗ୍ରେସ ସାଧାରଣ ସମ୍ପାଦକ କେସି ଭେଣୁଗୋପାଲ କହିଛନ୍ତି ଯେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ସହ ଆଲୋଚନା ପରେ ସହମତି ହୋଇପାରି ନାହିଁ । ଏଣୁ ବିରୋଧୀ ଦଳ ଲୋକ ସଭା ବାଚସ୍ପତି ନିର୍ବାଚନ ଲଢ଼ିବେ । ବିରୋଧୀ ଦଳକୁ ଉପ-ବାଚସ୍ପତି ପଦବୀ ଦେବାକୁ ସରକାର ଅନିଚ୍ଛା ପ୍ରକାଶ କରୁଥିବା ସେ ଅଭିଯୋଗ କରିଛନ୍ତି । ସେପଟେ ଡିଏମକେ ନେତା ଟିଆର ବାଲୁ ମଧ ରାଜନାଥ ସିଂହଙ୍କ କାର୍ଯ୍ୟାଳୟରୁ ବାହାରି ଲୋକ ସଭା ବାଚସ୍ପତି ପଦ ପାଇଁ ଏନଡିଏ ପ୍ରାର୍ଥୀଙ୍କୁ ସମର୍ଥନ ଜଣାଇବାକୁ ମନା କରି ଦେଇଛନ୍ତି । କଂଗ୍ରେସର ପୂର୍ବତନ ସଭାପତି ରାହୁଲ ଗାନ୍ଧି କହିଛନ୍ତି ଯେ ବିରୋଧୀ ଦଳକୁ ଡେପୁଟି ସ୍ପିକର ପଦ ପ୍ରଦାନ କରିବାର ପରମ୍ପରା ରହିଛି । କିନ୍ତୁ ଏଯାଏ କୌଣସି କଲ୍ ଆସିନାହିଁ । ତେଣୁ ବିଜେପିର ଉଦ୍ଦେଶ୍ୟ ଆଦୌ ସ୍ୱଚ୍ଛ ନୁହେଁ, ପ୍ରକୃତରେ ମୋଦି କୌଣସି ସହମତି ଓ ସହଯୋଗ ଚାହୁଁନାହାଁନ୍ତି ବୋଲି ଏଥିରୁ ସ୍ପଷ୍ଟ ହୋଇଛି । ବୁଧବାର ଲୋକ ସଭା ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ । ବର୍ତ୍ତମାନ ପର୍ଯ୍ୟନ୍ତ ଶାସକ ଦଳ ଏବଂ ବିରୋଧୀଙ୍କ ସହମତି ଅନୁଯାୟୀ ବାଚସ୍ପତି ନିର୍ବାଚିତ ହେଉଥିଲେ । କିନ୍ତୁ ଏଥର ଏହି ପରମ୍ପରା ଭାଙ୍ଗିବାକୁ ଯାଉଥିବା ଜଣାପଡିଛି ।

## ରାହୁଲ ଗାନ୍ଧି ବିରୋଧୀ ଦଳର ନେତା

ନୂଆଦିଲ୍ଲୀ, ୨୫/୬ : ଲୋକସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାମ୍ନାରେ ରହି ଟକ୍କର ଦେବେ ରାହୁଲ ଗାନ୍ଧି । କାରଣ ରାହୁଲ ଗାନ୍ଧି ଲୋକସଭାରେ ପ୍ରଥମଥର ପାଇଁ ବିରୋଧୀ ଦଳ ନେତା ଭାବେ ନିର୍ବାଚିତ ହୋଇଛନ୍ତି । ରାହୁଲ ବିରୋଧୀ ଦଳର ନେତା



ନିର୍ବାଚିତ ହୋଇଥିବା ଆଜି କଂଗ୍ରେସ ପକ୍ଷରୁ ଘୋଷଣା କରାଯାଇଛି । ଏନେଇ କଂଗ୍ରେସ ସଂସଦୀୟ କମିଟି ଅଧ୍ୟକ୍ଷ ସୋନିଆ ଗାନ୍ଧି କାମଚଳା ବାଚସ୍ପତି ଭର୍ତ୍ତୃହରି ମହତାବଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି । କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧିଙ୍କୁ ଲୋକସଭାରେ ବିରୋଧୀ ଦଳର ନେତା ଚୟନ କରାଯାଇଥିବା ସେ ଚିଠିରେ ଅବଗତ କରାଇଛନ୍ତି । କଂଗ୍ରେସ ୱାର୍କିଂ କମିଟି(ଉଡଉ) ପକ୍ଷରୁ ରାହୁଲଙ୍କୁ ବିରୋଧୀ ଦଳର ନେତା କରିବାକୁ ଗୋଟିଏ ସଂକଳ୍ପ ପାରିତ ହୋଇଥିଲା । ରାହୁଲ ଗାନ୍ଧିଙ୍କୁ ବିରୋଧୀ ଦଳ ନେତା ପଦ ସମ୍ଭାଳିବାକୁ କୁହାଯାଇଥିଲା । କେବଳ କଂଗ୍ରେସ ନୁହେଁ, ବିରୋଧୀ ମେଣ୍ଟରେ ଥିବା ସହଯୋଗୀ ଦଳଗୁଡ଼ିକ ମଧ ରାହୁଲଙ୍କୁ ବିରୋଧୀ ଦଳ ନେତା ହେବାକୁ ପ୍ରସ୍ତାବ ଦେଇଥିଲେ । ▶▶ପୃଷ୍ଠା ୭

## ବବିଙ୍କ ଦାଦାଗିରି: ଅବୈଧ ଘର ଭାଙ୍ଗିଲେ, ସାମ୍ବାଦିକଙ୍କୁ ତାଲା ପକାଇଲେ



ଭୁବନେଶ୍ୱର, ୨୫/୬ (ନି.ପ୍ର): ନିଜର ପତିଆରା ଓ କ୍ଷମତାର ଦୁରୁପଯୋଗ କରି ସରକାରୀ କ୍ୱାର୍ଟରକୁ ରାଜପ୍ରସାଦ ପରି ବେଆଇନ ନିର୍ମାଣ କରିଥିବା ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବେ ପ୍ରତିହିଂସା ପରାୟଣ ହୋଇ ଉଠିଛନ୍ତି । ନିଜର ପତିଆରା ଓ କ୍ଷମତାର ଦୁରୁପଯୋଗ କରି ସରକାରୀ କ୍ୱାର୍ଟରକୁ ରାଜପ୍ରସାଦ ପରି ବେଆଇନ ନିର୍ମାଣ କରିଥିବା ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବେ ପ୍ରତିହିଂସା ପରାୟଣ ହୋଇ ଉଠିଛନ୍ତି । ବିଜେଡି କ୍ଷମତାଚ୍ୟୁତ ହେବା ପରେ ସେହି ଅବୈଧ ନିର୍ମାଣକୁ ଗତ ପ୍ରାୟ ୧୫ ଦିନ ହେଲା ମନମୁଖି ଭାବେ ଭାଙ୍ଗିବାରେ ଲାଗିଛନ୍ତି ବବି । ଭୁବନେଶ୍ୱରସ୍ଥିତ ବବିଙ୍କ ସରକାରୀ ଆବାସ ଭିତରେ ଥିଲା ବିଶାଳ ଆଲିଶାନ୍ ବଙ୍ଗଳା । ସେଠି ଥିଲା ତିନି ମହଲା କୋଠା, ଅଣ୍ଡର ଗ୍ରାଉଣ୍ଡ୍ ଘର, ସୁଇମିଂ ପୁଲ୍, ରୁଫ୍ ଟପ୍ କଟେଜ୍ । ଆଉ ଏସବୁକୁ ଏବେ ଭାଙ୍ଗି ମାଟିରେ ମିଶା ଯାଉଛି । ଲୁଚି ଛପି କିଛି ବ୍ୟକ୍ତି ଏହି କ୍ୱାର୍ଟର୍ସ ଭିତରେ ହୋଇଥିବା ନିର୍ମାଣକୁ ଭାଙ୍ଗିବାରେ ଲାଗିଛନ୍ତି । ତେବେ କାହିଁକି ଓ କିଏ ଏହାକୁ ଭାଙ୍ଗୁଛି ସେଥିପାଇଁ କୌଣସି ସ୍ପଷ୍ଟ ସୂଚନା ମିଳିପାରିନି । କେଉଁ ଉଦ୍ଦେଶ୍ୟରେ ବବିଙ୍କ ସରକାରୀ ଘରେ ଏତେ ବଡ଼ ଆଲିଶାନ କୋଠା ନିର୍ମାଣ ହୋଇଥିଲା । ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ସରକାରୀ ଭାବେ ଖର୍ଚ୍ଚ ହୋଇଛି ମାତ୍ର ୯ ଲକ୍ଷ । ତେବେ କୋଟି କୋଟି ଟଙ୍କା କିଏ ଓ କେଉଁ ଉଦ୍ଦେଶ୍ୟରେ ନିର୍ମାଣ ପାଇଁ ଦେଲା କିଏ ତାହା ଏବେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ▶▶ପୃଷ୍ଠା ୭

## ଖୋଲିବ ଖଣି ଦୁର୍ନୀତି ପେଡ଼ି: ଜେଲ୍ ଯିବେ ବାବୁ ଓ ମାଫିଆ



ଭୁବନେଶ୍ୱର, ୨୫/୬ (ନି.ପ୍ର): ଖୋଲିବ ଖଣି ଦୁର୍ନୀତି ପେଡି । ଜେଲ୍ ଯିବେ ଖଣି ମାଫିଆଙ୍କ ସହ ମଧୁଚନ୍ଦ୍ରିକାରେ ଥିବା ଅଧିକାରୀ । ଶାହ କମିଶନ ନିର୍ଦ୍ଦେଶ ଅନୁସାରେ କେବଳ ଜରିମାନା ଦେଇ ଖସି ଯାଇଥିବା ଖଣି ମାଲିକ, ମାଫିଆ, ନେତା ଓ ଅଧିକାରୀଙ୍କୁ କାଠଗଡାକୁ ଟାଣିବାକୁ ମୋହନ ଚରଣ ମାଝୀ ସରକାରର ପ୍ରସ୍ତୁତି ଆରମ୍ଭ କଲେଣି । ବିଜେଡି ସରକାରରେ ସବୁଠୁ ବଡ ଦୁର୍ନୀତି ଖଣି ଦୁର୍ନୀତିର ଚେର ଖୋଜିବାରେ ଲାଗି ପଡିଛନ୍ତି ନୂଆ ବିଜେପି ସରକାର । ଦାୟିତ୍ୱ ନେବାର ୧୫ ଦିନ ନହେଉଣୁ, ସିଧାସଳଖ ଖଣି ମାଫିଆଙ୍କୁ ନିଶାନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ ହେଲା ପରେ ପ୍ରଥମ ଥର ପାଇଁ ନିଜ ଜନ୍ମମାଟି କେନ୍ଦୁଝର ଗସ୍ତରେ ଯାଇଥିବା ବେଳେ ପୂର୍ବ ସରକାର ଉପରେ ଗର୍ଜିଛନ୍ତି ମୋହନ ଚରଣ ମାଝୀ । ସେ କହିଛନ୍ତି, କେନ୍ଦୁଝର ଖଣି ଲୁଟ୍‌ରେ ସେତେବେଳର ରାଜ୍ୟ ସରକାର ସମ୍ପୃକ୍ତ ରହିଛନ୍ତି । ୨୦୧୯ ମସିହାରେ ବିଧାନସଭାରେ ▶▶ପୃଷ୍ଠା ୭

## ସାମ୍ବାଦିକାଙ୍କ ଉପରକୁ କୁକୁର ଛାଡ଼ିଦେଲେ ବିଜେଡ଼ି ନେତା



ଭୁବନେଶ୍ୱର, ୨୫/୬ (ନି.ପ୍ର): ବିଜେଡିର ତୃତୀୟ ପାୱାରଫୁଲ୍ ନେତା ବବି ଓରଫ ପ୍ରଣବ ପ୍ରକାଶ ଦାସଙ୍କ ଘର ଭଙ୍ଗାର କଭରେଜ୍ ବେଳେ କର୍ତ୍ତବ୍ୟରତ ମହିଳା ସାମ୍ବାଦିକାଙ୍କ ଉପରକୁ ବିଜେଡି ନେତା କୁକୁର ଛାଡ଼ିଦେଇଥିବା ଅଭିଯୋଗ ହୋଇଛି । ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ବିରୋଧରେ ଆଜି ଏଭଳି ସାଂଘାତିକ ଅଭିଯୋଗ ଆଣିଛି ଏକ ଘରୋଇ ନ୍ୟୁଜ୍ ଚ୍ୟାନେଲ୍ । ଏନେଇ ସମ୍ପୃକ୍ତ ଘରୋଇ ଚ୍ୟାନେଲ ପକ୍ଷରୁ କ୍ୟାପିଟାଲ ଥାନାରେ ଏତଲା ଦିଆଯାଇଛି । ରଘୁନନ୍ଦନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି । ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ▶▶ପୃଷ୍ଠା ୭

## ବନ୍ଦ ରହିବ ମହାପ୍ରଭୁଙ୍କ ନବଯୌବନ ଦର୍ଶନ



ପୁରୀ, ୨୫/୬ (ନି.ପ୍ର): ନୀତିକାନ୍ତି ଶୃଙ୍ଖଳିତ କରିବା ପାଇଁ ମହାପ୍ରଭୁଙ୍କ ନବଯୌବନ ଦର୍ଶନ ବନ୍ଦ ରହିବ । ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁମାନେ ପ୍ରବେଶ କରିପାରିବେ ନାହିଁ । ପହଣ୍ଡି ଟିକେଟ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି । ସମୟ କମ୍ ଥିବାରୁ ଭିଡ଼ ନିୟନ୍ତ୍ରଣ ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟିରେ ଆଜି ଏପରି ନିଷ୍ପତ୍ତି ନେଇଛି । ତେଣୁ ପହଣ୍ଡି ପରେ ମହାପ୍ରଭୁ ରଥ ଉପରରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ । ଚଳିତବର୍ଷ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ରଥଯାତ୍ରା ଗୋଟିଏ ଦିନରେ ପଡୁଛି । ତେଣୁ ୧୯୭୧ ମସିହାରେ ହୋଇଥିବା ନୀତିକାନ୍ତି ଅନୁସାରେ ଏଥର ମହାପ୍ରଭୁଙ୍କ ରଥଯାତ୍ରା ହେବ । ନିଷ୍ପତ୍ତି ଅନୁସାରେ ଜୁଲାଇ ୭ ତାରିଖ ଅପରାହ୍ନ ୫ଟାରେ ରଥ ଟଣାଯିବ । ଦିନ ୧ଟା ୧୦ ମିନିଟ୍‌ରେ ପହଣ୍ଡି ଆରମ୍ଭ ହୋଇ ସାଢେ ଦୁଇଟାରେ ଶେଷ ହେବ । ତା'ପୂର୍ବଦିନ ଅର୍ଥାତ ଜୁଲାଇ ୬ ତାରିଖରେ ସକାଳ ଧୂପ ପରେ ପଟିଦିଅଁଙ୍କଠାରୁ ରଥ ଖଳାକୁ ଆଜ୍ଞାମାଳ ବିଜେ କରାଯିବ । ସନ୍ଧ୍ୟା ଧୂପ ପରେ ଧ୍ୱଜା ଆଜ୍ଞାମାଳ ବିଜେ କରିବ । ସେପଟେ ନୀତିକୁ ଶୃଙ୍ଖଳିତ କରିବା ପାଇଁ ନବଯୌବନ ଦର୍ଶନ ଓ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବେଶ ବନ୍ଦ ରହିବ । ପହଣ୍ଡି ଟିକେଟ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛି ଶ୍ରୀମନ୍ଦିର ପରିଚାଳନା କମିଟି । ତେଣୁ ଶ୍ରୀଗୁଣ୍ଡିଚା ଦିନ ପହଣ୍ଡି ପରେ ରଥ ଉପରେ ମହାପ୍ରଭୁ ଶ୍ରଦ୍ଧାଳୁ ଦର୍ଶନ ଦେବେ । ସେହିପରି ସେବାୟତ ପରିବାରମାନଙ୍କୁ କେବଳ ନବଯୌବନ ଦର୍ଶନ କରିବାର ସୁଯୋଗ ମିଳିବ ବୋଲି ଅନୁମୋଦନ ▶▶ପୃଷ୍ଠା ୭

## ପ୍ରଶ୍ନପତ୍ର ଲିକ୍ ମାଫିଆଙ୍କ ମୁହଁରେ 'ନିଟ୍ ସତ': ୩୦୦ କୋଟି ଟଙ୍କା ପାଇଁ ହୋଇଥିଲା ମସୁଧା




ନୂଆଦିଲ୍ଲୀ, ୨୫/୬ : ମେଡିକାଲ ପ୍ରବେଶିକା ବା ନିଟ୍-ୟୁଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଓ ବ୍ୟାପକ ଅନିୟମିତତାକୁ ନେଇ ଦେଶ ଭରି ବିବାଦ ଲାଗି ରହିଛି । ଏହାକୁ ନେଇ ଦେଶର ଶିକ୍ଷା ବ୍ୟବସ୍ଥା ଉପରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହାରି ମଧ୍ୟରେ ପୂର୍ବରୁ ପ୍ରଶ୍ନପତ୍ର ଲିକ୍ କରି ଗିରଫ ହୋଇଥିବା ଜଣେ ବ୍ୟକ୍ତି ନିଟ୍-ୟୁଜି ପେପର୍ ଲିକକୁ ନେଇ କରିଥିବା ପୂର୍ବାନୁମାନର ଏକ ଭିଡିଓ ଭାଇରାଲ୍ ହେଉଛି । ଏହି ବ୍ୟକ୍ତି ଜଣକ ହେଉଛନ୍ତି ବିଜେନ୍ଦର ଗୁପ୍ତା । ସେ ଏକାଧିକ ରାଜ୍ୟ ସରକାର ନିଯୁକ୍ତି ପରୀକ୍ଷାରେ ପେପର୍ ଲିକ୍ କରି ଗିରଫ ହୋଇଥିଲେ । ୨୦୨୩ ଓଡିଶା କର୍ମଚାରୀ ଚୟନ ଆୟୋଗ (ଓଏସଏସସି), ବିହାର ଜନସେବା ଆୟୋଗ ଏବଂ ମଧ୍ୟପ୍ରଦେଶ ଜନସେବା ଆୟୋଗ ପ୍ରଶ୍ନପତ୍ର ଲିକ୍ ମାମଲାରେ ଜଡିତ ଥିଲେ । ବିଜେନ୍ଦର ମାର୍ଚ୍ଚରେ ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ହେବ ବୋଲି ଦାବି କରି ଏକ ଭିଡିଓ ପୋଷ୍ଟ କରିଥିଲେ, ଯାହା ଏବେ ▶▶ପୃଷ୍ଠା ୭

## ଜାମିନ୍ ମିଳିବା ପ୍ରସଙ୍ଗରେ ଅରବିନ୍ଦ କେଜ୍ରିୱାଲଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଝଟକା



ନୂଆଦିଲ୍ଲୀ, ୨୫/୬ : ମଦ ଦୁର୍ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ହାଇକୋର୍ଟରୁ ଲାଗିଲା ଝଟକା । ଦିଲ୍ଲୀ ହାଇକୋର୍ଟ କେଜ୍ରିୱାଲଙ୍କ ଜାମିନ୍ ଆବେଦନ ନେଇ ତଳ କୋର୍ଟ ଦେଇଥିବା ରାୟ ଉପରେ ରୋକ୍ ଲଗାଇଛନ୍ତି । ଜଷ୍ଟିସ୍ ସୁଧୀର କୁମାର ଜୈନଙ୍କ ଖଣ୍ଡପୀଠ ରାଉଜ୍ ଆଭିନ୍ୟୁ କୋର୍ଟର ଫୈସଲା ଉପରେ ରୋକ୍ ଲଗାଇଛନ୍ତି । କୋର୍ଟ ଏହି ମାମଲାରେ ଶୁଣାଣି କରି କହିଛନ୍ତି ଯେ, ତଳ କୋର୍ଟର ଅବକାଶକାଳୀନ ବେଞ୍ଚ କେଜ୍ରିୱାଲଙ୍କୁ ଜାମିନ୍ ଦେବା ସମୟରେ ନିଜ ବିବେକର ବ୍ୟବହାର କରିଥିଲେ । ହେଲେ ତଳ କୋର୍ଟ ଇଡିର ଦସ୍ତାବିଜ ଉପରେ ଗୁରୁତ୍ୱ ଦେଇନଥିଲେ । ତେଣୁ ତଳ କୋର୍ଟର ରାୟ ଉପରେ ରୋକ୍ ଲଗାଇଛନ୍ତି ହାଇକୋର୍ଟ । ସୂଚନାଯୋଗ୍ୟ ଯେ, ତଳ କୋର୍ଟରେ କେଜ୍ରିୱାଲଙ୍କୁ ଜାମିନ୍ ମିଳିଥିଲା । ହେଲେ ଏହାପରେ ହାଇକୋର୍ଟ ଏହା ଉପରେ ରୋକ୍ ଲଗାଇ ଦେଇଥିଲେ । ଇଡି ଏହି ମାମଲାରେ ହାଇକୋର୍ଟର ଦ୍ୱାରସ୍ଥ ହେଇଥିଲା । ଆଉ ଅଭିଯୋଗ କରିଥିଲା ଯେ, ତଳ କୋର୍ଟ ଏକତରଫା ଭାବେ ରାୟ ଶୁଣାଇ କେଜ୍ରିୱାଲଙ୍କୁ ଜାମିନ୍ ଦେଇଛନ୍ତି ।

# ଅବ୍ୟବସ୍ଥା ଘେରରେ ପିତଳ ଡାକ୍ତରଖାନା

ଗଞ୍ଜାମ, ୨୫/୬ (ନି.ପ୍ର): ଶେରଗଡ଼ ବ୍ଲକର ପିତଳ ଡାକ୍ତରଖାନା ସବୁକିଛି ନାହିଁ ନାହିଁରେ ଚାଲିଛି। ପୁରାତନ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁଇ ଜଣ ଡାକ୍ତର, ଫାର୍ମାସିଷ୍ଟ, ନର୍ସ, ଆଟେନ୍ଡ଼ର, ଡ୍ରେସର ମ୍ୟାନ, ସୁଇପର, ରୋଗୀଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ପାଇଁ ରୋଷେୟା ନିଯୁକ୍ତି ପାଇଥିଲେ। ଏହି ଡାକ୍ତରଖାନାଟି ଦଶଶଯ୍ୟା ବିଶିଷ୍ଟ ଡାକ୍ତରଖାନାର ମାନ୍ୟତା ପାଇଥିବା ବେଳେ ବର୍ତ୍ତମାନ ଏସବୁ ବ୍ୟବସ୍ଥା ଉଭାନ ହୋଇଯାଇଛି। ଏହି ଡାକ୍ତରଖାନା ଉପରେ ପ୍ରାୟ ୨୦ଟି ଗ୍ରାମର ଜନସାଧାରଣ ନିର୍ଭର କରୁଛନ୍ତି। ବର୍ତ୍ତମାନ ଡାକ୍ତରଖାନାର ଚିତ୍ର ବଦଳି ଯାଇଛି। ଚକାଚକ ବିଲ୍ଡିଂ ହୋଇଛି, ହେଲେ ସ୍ଥାୟୀ ଡାକ୍ତର ନାହାଁନ୍ତି, ଚାରି- ଛଅ ମାସରେ ଥରେ ଜଣେ କନଟ୍ରାକଚୁଏଲ ଡାକ୍ତର ବଦଳି ହେଉଛନ୍ତି। ସ୍ଥାୟୀ ଫାର୍ମାସିଷ୍ଟ ନାହାଁନ୍ତି। ଜଣେ ଆୟୁଷଡାକ୍ତର ଅଛନ୍ତି। ଷ୍ଟାଫ୍ ନର୍ସ, ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା, ସୁଇପର ମଧ୍ୟ ନାହାନ୍ତି। ବଡ଼ ଦୟନୀୟ ଅବସ୍ଥାରେ ଏହି ଡାକ୍ତରଖାନା ଚାଲିଛି। ତୁରନ୍ତ ଏହି ଡାକ୍ତରଖାନାରେ ଜଣେ ଏଲଏଇଚଭି, ସୁଇପର , ଷ୍ଟାଫ୍ ନର୍ସ ନିଯୁକ୍ତି କରିବାକୁ ପିତଳ ହସ୍ପିଟାଲର ଚିକିତ୍ସାଧିକାରୀ ଡାକ୍ତର ମାନସ କୁମାର ବିଷୋଇ ଗଞ୍ଜାମ ସିଡିଏମଓଙ୍କୁ ଗତ ୬ ତାରିଖରେ ପତ୍ର ଲେଖି ଅନୁରୋଧ କରିଛନ୍ତି।

# ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଜିଲ୍ଲା ପରିକ୍ରମା

କେନ୍ଦ୍ରାପଡ଼ା, ୨୫/୬ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନ ଦ୍ୱାରା ଶିଶୁ ଶ୍ରମ ମୁକ୍ତ ଓଡ଼ିଶା ଆମର ସଂକଳ୍ପକୁ ନେଇ ଜିଲ୍ଲାରେ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥକୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ରଥଟି ଜିଲ୍ଲାର ସମସ୍ତ ବ୍ଲକ ଓ ପଂଚାୟତଗୁଡ଼ିକ ପରିକ୍ରମା କରି ଶିଶୁମାନଙ୍କୁ ଶ୍ରମିକ ଭାବେ କୌଣସି କାର୍ଯ୍ୟରେ ନଲଗାଇବା ପାଇଁ ସଚେତନ କରାଇବ ବୋଲି ଜଣାପଡ଼ିଛି। ଏଥିସହିତ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜିଲ୍ଲା ସମ୍ମିଳନୀ କକ୍ଷରେ ଏକ ସଭାର ଆୟୋଜନ ହୋଇଥିଲା। ଆୟୋଜିତ ଏହି ସଭାରେ ଜିଲ୍ଲା ଶ୍ରମ ଅଧିକାରୀ ଚନ୍ଦନ ମାଝି, ଡିସିପିଓ ବିଜୟ କେତନ ସାହୁ, ସିଡବ୍ଲ୍ୟୁସି ସାଗରିକା ପାତ୍ର, ଡିପିସି ମମତା ମନୋରଞ୍ଜନ ଦାସ, ଡିଇଓ ପ୍ରଦିପ କୁମାର ନାଗ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାର କୌଣସି ବ୍ୟବସାୟିକ ଅନୁଷ୍ଠାନ, କଳ କାରଖାନା କିମ୍ବା ଘରେ କୌଣସି ଶିଶୁ ଶ୍ରମିକ କାର୍ଯ୍ୟରେ ଲଗାଇଲେ ନିୟମ ଅନୁଯାୟୀ ଜରିମାନା ସହିତ ଜେଲ୍ ମଧ ହୋଇପାରେ। ଜିଲ୍ଲାକୁ ଶିଶୁ ଶ୍ରମିକ ମୁକ୍ତ କରିବା ପାଇଁ ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏ.ଏଲ୍.ଓ. ଅଶୋକ କୁମାର ମୁର୍ମୁ, ରାକେଶ ସିଂହ, ପଲ୍ଲିଶ୍ରୀ ମହିଳା ସମିତିର ଶ୍ରୀକାନ୍ତ କୁମାର ନାୟକଙ୍କ ସହିତ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

# ନୂଆଗୁଡା ଜଙ୍ଗଲରେ ଅବକାର ଚଢ଼ଉ

ଜୟପୁର, ୨୫/୬ (ନି.ପ୍ର): ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ନୂଆଗୁଡା ଜଙ୍ଗଲରେ ଅବକାରି ଚଢଉ ହୋଇଛି । ମଦ ପ୍ରସ୍ତୁତ କରିବା ସହ ଲୁଚାଇ ରଖିଥିବା ସୂଚନା ପାଇ ଅବକାରି ଥାନା ପକ୍ଷରୁ ଆଜି ଚଢଉ କରାଯାଇଛି । ଚଢଉ ଖବର ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ୨ଟି ମଦ ଭାଟି ଭାଙ୍ଗିବା ସହ ୯ ଶହ ଲିଟର ପୋଚ ଓ ୮୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି। ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଛି । କେତେକ ଡ୍ରମକୁ ନିଆଁ ଲଗାଇ ନଷ୍ଟ କରିଥିବା ବେଳେ ମାଟି ହାଣ୍ଡିକୁ ଭଙ୍ଗାଯାଇଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ନିଳାଦ୍ରି ବିହାରି ମିଶ୍ର ସୂଚନା ଦେଇଛନ୍ତି।

# ସୁନାନଗର ଘାଟିରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ୨ ମୃତ ଚାରି ଆହତ

ମାଲକାନଗିରି, ୨୫/୬ (ନି.ପ୍ର): ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ଗ୍ରାମ ନିକଟସ୍ଥ ସୁନାନଗର ଘାଟିରେ ଘଟିଯାଇଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଘଟଣାଅନୁଯାୟୀ ଚିତ୍ରକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ ଓ ଅତିରିକ୍ତ ଶିକ୍ଷାଧିକାରୀ ଅଞ୍ଜନ କୁମାର ଚୋ ?ଧୁରୀ କୁଡୁମୁଲୁଗୁମ୍ମା ଠାରେ ଥିବା କାର୍ଯ୍ୟାଳୟ ରୁ ଆଜି ଅପରାହ୍ନ ରେ ନିଜର ଦୈନନ୍ଦିନ ସରକାରୀ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଘରକୁ ଯିବା ପାଇଁ ମୋଟରସାଇକେଲରେ ଯୋଗେ ବାହାରି ଥିଲେ । ଯିବା ସମୟରେ ଆଲାଙ୍ଗଗୁଡା ଗ୍ରାମ ନିକଟରେ ସମ୍ମୁଖରୁ ଦୃତ ଗତିରେ ଆଗରୁ ଆସୁଥିବା ଏକ ମୋଟର ସାଇକେଲ ତାଙ୍କ ଆଡ଼କୁ ମାଡି ଆସିଥିଲା, ହଠାତ୍ କୌଣସି ଉପାୟ ନପାଇ ଶ୍ରୀ ଚୈଧୂରୀ ମୋଟରସାଇକେଲର ବ୍ରେକ ମାରିଥିଲେ ଫଳରେ ତାଙ୍କ ପଛରେ ଆସୁଥିବା ଆଉ ଦୁଇଟି ମୋଟର ସାଇକେଲ ପଛକୁ ପଛ ଧକ୍କା ଦେଇଥିଲେ । ଏହି ଧକ୍କା ଏତେ ଜୋରଦାର ହୋଇଥିଲା ଯେ ତିନୋଟି ଗାଡ଼ିରେ ଥିବା ସମସ୍ତ ଛଅ ଜଣ ରାସ୍ତାରେ କଚାଡି ହୋଇ ପଡ଼ିଥିଲେ ଓ ସମ୍ମୁଖ ଦିଗରୁ ଆସିଥିବା ଅଜଣା ଚାଳକ ଜଣକ ଚଂଚକତା କରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି । ତୁରନ୍ତ ଆମ୍ବୁଲାନ୍ସରେ ଉକ୍ତ ଦୁର୍ଘଟଣାରେ ଆହତ ବ୍ୟକ୍ତି ମାନଙ୍କୁ କୁଡୁମୁଲୁଗୁମ୍ମା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା ଯେଉଁଠି ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ, ଆହତ ଶ୍ରୀ ଅଞ୍ଜନ କୁମାର ଚୌଧୁରଙ୍କୁ ମୃତ ଘୋଷଣା କରିଥିଲେ ଓ ଅନ୍ୟ ଆହତ ମାନେବ୍ଲକ ଶିକ୍ଷାଧିକାରୀ ହେଲେ ସୁଶ୍ରୀ ଗାୟତ୍ରୀ ଦେବୀ, ନାଗାର୍ଜୁନ କିର୍ଷାନୀ,ଧନ କିର୍ଷାନୀ, ଜୟ କିର୍ଷାନୀ ଓ ବିମଳା ହନ୍ତାଳଙ୍କୁ ଉତ୍ତମ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ ଓ ସଦ୍ୟ ଖବର ମୁତାବକ ଜୟ କିର୍ଶନୀ ନାମକ ଆଉ ଜଣେ ଆହତ ଆମ୍ବୁଲାନ୍ସରେ ମାଲକାନଗିରି ଯିବା ବାଟରେ ହିଁ ମୃତ୍ୟୁ ହୋଇଯାଇଛି ! ଶ୍ରୀ ଚୈଧୂରୀ ଜଣେ ମିଷ୍ଟଭାଷୀ ଓ ମେଳାପି ସ୍ୱଭାବର ବ୍ୟକ୍ତିଙ୍କ ମୃତ୍ୟୁ ଖବର ଶୁଣି ସମଗ୍ର ଅଂଚଳରେ ଶୋକର ଛାୟା ଖେଳିଯାଇଛି, ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ଶିକ୍ଷକ ସଂଘ ସଭାପତି ଓ ଅନ୍ୟାନ୍ୟ ଶିକ୍ଷକ ଭାଇ ମାନେ ମଧ ଉକ୍ତ ଘଟଣାରେ ପ୍ରାଣ ହରାଇଥିବା ଶ୍ରୀ ଚୈଧୂରୀଙ୍କ ପ୍ରତି ସମବେଦନା ଜ୍ଞାପନ କରି ପରିବାର ସଦସ୍ୟଙ୍କୁ ଏଭଳି ଦୁର୍ବଳ ମୁହୂର୍ତ୍ତରେ ଧର୍ଯ୍ୟ ରଖିବାକୁ ଅନୁରୋଧ କରିଛନ୍ତି ।

# ଜଣ୍ଡିସ ଆକ୍ରାନ୍ତଙ୍କ ସଂଖ୍ୟା ୮୨ ଛୁଇଁଲା

ସମ୍ବଲପୁର, ୨୫/୬ (ନି.ପ୍ର): ଏକ ଦଶନ୍ଧି ପରେ ସମ୍ବଲପୁର ମହାନଗର ଅଂଚଳରେ ଜଣ୍ଡିସ୍ ଫେରିବା ସହ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି । ଏହାକୁ ନେଇ ମହାନଗରବାସୀ ଚିନ୍ତାରେ ପଡ଼ିଛନ୍ତି । ଜିଲ୍ଲାପାଳଙ୍କ ସୂଚନା ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ୮୨ ଜଣ ଚିହ୍ନଟ ହୋଇଛନ୍ତି। ଗତ କାଲି ପର୍ଯ୍ୟନ୍ତ ଏହି ସଂଖ୍ୟା ୭୪ ରହିଥିଲା । ଗୁପ୍‌ଚୁପ୍, ଦହିବରା ଓ ଚୁସକି ଖାଇବା ଯୋଗୁଁ ସଂକ୍ରମଣ ସମସ୍ୟା ସୃଷ୍ଟି ହୋଇଛି ବୋଲି ପ୍ରାଥମିକ ଭାବେ ଚିହ୍ନଟ ହୋଇଛି। ଗତ ୨୦୧୪ ମସିହା ପରି ଏଥର ମଧ ପିଏଚ୍‌ଡି ପାଣିକୁ ନେଇ ସଂଦେହ ସୃଷ୍ଟି ହୋଇଛି। ପ୍ରତିଦିନ ନମୂନା ସଂଗ୍ରହ ହେବା ସହ ନମୁନାର ପରୀକ୍ଷା ଚାଲିଥିବା ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ କହିଛନ୍ତି । ରିପୋର୍ଟ ଆସିବା ପରେ ସେହି ଅଂଚଳରେ ପ୍ରଶାସନ ପକ୍ଷରୁ ସଚେତନତାକୁ ଜୋରଦାର କରାଯାଉଛି । ବର୍ତ୍ତମାନ ସଂକ୍ରମିତ ଅଂଚଳରେ ଘରକୁ ଘର ବୁଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସର୍ଭେ କାର୍ଯ୍ୟ ମଧ ଚାଲିଛି। ସ୍ଥିତି ଉପରେ ସ୍ୱାସ୍ଥ୍ୟ ବିଭାଗ ନଜର ରଖିଥିବା ବେଳେ ସମସ୍ତଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ସଂକ୍ରମିତଙ୍କ ଠାରେ ଜଣ୍ଡିସ୍ ର ଆଂଶିକ ପ୍ରଭାବ ରହିଛି । ବର୍ତ୍ତମାନ ସୁଦ୍ଧା କେହି ଡାକ୍ତରଖାନାରେ ଭର୍ତ୍ତି ହୋଇ ନାହାନ୍ତି । ସହରର କୁମ୍ଭାରପଡା, ସାଲିଆବଗିଚା, ପେନସନପଡା ଓ ଧୋବାପଡା ଅଂଚଳରୁ ମୋଟ୍ ୮୨ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିରେ ଶିଶୁଙ୍କ ସଂଖ୍ୟା ଅଧିକ ରହିଛି । ଅନ୍ୟପକ୍ଷରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଦୁଇ ଜଣିଆ ବିଶେଷଜ୍ଞ ଟିମ ସ୍ଥିତି ର ଅନୁଧ୍ୟାନ କରିଛନ୍ତି।

# ଫରେଷ୍ଟରଙ୍କୁ ଆକ୍ରମଣ: ନାବାଳକକୁ କାବୁ କଲା ପୋଲିସ

ଜୟପୁର, ୨୫/୬ (ନି.ପ୍ର): ଜୟପୁରରେ କାର୍ଯ୍ୟରତ ଫରେଷ୍ଟରଙ୍କୁ ଆକ୍ରମଣ ମାମଲାରେ ନାବାଳକକୁ ବାବୁ କଲା ଟାଉନ ପୋଲିସ । ପୋଲିସ ସୂଚନା ଅନୁଯାଇ, ଏଲଆଇସି କଲୋନି ନିକଟରେ ଗଛ କଟାଯାଉଥିବା ସୂଚନା ପାଇ ଫରେଷ୍ଟର ରଞ୍ଜିତା ନାୟକ ପହଂଚି ତଦନ୍ତ କରୁଥିଲେ । ତଦନ୍ତ ସମୟରେ ନିକଟରେ ଥିବା ନାବାଳକ ଜଣକ ମହିଳା ଫରେଷ୍ଟରଙ୍କୁ କମେଂଟ ମାରିବା ସହ ଠେଲାପେଲା କରିଥିଲେ । ଫଳରେ ମହିଳା ଫରେଷ୍ଟର ଜଣକ ଆହତ ହୋଇଛନ୍ତି । ସେ ଏନେଇ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ୨୦୫/୨୪ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ନାବାଳକକୁ କାବୁ କରି ଜୁଭେଲାଇନ ଜଷ୍ଟିସ ବୋର୍ଡଙ୍କ ନିକଟରେ ହାଜର କରିଥିବା ବିଷୟ ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି ।

# ତିନିଦିନିଆ କ୍ରୀଡ଼ାଙ୍ଗନ ତାଲିମ ଶିବିର ଉଦ୍‌ଘାଟିତ

ନୂଆପଡ଼ା, ୨୫/୬ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ନେଇ ତିନିଦିନିଆ କ୍ରୀଡାଙ୍ଗନ ତାଲିମ ଶିବିର ଖଡ଼ିଆଳ ବ୍ଲକ ଲୋହରାପାଲି ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ଦଣ୍ଡସେନା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ଗୋଷ୍ଠି ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାଏକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ମହେଶ କୁମାର ଦଣ୍ଡସେନା ଓ ସାଧନା କର୍ମୀ ଶାରୀରିକ ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନୀ ଯୋଗଦାନ କରି କାର୍ଯ୍ୟକ୍ରମ ଟିଙ୍କୁ ସୁଭ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ସରକାରୀ ଉଚ୍ଚ ବିଦ୍ୟାଳୟ ଲୋହରାପାଲି ଠାରେ ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହେଉଛି। ଖଡ଼ିଆଳ ବ୍ଲକ ତାଲିମ ଶିବିରର ସ୍ୱାଗତ ସମ୍ଭାଷଣ ଶାରିରୀକ ଶିକ୍ଷକ ରତନ ସିଂ ବାରିକ ପ୍ରଦାନ କରିଥିବା ବେଳେ ଶାରିରୀକ ଶିକ୍ଷକ ଧନଞ୍ଜୟ ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ। ଖଡ଼ିଆଳ ବ୍ଲକର ୩୦ ଗୋଟି ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପୂର୍ଣ୍ଣ ସହଯୋଗ କରିଥିଲେ।

# ସ୍ୱାତୀର ରୌପ୍ୟ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର ଓ ବୃକ୍ଷରୋପଣ

କନ୍ଧମାଳ, ୨୫/୬ (ନି.ପ୍ର): କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବି ଅନୁଷ୍ଠାନ ସ୍ୱାତୀ ତାର ୨୫ ବର୍ଷ ପୁରଣ ଅବସରରେ ଅନୁଷ୍ଠାନ ପକ୍ଷରୁ ଦସ୍ୱବ ଦିନିଆ ରୌପ୍ୟ ଜୟନ୍ତୀ ଉତ୍ସବ, କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି କାର୍ଯ୍ୟାଳୟ ଠାରେ ପାଳିତ ହୋଇଯାଇଛି। ଦ୍ୱିତୀୟ ଦିବସରେ ସମାଜର ବିକାଶ ରେ ସ୍ୱେଚ୍ଛାସେବି ଅନୁଷ୍ଠାନର ଭୂମିକା ସମ୍ପର୍କିତ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜି. ଉଦୟଗିରି ବିଜ୍ଞାପିତ ଅଂଚଳ ପରିଷଦ ଅଧକ୍ଷା ଦେବସ୍ମିତା ଶତପଥି ଯୋଗଦେଇ କନ୍ଧମାଳ ଜିଲ୍ଲାର ବିକାଶରେ ସ୍ୱାତୀ ଅନୁଷ୍ଠାନର ଗୁରୁଦାୟିତ୍ୱକୁ ତାଙ୍କର କର୍ମୀ ଓ ପରିଚାଳନା ପରିଷଦ କରିଥିବା ରୂପାନ୍ତର ନିଶ୍ଚିତ ପ୍ରସଂଶନୀୟ ବୋଲି କହିବା ସହ ଆଗାମୀ ଦିନ ଗୁଡିକରେ ମଧ ଜାରି ରଖିବେ ବୋଲି ଆଶା ପ୍ରକଟ କରିଥିଲେ। ଏଥିସହିତ ଫୁଲବାଣୀ ଆକ୍ସନ ଗୃପ୍‌ର ଅଧକ୍ଷ ତଥା ନିପିଡିତ ଅନୁଷ୍ଠାନର ମୁଖ୍ୟ ରାମଚନ୍ଦ୍ର ଦାଶ ଉପସ୍ଥିତ ରହି ସମାଜ ସେବାରେ କିପରି ଆନ୍ତରିକତା ଓ ଉତରଦାୟିତ୍ୱତାର ଆବଶ୍ୟକତା ରହିଛି ତାହା ତାଙ୍କ ବକ୍ତବ୍ୟରେ କହିଥିଲେ। ସେହିପରି ଜି. ଉଦୟଗିରି ବ୍ଲକ୍ ଅଧକ୍ଷା ସୁସମା ପ୍ରଧାନ ସମ୍ମାନୀତ ଅତିଥି ଭାବରେ ତାଙ୍କ ବକ୍ତବ୍ୟ ରେ ସାମାଜିକ ଅନୁଷ୍ଠାନ ମାନଙ୍କ ର ନିଷ୍ଠାପରତା ଆଜି ସ୍ୱାତୀ ତାର ୨୫ ବର୍ଷ ପାଳନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି ବୋଲି କହିଥିଲେ। ସୁଦୂର ଭୁବନେଶ୍ୱରରୁ ଜଣେ ଜଣାଶୁଣା ସମାଜସେବି ସୁଦର୍ଶନ ଛୋଟରାୟ କାର୍ଯ୍ୟକ୍ରମ ରେ ଯୋଗ ଦେଇ ୨୫ ବର୍ଷ କର୍ମଶୈଳି ରେ ସ୍ୱାତୀ ଗୋଷ୍ଠି ସ୍ତରରୁ ସାଉଁଟିଥିବା ଶ୍ରଦ୍ଧା ଓ ଭଲପାଇବାକୁ ପାଥେୟ କରି ଆଗାମି ଦିନରେ ଅଧିକ ଫୋକସ୍ ରେ କାର୍ଯ୍ୟ କରିବାକୁ ପଡିବ ବୋଲି କହିଥିଲେ। ସେହିପରି ବିଭିନ୍ନ ସ୍ୱେଚ୍ଛାସେବୀ ଓ ସହଯୋଗି ଅନୁଷ୍ଠାନ ର କର୍ମକର୍ତା ମାନେ ସାମିଲ ହୋଇ ସେମାନଙ୍କ ର ସୁଭେଚ୍ଛା ବାଂଟିବା ସହ ଆଗାମି ଦିନରେ ବଢିବା ପାଇଁ ପ୍ରେରଣା ଦେଇଥିଲେ। ଏହି ପରିପ୍ରେକ୍ଷି ରେ ସ୍ୱାତୀ, ଆମ ଓଡିଶା, ସମ୍ବାଦ, ଏଚ୍,ଡି,ଏଫ୍,ସି ବ୍ୟାଙ୍କ ଓ ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତି ଭୁବନେଶ୍ୱରଙ୍କ ମିଳିତ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ର ଆୟୋଜନ କରାଯାଇଥିଲା। ଏହି ଶିବିରରେ ସମୁଦାୟ ୪୨ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ଏହି ଶିବିରରେ ରକ୍ତ ସଂଗ୍ରହ କାର୍ଯ୍ୟ ଫୁଲବାଣୀ ରକ୍ତଭଣ୍ଡାର ଦାୟୀତ୍ୱରେ ଥିବା ଡ.ଅନିରୁଦ୍ଧ ପାଣ୍ଡାଙ୍କ ଦେଖରେଖରେ କର୍ମଚାରୀ ପ୍ରଶାନ୍ତ କୁମାର ରନ୍ଧାଲୁ,ସୁଜିତ କୁମାର ସାହୁ,ଅର୍ଚ୍ଚନା ପ୍ରଧାନ,ଜ୍ୟୋତିରଞ୍ଜନ ପୃଷ୍ଟି ଏବଂ ବରୁଣ ବେହେରା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଫୁଲବାଣୀ ରକ୍ତଭଣ୍ଡାରର ରକ୍ତ ସଂଗ୍ରହ ଯାନରେ ସଂଗୃହିତ ଏହି ଶିବିରରେ ସାମ୍ବାଦିକ ରାମକୃଷ୍ଣ ଚୌଧୁରୀ , ଅନୁଷ୍ଠାନର ବରିଷ୍ଠ କର୍ମୀ ବିଶ୍ୱରଞ୍ଜନ କର ଓ ଗିରୀଶ ଚନ୍ଦ୍ର ସାମଲ ପ୍ରମୁଖ ସହଯୋଗ କରିଥିଲେ। ଦ୍ୱିତୀୟ ଦିବସ ଆରମ୍ଭରେ ସମାଜର ମଙ୍ଗଳକାମନା କରି ଏକ ଶାନ୍ତି ଶୋଭାଯାତ୍ରା ଓ ସ୍ୱାତୀ ର ଆଗାମି ଦିନର ଶ୍ଳୋଗାନ "ସ୍ୱାତୀ ର ସ୍ୱର- ସବୁଜ ଉତରାଧିକାର" କୁ ଶୁଭାରମ୍ଭ କରି ରାସ୍ତାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ଏହି ଅବଶରରେ ୨୫ ବର୍ଷ ପୂରଣର ଏକ ସ୍ମରଣୀକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅଧକ୍ଷ ପ୍ରଶାନ୍ତ ସତପଥୀଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସଂପାଦକ ହରି ଶଙ୍କର ରାଉତ ପରିଚାଳନା କରିଥିବା ବେଳେ ପ୍ରଦିପ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନ ତରଫରୁ ସାନ୍ତନୁ କୁମାର ମିଶ୍ର, ମୃତ୍ୟୁଞ୍ଜୟ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# କେନ୍ଦ୍ରାପଡ଼ା କଲେଜର ପିଜି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନିଶ୍ଚିତ: ପ୍ରତିକାର ପାଇଁ ଭେଟିଲେ ଜିଲ୍ଲାପାଳଙ୍କୁ

କେନ୍ଦ୍ରାପଡ଼ା, ୨୫/୬ (ନି.ପ୍ର): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହା ବିଦ୍ୟାଳୟରେ ୨୦୨୨ରୁ ବିଭିନ୍ନ ବିଷୟରେ ପିଜି କ୍ଲାସ ଖୋଲିଥିଲେ ମଧ ଶିକ୍ଷାଦାନ, ପାଠ୍ୟ ବିଷୟ ଚୟନ ତଥା ଅନ୍ୟାନ୍ୟ ପରିଚାଳନା ଗତ ସମସ୍ୟାକୁ ନେଇ ଛାତ୍ର ଅଶାନ୍ତି ବଢିବାରେ ଲାଗିଛି । ଏନେଇ ପିଜି କ୍ଲାସରେ ଅଧୟନ କରୁଥିବା କେତେକ ଛାତ୍ରଛାତ୍ରୀ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ଭେଟି ଏହାର ତୁରନ୍ତ ସମାଧାନ ପାଇଁ ଦାବି କରିବା ସହ ଉଚ୍ଚତର ଶିକ୍ଷାଲାଭ କରୁଥିବା ଏହି ଛାତ୍ରଛାତ୍ରୀମାନଙ୍କ ଶିକ୍ଷାର ମାନ ବଜାୟ ରଖିବା ପାଇଁ ଦାବି ଜଣାଇଛନ୍ତି । କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟରେ ୨୦୧୭ ମସିହାରୁ ସୋସିଓଲୋଜି ରେ ପିଜି କ୍ଲାସ ଖୋଲିଥିବା ବେଳେ ଅନ୍ୟ ୧୪ଟି ବିଭାଗରେ ପିଜି କ୍ଲାସ ୨୦୨୨ ମସିହାରେ ଖୋଲିଛି । ତେବେ ସମୁଦାୟ ପିଜି କ୍ଲାସରେ ପ୍ରାୟ ୩୦୦ ଛାତ୍ରଛାତ୍ରୀ ଅଧୟନ କରୁଥିବା ବେଳେ ସେମାନଙ୍କ ଭବିଷ୍ୟତ ସଂପୂର୍ଣ୍ଣ ଅନିଶ୍ଚିନ୍ତ ହୋଇ ପଡିଥିବା ଛାତ୍ରଛାତ୍ରୀ ମାନେ ଅଭିଯୋଗ କରିଛନ୍ତି । ବର୍ଷକୁ ପ୍ରାୟ ୫୦ ହଜାର ଟଙ୍କା ପିଜି ରେ ପଢିବା ପାଇଁ କଲେଜକୁ ଦେଉଥିବା ବେଳେ ୩ ବର୍ଷ ହେଲା ଠିକ୍ ଭାବରେ ପାଠପଢା ନହେବା, ଆଡମିଟ୍ କାର୍ଡ ନମିଳିବା ଏବଂ ଭବିଷ୍ୟତରେ ପ୍ରମାଣପତ୍ର ନମିଳିବା ଭଳି ଆଶଙ୍କା ଦେଖା ଦେଇଛି । ପିଜି ଖୋଲିଥିବା ୧୪ଟି ବିଭାଗର ଅନୁମୋଦନ ନଥିବାରୁ ଛାତ୍ରଛାତ୍ରୀ ମାନେ ନିଜର ଭବିଷ୍ୟତକୁ ନେଇ ଆଶଙ୍କିତ ହୋଇ ପଡିଛନ୍ତି । ନିୟମିତ କ୍ଲାସ ନହେବା ଏବଂ +୩ ଖାତା ଦେଖିବା ପାଇଁ ପିଜି ଛାତ୍ରଛାତ୍ରୀ ମାନଙ୍କୁ ନିୟୋଜିତ କରିବା ଆଦି ଘଟଣାରୁ ବିଶୃଙ୍ଖଳା ସ୍ପଷ୍ଟ ଜଣା ପଡିଯାଉଛି। ତେବେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟ ଓ ଇନ୍ଦୁପୁର ସ୍ଥିତ ବିରୂପା ମହା ବିଦ୍ୟାଳୟ ର ଅଧକ୍ଷ ଦାୟିତ୍ୱରେ ଜଣେ ବ୍ୟକ୍ତି ଥିବାରୁ ଛାତ୍ରଛାତ୍ରୀ ମାନଙ୍କ ସମସ୍ୟା ସମାଧାନ ପାଇଁ ପର୍ଯ୍ୟାପ୍ତ ସମୟ ଦେଇ ହେଉନାହିଁ ବୋଲି ଛାତ୍ରଛାତ୍ରୀ ମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ତେବେ ଜିଲ୍ଲପାଳ ଶ୍ରୀ ମୟୂର ବିକାଶ ତୁରନ୍ତ ଏହାର ସମାଧାନ କରାଯିବ ବୋଲି ଭେଟିଥିବା ଛାତ୍ରଛାତ୍ରୀ ଈଶ୍ୱର ଦାଶ, ବିକାଶ ମହାରଣା, ପ୍ରଜ୍ଞା ପରମିତା ବଳ, ଶୁଭଶ୍ରୀ ଦାସ, ସୌଭାଗ୍ୟ ଦାସ, ଦେଶଦିପ ଦାସମାନଙ୍କୁ ପ୍ରତିଶୃତି ଦେଇଛନ୍ତି । ତେବେ ଏ ବିଷୟରେ କଲେଜର ଅଧକ୍ଷ ପ୍ରଫେସର ଅଭିଜିତ ବୋଷ ଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଯେଉଁ ସମସ୍ୟାଗୁଡିକ କଲେଜ ହାତରେ ଅଛି ସେଗୁଡିକର ସମାଧାନ ତୁରନ୍ତ କରାଯିବ ଓ ଅନ୍ୟ ଯେଉଁ ଗୁଡିକ ସରକାରଙ୍କ ନିଷ୍ପତି ଉପରେ ନିର୍ଭର କରେ ସେଗୁଡିକର ସମାଧାନ ପାଇଁ କିଛିଦିନ ସମୟ ଲାଗିବ ।

# ବିକାଶ ଲକ୍ଷ୍ୟ ହାସଲରେ ପ୍ରତିଶୃତିବଦ୍ଧତା ଓ ଗୋଷ୍ଠିଗତ ସହଭାଗିତା ପ୍ରଭାବ

କନ୍ଧମାଳ, ୨୫/୬ (ନି.ପ୍ର): ନାଗରୀକ ସମାଜ ବା ସାମାଜିକ ଅନୁଷ୍ଠାନଗୁଡିକର ପ୍ରତ୍ୟକ୍ଷ ସହଯୋଗ ଏବଂ ଗୋଷ୍ଠୀର ଭାଗୀଦାରିତା ବିନା ବିକାଶର ଲକ୍ଷ୍ୟକୁ ହାସଲ କରିବା ସମ୍ଭବ ହେବ ନାହିଁ ବୋଲି ସ୍ୱାତୀ ଦ୍ୱାରା ଆୟୋଜିତ ସିଲ୍ଭର୍ ଜୁବଲି ପାଳନ ଅବସରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଦ୍ୱାରା ଦୁଇଦିନ ଧରି ଅନୁଷ୍ଠାନର ଜି.ଉଦୟଗିରି ସ୍ଥିତ କାର୍ଯ୍ୟାଳୟ ଠାରେ ଏହାର ୨୫ ବର୍ଷ ପୂର୍ତ୍ତୀ ଅବସରରେ ପୂରାତନ ଓ ନୂତନ କର୍ମୀମାନଙ୍କୁ ଏକାଠି କରି ଏକ ସମ୍ମିଳନୀ ଆରମ୍ଭ ହୋଇଯାଇଛି। ଏହାର ପ୍ରଥମ ଦିବସରେ ରବିବାର ଦିନ ଅନୁଷ୍ଠାନ ଦ୍ୱାରା କନ୍ଧମାଳ, ଗଂଜାମ, ଖୋର୍ଦ୍ଧା, ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲ୍ଲାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପଗୁଡିକର ପୂରାତନ ଓ ନୂତନ କର୍ମୀ ମାନେ ଯୋଗଦେଇ ଥିଲେ। ପ୍ରଥମ ଦିନ ମୁଖ୍ୟ ଅତିଥି ଭାବେ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ କୁମାର ପ୍ରଧାନ ଯୋଗ ଦେଇ ସ୍ୱାତୀ ଅନୁଷ୍ଠାନର ଆରମ୍ଭ ସମୟର କିଛି ଅଭୂଲା କଥାକୁ ଉପସ୍ଥାପନା କରିବା ସହ ସଂପାଦକ ହରି ଶଙ୍କର ରାଉତଙ୍କ ନିଷ୍ଠାପର ଉଦ୍ୟମ କୁ ପ୍ରସଂଶା କରିଥିଲେ। ସେ ତାଙ୍କ ବକ୍ତବ୍ୟ ରେ ସମାଜ ର ବିକାଶରେ ଏହିପରି ସମାଜସେବା ଅନୁଷ୍ଠାନଗୁଡିକର ଆବଶ୍ୟକତା ରହିଛିବୋଲି କହିଥିଲେ। ସେହିପରି ସମାଜ ସେବୀ ଓ ପୂର୍ବତନ ମୃତିକା ସଂଗ୍ରକ୍ଷଣ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ରାଘବ ମଲ୍ଲିକ ଉପସ୍ଥିତ ରହି ଜଳଛାୟା ପ୍ରକଳ୍ପରୁ କିପରି ସ୍ୱାତୀର ଯାତ୍ରା ଆରମ୍ଭ ହୋଇ ଆଜି ୨୫ ବର୍ଷରେ ପଦାର୍ପଣ କରି ପାରିଛି ତାହା ର କିଛି ନିଚ୍ଛକ ବାର୍ତ୍ତା ଦେଇଥିଲେ। ତତ୍ ସହିତ ଜିଲ୍ଲ ମୁଖ୍ୟ କୃଷି ଅଧିକାରୀ ତୁସାରକାନ୍ତି ସାମଲ ଅନୁଷ୍ଠାନର ଏହି ଯାତ୍ରାରେ ସାମିଲ ସମସ୍ତ କର୍ମୀ ଓ ସୁଭାକାଂକ୍ଷୀଙ୍କୁ ସୁଭେଚ୍ଛା ଦେବା ସହ ଆଗାମୀ ଦିନରେ ଗୋଷ୍ଠୀ ସହଭାଗିତାକୁ ଭୁଲି ନଯାଇ ସେମାନଙ୍କ ସହ ସଦାସର୍ବଦା ଯୋଡିହୋଇ ରହିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବନ୍ୟପ୍ରଣୀ କୁ ଭଲପାଉଥିବା ଜଣେ ନିଆରା ମଣିଷ ଓ ପୂର୍ବତନ ବନ କର୍ମଚାରୀ ସୂଳପାଣୀ ସତପଥୀ ଗୋଷ୍ଠି ସହଭାଗିତା କୁ ଗୁରୁତ୍ୱ ଦେବା ସହ ଆଜିର ସମୟରେ ହେଉଥିବା ପାଣିପାଗ ପରିବର୍ତ୍ତନ କୁ ଆଖିଆଗରେ ରଖି ସମସ୍ତେ ଗୋଟିଏ ଲେଖାଏଁ ଗଛ ଲଗାଇବା ପାଇଁ ଅନୁରୋଧ ରଖିଥିଲେ। ଅନୁଷ୍ଠାନର ପୂର୍ବତନ ଅଧକ୍ଷ ଓ ପ୍ରଦାତା ଅନିଷ୍ଠାନର ପରିଚାଳନା ସଂପାଦକ ପ୍ରଦିପ କୁମାର ଦାସ ସ୍ୱାତୀ ଅନୁଷ୍ଠାନର ସିଲ୍ଭର୍ ଜୁବ୍ଲି ପାଳନ ଅବସରରେ ସମସ୍ତଙ୍କୁ ସୁଭେଚ୍ଛା ଦେବାସହ ଆଗାମି ଦିନରେ ସମାଜ ପାଇଁ ଆହୁରି ଅଧିକରୁ ଅଧିକ ବୋଝ ଉଠାଇବାକୁ ହେବ ଯାହା ଆଜି ପ୍ରମାଣିତ ହେଉଛି। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ ପୂର୍ବତନ କର୍ମୀମାନଙ୍କୁ ସେମାନଙ୍କର ଏହି ୨୫ ବର୍ଷର ଯାତ୍ରା ପାଇଁ ଥିବା ଅବଦାନକୁ ମନେପକାଇବା ପାଇଁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଂପାଦକ ହରି ଶଙ୍କର ରାଉତ ପରିଚାଳନା କରିଥିବାବେଳେ ଦ୍ୱିତୀୟ ଦିବସରେ ଅନିଷ୍ଠାନର ପ୍ରତିଷ୍ଠା ଦିବସ ଥିବାରୁ ଏକ ସ୍ୱେଚ୍ଛାକୃତ ରକ୍ତଦୋନ ଶିବିର ର ଆୟୋଜନ ହେବା ନେଇ ସୂଚନା ଦେଇଥିଲେ । ଅଧକ୍ଷ ପ୍ରଶାନ୍ତ ଶତପଥି ସମ୍ମିଳନୀକୁ ଅଧକ୍ଷତା କରିଥିବାବେଳେ କୋଷାଧକ୍ଷ ସାନ୍ତୋନ କୁମାର ମିଶ୍ର ସମସ୍ତେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ପ୍ରଦୀପ କୁମାର ସ୍ୱାଇଁ, ବିଶ୍ୱରଞ୍ଜ କର, ଗିରିଶ ଚନ୍ଦ୍ର ସାମଲ, ସୁସ୍ମିତା ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲୋ।

# ଜୁନ୍ ୨୮ରେ ପ୍ରଦର୍ଶିତ ହେବ ସମ୍ବଲପୁରୀ ନାଟକ 'ସାଧନା'

ସମ୍ବଲପୁର, ୨୫/୬ (ନି.ପ୍ର): ସମ୍ବଲପୁରର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ଶ୍ରୀ କଲଚରାଲ ଏସୋସିଏସନ୍ ପକ୍ଷରୁ ଆସନ୍ତା ୨୮ ତାରିଖ ଶୁକ୍ରବାର ସନ୍ଧ୍ୟା ୬ଟା ୪୫ ମିନିଟ୍ ସମୟରେ ସ୍ଥାନୀୟ ଝାଡୁଆପଡ଼ା ସ୍ଥିତ ଆରଣ୍ୟକ ମ ରେ ପ୍ରଦର୍ଶିତ ହେବ ଏକ ଭିନ୍ନ ସ୍ୱାଦର ସମ୍ବଲପୁରୀ ନାଟକ 'ସାଧନା'। ଆଶୀଷ କୁମାର ସୋନାରଙ୍କ ରଚିତ ଏହି ନାଟକକୁ ସତ୍ୟ ରଞ୍ଜନ ବେହେରା ନିର୍ଦ୍ଦେଶନା ଦେଉଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଉଛନ୍ତି ସୌମ୍ୟଜିତ୍ ବଡ଼ପଣ୍ଡା। ସେହିପରି ଶବ୍ଦ ଓ ଆଲୋକ ଶ୍ରୀ ଲାଇଟ୍ସ୍ ରାଉରକେଲାର ସାଗର ସ୍ୱରୂପ ସ୍ୱାଇଁ କରୁଥିବା ବେଳେ ମଂଚସଜ୍ଜା ଦାୟିତ୍ୱରେ ଅଛନ୍ତି ସୁନ୍ଦରଗଡ଼ର ଦେବେନ୍ଦ୍ର କୁମାର ଅମାତ୍। ଦର୍ଶକମାନଙ୍କ ପାଇଁ ସହଯୋଗ ମୂଲ୍ୟ ରଖାଯାଇଛି ୧୦୦ ଟଙ୍କା ମାତ୍ର। ଦର୍ଶକମାନେ ନାଟକ ପ୍ରଦର୍ଶନ ପୂର୍ବରୁ ଆରଣ୍ୟକ ମଂଚର ମୁଖ୍ୟ ଦ୍ୱାରରେ ଥିବା କାଉଂଟରରୁ ଯଥାଯୋଗ୍ୟ ସହଯୋଗ ମୂଲ୍ୟ ଦେଇ ଏହି ପ୍ରବେଶିକା କାର୍ଡ ସଂଗ୍ରହ କରିପାରିବେ। ନାଟକ ପୂର୍ବରୁ ଏକ ସଂକ୍ଷିପ୍ତ ଔପଚାରିକ ସଭା ଅନୁଷ୍ଠିତ ହେବ ଏବଂ ସମ୍ବଲପୁରୀ ଧନୁଯାତ୍ରାର ନିର୍ଦ୍ଦେଶକଙ୍କ ସମେତ କିଛି କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯିବ। ଅନେକ ନବୀନ ଓ ପ୍ରବୀଣ କଳାକାରମାନଙ୍କୁ ନେଇ ପ୍ରସ୍ତୁତ ନୂତନ କଥାବସ୍ତୁ ଓ ପରିବେଷଣ ଶୈଳୀ ଆଧାରିତ ନୃତ୍ୟ, ଗୀତ ବାଦ୍ୟ ଯୁକ୍ତ ଏହି ସମ୍ବଲପୁରୀ ନାଟକ ପ୍ରଦର୍ଶନର ମୁଖ୍ୟ ଉଦ୍ଦେଶ୍ୟ ହେଲା ସମ୍ବଲପୁରୀ ଭାଷା ସାହିତ୍ୟ ସଂସ୍କୃତି ତଥା ନାଟ୍ୟକଳାକୁ ଅଧିକରୁ ଅଧିକ ବ୍ୟାପକ କରିବା, ସମ୍ବଲପୁରରେ ଏକ ନାଟ୍ୟ ପରିବେଶ ସୃଷ୍ଟି କରିବା ଓ ନୂଆଁ ଦର୍ଶକ ସୃଷ୍ଟି କରିବା। ନାଟ୍ୟପ୍ରେମୀ ଜନସାଧାରଣ ନାଟ୍ୟ ନାଟ୍ୟ ପ୍ରଦର୍ଶନର ଦର୍ଶକ ସଦସ୍ୟ ହେବାକୁ ଅନୁଷ୍ଠାନର ସଭାପତି ସତ୍ୟରଞ୍ଜନ ବେହେରା ଏକ ପ୍ରେସ୍ ବିଜ୍ଞପ୍ତିରେ ଅନୁରୋଧ କରିଛନ୍ତି।

# ଚଳିତ ବଜେଟରେ ସରକାରୀ କର୍ମଚାରୀଙ୍କୁ ପୁରୁଣା ପେନସନ ସହିତ ସ୍ୱାସ୍ଥ୍ୟ ବୀମା ପାଇଁ ପ୍ରସ୍ତାବଦେଲା ଶିକ୍ଷକ ସଙ୍ଘ

ନୂଆପଡ଼ା, ୨୫/୬ (ନି.ପ୍ର): ରାଜ୍ୟରେ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କ ସାମାଜିକ ସୁରକ୍ଷା ନିମନ୍ତେ ୨୦୦୫ ମସିହାରୁ ଲାଗୁ ହୋଇଥିବା ନୂତନ ପେନସନ ଯୋଜନାକୁ ବନ୍ଦକରି ପୁରୁଣା ପେନସନ ସହିତ ସ୍ୱାସ୍ଥ୍ୟ ବିମା ଯୋଜନାରେ ଅନ୍ତର୍ଭୁକ୍ତ ପାଇଁ ରାଜ୍ୟ ପ୍ରାଥମିକ ଶିକ୍ଷକ ମହାସଂଘ ଚଳିତ ବଜେଟରେ ସ୍ଥାନଦେବାକୁ ମୁଖ୍ୟ ମନ୍ତ୍ରୀଙ୍କ ଠାରେ ପ୍ରସ୍ତାବ ରଖିଛି। ସୂଚନା ଥାଉକି ଓଡିଶାରେ ନୂତନ ସରକାର ଦାୟିତ୍ୱ ନେବାପରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ ଅଧିବେଶନ ପୂର୍ବରୁ ଲୋକାଭିମୁଖୀ ବଜେଟ ପାଇଁ ଜନମତ ସଂଗ୍ରହ କରୁଥିବାରୁ ଏହାକୁ ଉଚିତ ସମୟଭାବି ଶିକ୍ଷକ ସଙ୍ଘ ପ୍ରସ୍ତାବ ଦେଇଛି। ନୂତନ ପେନସନ ଯୋଜନା ଅନିଶ୍ଚିତତା ଆଡ଼କୁ ଗତିକରୁଥିବାରୁ ଅବସରପ୍ରାପ୍ତ କର୍ମଚାରୀମାନେ ଆର୍ଥିକ ଅନାଟନ ଦେଇ ଗତିକରୁଥିବାର ଦୃଷ୍ଟିଗୋଚର ହେଉଛି। ପନ୍ଦରରୁ କୋଡିଏ ବର୍ଷଧରି ସରକାରଙ୍କ ଅଧୀନରେ କାର୍ଯ୍ୟକରି ସାରିବାପରେ ଦୁଇରୁ ତିନିହଜାର ଟଙ୍କା ପେନସନ ପାଇ ମାନସିକ ସନ୍ତୁଳନ ହରାଉଥିବାର ନଜିର ରହିଛି। ନିକଟ ଅତୀତରେ ଛତିଶଗଡ, ରାଜସ୍ଥାନ ଓ ମଧ୍ୟପ୍ରଦେଶ ଭଳି ଅନେକ ରାଜ୍ୟରେ ନୂତନ ପେନସନ ଯୋଜନାକୁ ବନ୍ଦକରି ପୁରୁଣା ପେନସନ ଲାଗୁକରାଯାଇଛି। ଓଡିଶା ସରକାର ୨୦୧୬ ମସିହା ଠାରୁ ରାଜ୍ୟରେ ସରକାରୀ କର୍ମଚାରୀମାନଙ୍କୁ ଛାଡି ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟକାର୍ଡ ସୁବିଧା ଯୋଗେଇ ଦେଉଥିବା ଥିବାବେଳେ କମ ଦରମା ପାଉଥିବା ଗ୍ରୁପ ଡି ଓ ଗ୍ରୁପ ସି କର୍ମଚାରୀଙ୍କୁ ଅବହେଳା କରୁଥିବାରୁ ନୂତନ ମୁଖ୍ୟମନ୍ତ୍ରୀଙ୍କ ଠାରେ ରାଜ୍ୟ ପ୍ରାଥମିକ ଶିକ୍ଷକ ଏକ୍ସକେଡର ମହାସଂଘର କାର୍ଯ୍ୟକାରୀ ସଭାପତି ଅଲେଖ ସାହୁ ପ୍ରସ୍ତାବ ଦେଇଥିବାରୁ ସୋମବାର ଖଡ଼ିଆଳ ଠାରେ ଗଣମାଧ୍ୟମ ଆଗରେ ଜଣାଇଛନ୍ତି।

ଧ୍ୱନି ପ୍ରତିଧ୍ୱନି
♣ ବାଲେଶ୍ୱର ♣ ବୁଧବାର, ୨୬ ଜୁନ୍, ୨୦୨୪

# ମାନସିକ ସ୍ୱାସ୍ଥ୍ୟ ପାଇଁ କଲରିଂ

ଡାକ୍ତର ସମ୍ରାଟ କର

ଅନୁଜ ପ୍ରତୀମ ଶ୍ରୀକାନ୍ତ ସେ ଦିନ ବ୍ୟସ୍ତ ହୋଇପଡ଼ି ମୋତେ ପଚାରିଲେ ଯେ ଘରେ ମୋର ଦୁଇଟା ଯାକ ପିଲା କିଛି ନା କିଛି ହାତ ଅଙ୍କାରେ ନିଜକୁ ବ୍ୟସ୍ତ ରଖିବା ପାଇଁ ଭଲ ପାଉଛନ୍ତି। ଯଦି ତାଙ୍କୁ ମୁଁ କୌଣସି କଲରିଂ ସାମଗ୍ରୀ ନ ଆଣି ଦେଉଛି ତେବେ ଘରେ ଥିବା କୌଣସି ରଙ୍ଗ ପଦାର୍ଥର ଜିନିଷ ବା ସେହିପରି ସାମଗ୍ରୀକୁ ନେଇ ସେମାନେ କାଗଜରେ ହେଉ କିମ୍ବା ସିଲଟରେ, ଭୂମି ତଳରେ ହେଉ ଏପରିକି ଖୋଲା ପଡ଼ିଆର ପ୍ରଶସ୍ତ ସ୍ଥାନ ମାନଙ୍କରେ। ସାର୍, ମୋତେ ଲାଗୁଛି ମୋର ଏ ପିଲା ଦିଟାଙ୍କର ବୋଧେ ମୁଣ୍ଡ ଖରାପ ହୋଇଗଲାଣି ନା କ'ଣ ? ଏ ଦୁଇଜଣ ବଡ଼ ହେଲେ ଦୁଇଟା ଯାକ ମସ୍ତବଡ଼ ପାଗଳ ହେବେ ! ଶ୍ରୀକାନ୍ତର କଥାଟି ଶୁଣି ମୁଁ ଟିକେ ହସିଲି। ଆଉ ତାଙ୍କୁ ସବିଶେଷ ବୁଝାଇ କହିଲି ଯେ ସାଧାରଣତଃ ଛୋଟ ବେଳେ ସମସ୍ତଙ୍କୁ ଚିତ୍ରରେ ରଙ୍ଗ ଭରିବାକୁ ଭଲ ଲାଗେ। ବଡ଼ ହେବା ପରେ ଏଥିରୁ ନିଜକୁ ଦୂରେଇ ରଖନ୍ତି। ତେବେ ଆଜିର ସମୟରେ ଏ କାମ କେବଳ ଛୋଟ ପିଲାଙ୍କ ମଧ୍ୟରେ ସୀମିତ ନାହିଁ, ଏହି କାର୍ଯ୍ୟକଳାପ ବଡ଼ ମାନଙ୍କ ପାଇଁ ବି ଉତ୍ତମ। ଏବେ ବଡ଼ ପିଲାଙ୍କ ପାଇଁ କଲରିଂ ବହି ମିଳୁଛି। ଯାହାକି ମାନସିକ ସ୍ୱାସ୍ଥ୍ୟ ଉପରେ ଆଧାରିତ। କଲରିଂ ବହିର ପ୍ୟାଟର୍ଣ୍ଣ ଅବସାଦ କମ କରି ସୃଜନଶୀଳତା ବୃଦ୍ଧିରେ ସାହାଯ୍ୟ କରେ।

ଆମେ ନିତିଦିନିଆ ସମୟକୁ ଦେଖିଲେ ଜାଣୁ କେବଳ ଛୋଟ ପିଲା ନୁହଁନ୍ତି ବଡ଼ ବଡ଼ ଲୋକମାନେ ମଧ୍ୟ ଏପରିକି ସମାଜରେ ନିଜ ନିଜ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ଓ ଅତ୍ୟନ୍ତ ବ୍ୟସ୍ତ ବହୁଳ ସମୟ ବିତାଉଥିବା ଲୋକମାନଙ୍କ ଭିତରେ ଏହି ଅନ୍ତର୍ନିହିତ ସୃଜନ କଳା ପ୍ରତି ଆଗ୍ରହ ଓ ଆବେଗ ରହିଛି। ଧାଁ ଧଉଡ ଓ ଗୁରୁତ୍ୱପୂର୍ଣ୍ଣ କର୍ମବ୍ୟସ୍ତ ସମୟରୁ କିଛି କାଢ଼ି ସେମାନେ ଏଥି ନିମିତ୍ତ ସମୟ ଦିଅନ୍ତି ଓ ଚମତ୍କାର ଚିତ୍ର କଳା ମଧ୍ୟ ଆଙ୍କି ଥାଆନ୍ତି। ଚଳିତ ନିର୍ବାଚନରେ ତୃଣମୂଳ କଂଗ୍ରେସରେ ସୁପ୍ରିମ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାସ୍ତା କଡ଼ରେ ଜଣେ ଚିତ୍ରଶିଳ୍ପ ସହିତ କଥା ହୋଇ ସେ ତୁଳୀରେ ଆଙ୍କୁଥିବା ଛବିକୁ ଦେଖି ନିଜେ ତାଙ୍କ ସହ ରଙ୍ଗ ତୁଳୀରେ କିଛି ସମୟ ବିତାଇଥିଲେ। ସେହିପରି ଓଡ଼ିଆ ପୁଅ ତଥା ବିଶ୍ୱପ୍ରସିଦ୍ଧ ଚିତ୍ରଶିଳ୍ପୀ ଭାବେ ପ୍ରତିଷ୍ଠିତ ହୋଇଥିବା ବର୍ତ୍ତମାନର ସ୍ୱିଡ଼େନର ଅଧିବାସୀ ପି.କେ. ମହାନନ୍ଦୀୟାଙ୍କ କଥା ଟିକେ ମନେ ପକାନ୍ତୁ। ସେ ମଧ୍ୟ ଜଣେ ଚମତ୍କାର ଓ ସୁନାମଧନ୍ୟ ଚିତ୍ର ଶିଳ୍ପୀ। ତେବେ ବର୍ତ୍ତମାନ ସୁଦ୍ଧା ପର୍ଯ୍ୟନ୍ତ ଆମ ମାନଙ୍କ ଭିତରେ କଲରିଂ କରୁଥିବା ପିଲା ବା ଲୋକମାନଙ୍କ ଉପରେ ସେତେଟା ଏକ ଭଲ ଧାରଣା ତିଆରି ହୋଇପାରିନାହିଁ। ଏହା ଯେ ଏକ ଚମତ୍କାର ଓ ଭଗବାନଙ୍କ ପ୍ରଦତ୍ତ ସୃଜନଶକ୍ତିର ବିକଶିତ



ରୂପରେଖ ତାହା ଆମକୁ ବୁଝିବାରେ ସେତେଟା ସହଜ ହୋଇପାରିନାହିଁ। ଅବସର ବିନୋଦନ ହେଉ ବା ଅସ୍ଥିର, ବିଚଳିତ ମନକୁ ଏକାଗ୍ର ରାସ୍ତାରେ ଆଗେଇ ନେବା ପାଇଁ କଲରିଂ ଏକ ଚମତ୍କାର ମାଧ୍ୟମ। ବର୍ତ୍ତମାନ ଏହି କଲରିଂକୁ ନେଇ ଅନେକ ପାଠ୍ୟକ୍ରମ ମଧ୍ୟ ତିଆରି ହେଲାଣି। ବୃତ୍ତିଗତ କ୍ଷେତ୍ର ଭାବେ ଏହା ମଧ୍ୟ ଜଣକୁ ଯଥାର୍ଥ ପରିଚୟ ଦେବା ସହ ଗୁଜୁରାଣ ମେଣ୍ଟାଇବା ପାଇଁ ଅର୍ଥ ରୋଜଗାରର ଏକ ସମ୍ମାନଜନକ ମାଧ୍ୟମ ପାଲଟି ସାରିଲାଣି। ତଥାପି କେତେକ ଅଭିଭାବକ ସେମାନଙ୍କ ପିଲାମାନଙ୍କର ଛୋଟ ବେଳର କଲରିଂରେ ବ୍ୟସ୍ତତାକୁ ସେପରି ବେଶ ସହଜରେ ଗ୍ରହଣ କରିପାରିନଥାନ୍ତି।

ଗମ୍ଭୀର ଚିନ୍ତାରୁ ଧ୍ୟାନ ହଟାଇବା ପାଇଁ କଲରିଂ ବୁକ ସାହାଯ୍ୟ କରେ। ଏଭଳି ମଜାଦାର ଗତିବିଧି ମାଧ୍ୟମରେ ଶାନ୍ତି ଏବଂ ବିଶ୍ରାମ ଭାବନା ବୃଦ୍ଧି ପାଏ। ସେହିପରି ଚିତ୍ରରେ ରଙ୍ଗ ଭରିବା ହେଉଛି ଏକ ସୃଜନାତ୍ମକ ଏବଂ ମଜାଦାର କାମ। ଏହା ଦ୍ୱାରା ମନକୁ ଶାନ୍ତ କରିବା ସମ୍ଭବ। ଜଟିଳ ଚିତ୍ରରେ ରଙ୍ଗ ଭରିବା ଦ୍ୱାରା ଧ୍ୟାନ ସେଥିରେ ରହେ ଏବଂ ମନ ବିଚଳିତ ହୁଏନାହିଁ। କଲରିଂ ସୃଜନାତ୍ମକ ଜ୍ଞାନ କୌଶଳ ବୃଦ୍ଧିରେ ସାହାଯ୍ୟ କରେ। ନିଜର କଳାତ୍ମକ ଅଭିବ୍ୟକ୍ତିକୁ ଜାଣିବାର ଏହା ଏକ ସହଜ ଉପାୟ। କାରଣ ଦୁଇ ଜଣଙ୍କୁ ଗୋଟିଏ ଚିତ୍ରରେ ରଙ୍ଗ କରିବାକୁ ଦେଲେ ଦୁଇଜଣ ଭିନ୍ନ ଭିନ୍ନ ରଙ୍ଗକୁ ଚୟନ କରନ୍ତି। ଏଥିରୁ ଜଣାପଡ଼େ ଯେ ସମସ୍ତଙ୍କ ଚିନ୍ତାଧାରା ଭିନ୍ନ। କଲରିଂ ନକାରାତ୍ମକ ଚିନ୍ତାରୁ ଦୂରେଇ ରଖିବାରେ ସାହାଯ୍ୟ କରେ। ନିତିଦିନିଆ ମୋ ମାନସିକ ଚିକିତ୍ସା, ନିଦାନ ଓ ପରାମର୍ଶ କେନ୍ଦ୍ରରେ ଅନେକ ପୀଡ଼ିତ ମାନଙ୍କୁ ସାମ୍ନା କରିଥାଏ ଯେଉଁମାନେ ମାନସିକଭାବେ ଅସୁସ୍ଥ ହେବା ପୂର୍ବରୁ ବେଶ ଭଲ ଭାବେ କଲରିଂରେ ନିଜକୁ କିଛି ସମୟ ବିତାଇ ସମୟ କାଟୁଥିଲେ। କଲରିଂ ଏକ ଏପରି ଅନ୍ତର୍ନିହିତ ସୃଜନଶକ୍ତି ଯାହା ନିଜ ଆଖପାଖର ପରିବେଶ, କାର୍ଯ୍ୟକଳାପ ଓ ଜୀବନ ଚରିତ୍ରର ଲୋକମାନଙ୍କ ସମ୍ବନ୍ଧରେ କିଛି ଜଣାଇଥାଏ ସେମାନଙ୍କୁ ଅନେକ ମାନସିକ ଶାନ୍ତି ଦେଇଥାଏ। ଯଦିଓ କଲରିଂ କେତେକ ନିର୍ଦ୍ଦିଷ୍ଟ ମାନସିକ ପୀଡ଼ିତ ମାନଙ୍କ ପାଇଁ ଏକ ପ୍ରକାର ଯନ୍ତ୍ରଣାର କାରଣ ହୋଇଥାଏ ତାହା ତ ଅଲଗା କଥା ତେବେ ମାନସିକ ସ୍ୱାସ୍ଥ୍ୟ ପାଇଁ କଲରିଂ ଏକ ଏପରି ଶକ୍ତିଶାଳି ଭିଟାମିନ ପରି କାର୍ଯ୍ୟ କରିଥାଏ ଯେ ଅନେକ ଏହା ବିନା ବଞ୍ଚି ନପାରିବା ପରି ଅନୁଭବ କରନ୍ତି। ସତେଯେପରି ମାଛ ବିନା ଜଳ। ତେବେ କେଉଁ ମାନଙ୍କୁ କେଉଁ କେଉଁ ରଙ୍ଗ ପସନ୍ଦ ଆସିଥାଏ ତାହା ସେମାନଙ୍କ ବ୍ୟକ୍ତିଗତ ଆଗ୍ରହ। ମୁଁ କେତେକ ନିର୍ଦ୍ଦିଷ୍ଟ ମାନସିକ ଅସହାୟ ଓ ପୀଡ଼ିତ ମାନଙ୍କ ପାଇଁ ସେମାନଙ୍କ ପୂର୍ବ ଜୀବନର ଜୀବନ ରେଖା, କାର୍ଯ୍ୟକଳାପ ଓ ବ୍ୟକ୍ତିଗତ ରୁଟିନ ବୁଝିବା ସମୟରେ ଯେତେବେଳେ ଜାଣେ ଯେ ସେମାନେ ପୂର୍ବରୁ ଜଣେ ଜଣେ ରଙ୍ଗ ତୁଳୀର ନାୟକ ଥିଲେ, ସେମାନଙ୍କ ନିକଟ ଲୋକମାନଙ୍କୁ ସେହି ରଙ୍ଗତୁଳୀ ଜୀବନକୁ କିଛି ମାତ୍ରାରେ ଫେରାଇବା ପାଇଁ ପରାମର୍ଶ ଦେଇଥାଏ। ତେଣୁ କଲରିଂ ଯେ ଜୀବନ ଅବସାଦ ନୁହେଁ ବରଂ ଜୀବନ ବଞ୍ଚିବାର ଅମୃତ ମହୌଷଧି ଏବଂ ସର୍ବୋପରି ଏହା ଏକ ରଙ୍ଗୀନ ମାନସିକତାର ଜୀବନ ଅଭିବୃଦ୍ଧି ଏହାକୁ ବୁଝନ୍ତୁ ଆଉ ଗ୍ରହଣ କରନ୍ତୁ। ଏ ସଂକ୍ରାନ୍ତରେ ଆପଣ କୌଣସି ଅଧିକ ପରାମର୍ଶ ବା ସହଯୋଗ ଚାହୁଁଥିଲେ ମୁଁ ଆପଣଙ୍କୁ ନିଶ୍ଚିନ୍ତ ସହାୟତାର ହାତ ବଢ଼ାଇବି। ଆମ ଜୀବନ ରଙ୍ଗମଞ୍ଚରେ ରଙ୍ଗତୁଳୀ ବା କଲରିଂ ସମସ୍ତଙ୍କ ଖୁସି, ଆନନ୍ଦ ଓ ସୁସ୍ଥ ମାନସିକତାର ପରିଧିକୁ ଆହୁରି ରଙ୍ଗୀନ କରୁ। ଆଜି ପାଇଁ ଏହି ଶୁଭକାମନା।

+ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ,
ପୁରୀଘାଟ ରୋଡ଼, କଟକ,
ମୋ : ୯୧୩୨୪୩୩୩୩୩

## କାମାକ୍ଷାନଗର ସୋଗର ଗ୍ରାମର ଅଲୌକିକ ଝରଣ କୂଅ, ଯେତେ ପାଣି ନେଲେ ମଧ ସରେନହିଁ...

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ସାରା ରାଜ୍ୟରେ ଜଳକଷ୍ଟ ଦେଖିବାକୁ ମିଳୁଥିବା ବେଳେ ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ସୋଗର ଗ୍ରାମର ୮ ଫୁଟିଆ ଝରଣ କୂଅ ଗାଁ ଲୋକଙ୍କ ପାଇଁ ପାଲଟିଛି ବରଦାନ। ଏହି କୂଅରୁ ଯେତେ ପାଣି ନେଲେ ସରେନହିଁ। ଏହି ଅଲୌକିକ କୂଅର ବିରାଟ ଇତିହାସ ବିଷୟରେ ଜାଣିବା ଅସମ୍ଭବ। ଆଜି ପର୍ଯ୍ୟନ୍ତ ଏହି କୂଅ ଭିତରେ ପଥର ଖଣ୍ଡ, ବଡ଼ବଡ଼ କାଠ ଗଣ୍ଡି ସହ ଅନେକ ଜିନିଷ ରହିଛି। ପ୍ରତ୍ନତାତ୍ତ୍ୱିକ ସଂସ୍ଥା ଦ୍ୱାରା ଏହାର ସର୍ବେକ୍ଷଣ କରାଯିବା ସହ ଏହାର ଇତିହାସ ବିଷୟରେ ତର୍ଜମା କରାଗଲେ ଅନେକ କଥା ସାମ୍ନାକୁ ଆସି ପାରିବ।

ଢେ଼ଙ୍କାନାଳ ଜିଲ୍ଲାର କାମାକ୍ଷାନଗର-ଢେଙ୍କାନାଳ ରାସ୍ତାରେ ଶାଳୁଆ ଛକ। ସେହି ଛକରୁ ବାମ ପାର୍ଶ୍ୱରେ ଚାରି କିଲୋମିଟର ଗଲେ ପଡ଼ିଥାଏ ସୋଗର ଗ୍ରାମ। ପ୍ରାୟ ୭ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କୁ ନେଇ ଗଠିତ ହୋଇଥିବା ଏହି ଗାଁରେ ଏବେ ଚର୍ଚ୍ଚାର



କାରଣ ପାଲଟିଛି ଏକ ୮ଫୁଟର ଝରଣ କୂଅ। ଏହି କୂଅର ଝର ଏତେ ପ୍ରଖର ଯେ ଆଜିକୁ ୧୫୦ ବର୍ଷ ଧରି କୂଅ ଶୁଖିବା ତ ଦୂରର କଥା ମାତ୍ର ଚାରି ହାତରେ ରହୁଛି ପାଣି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ସାରା ରାଜ୍ୟରେ ଜଳକଷ୍ଟ ଦେଖିବାକୁ ମିଳୁଥିବା ବେଳେ ଏହି ୮ ଫୁଟିଆ ଝରଣ କୂଅ ସୋଗର ଗାଁ ପାଇଁ ପାଲଟିଛି ବରଦାନ। ପାହାଡ ତଳେ ପଥୁରିଆ ଜାଗାରେ ଥିବା ଏହି ଛୋଟିଆ କୂଅଟି ଲୋକଙ୍କ ଜଳକଷ୍ଟ ଦୂର କରିବା ସହ ତାହାର ଇତିହାସକୁ ନେଇ ଆମ ରାଜ୍ୟର ସମୃଦ୍ଧ ମହିମାଧର୍ମକୁ କରିଛି ଉଜ୍ଜୀବିତ। ଏହି ୮ ଫୁଟିଆ ଝରଣ କୂଅ ନିର୍ମାଣ ପଛରେ ରହିଛି ଅନେକ ଲୋକକଥା ଯାହା ସେତେବେଳର ମହିମାଧର୍ମକୁ ନେଇ ଜଡିତ।

ଆଜିକୁ ୧୫୦ ବର୍ଷ ପୂର୍ବେ ମହିମା ଧର୍ମର ପ୍ରଚାର, ପ୍ରସାର ପାଇଁ ସ୍ୱାମୀ ଗୋସାଇଁ ଗାଁକୁ ଗାଁ ବୁଲି ଲୋକଙ୍କୁ ମହିମା ଧର୍ମ ବିଷୟରେ ଅବଗତ କରାଉଥିଲେ। ସେତେବେଳେ କାମାକ୍ଷାନଗର ଅଞ୍ଚଳ ମହିମାଧର୍ମ ପ୍ରଚାରର ଉତ୍କୃଷ୍ଟ ସ୍ଥାନ ଥିବା ଇତିହାସରୁ ଜଣାଯାଏ। କାମାକ୍ଷାନଗର, ଜକା, ସୋଗର ମହିମା ଟୁଙ୍ଗି, ଯୋରନ୍ଦା ଇତ୍ୟାଦି ସ୍ଥାନରେ ସେତେବେଳେ ମହିମା ଗୋସାଇଁ ଟୁଙ୍ଗି ସ୍ଥାପନା କରି ଧର୍ମ ପ୍ରଚାର କରୁଥିଲେ। ସେତେବେଳେ ସୋଗର ଗାଁକୁ ସ୍ୱାମୀ ଗୋସାଇଁ ମହିମା ଧର୍ମ ପ୍ରଚାର କରିବାକୁ ଯାଇଥିଲା ବେଳେ ଗ୍ରାମରେ ଭୀଷଣ ଜଳକଷ୍ଟ ଥିବା ଗ୍ରାମବାସୀଙ୍କ ଠାରୁ ଜାଣିବାକୁ ପାଇଥିଲେ। ଏହାର ସମାଧାନ ନିମନ୍ତେ ସ୍ୱାମୀ ଗୋସାଇଁ ନିଜ ଦୈବୀଶକ୍ତି ବଳରେ ଗାଁର ଶେଷମୁଣ୍ଡରେ ଏକ ପାହାଡ଼ ତଳେ ନିଜର ବେତ ବାଡ଼ି ସାହାଯ୍ୟରେ ଜାଗା ଚିହ୍ନଟ କରିଥିଲେ ଓ ଏହି ସ୍ଥାନରେ କୂଅ ଖୋଳାଇବା ପାଇଁ ଗ୍ରାମବାସୀଙ୍କୁ କହିଲେ। ମାତ୍ର ୮ଫୁଟ ଖୋଳାଇବା ପରେ ଏଠାରୁ ଏକ ବିରାଟ ପଥର ବାହାରିବା ନେଇ କହିଥିଲେ। ସେହି ପଥରକୁ ଖୋଲିବା ପରେ ସେହି ସ୍ଥାନରୁ ଏକ ଏମିତି ଝର ସୃଷ୍ଟି ହେବ ଯାହା କେବେ ଶୁଖିବନାହିଁ ଓ ସମସ୍ତ ଗ୍ରାମବାସୀଙ୍କ ଜଳକଷ୍ଟ ଦୂର କରିବା ନେଇ ଜଣାଇଥିଲେ। ପରେ ସ୍ୱାମୀ ଗୋସାଇଁଙ୍କ ନିର୍ଦ୍ଦେଶରେ ଗ୍ରାମବାସୀ ସେଠାରେ କୂଅ ଖୋଳି ଥିଲେ। ଆଜି ପର୍ଯ୍ୟନ୍ତ ଯେତେ ହାଇପାୱାର ମୋଟର ଲଗାଇ କୂଅର ପାଣିକୁ ନିଷ୍କାସନ କରି ଶୁଖାଇଲେ ସୁଦ୍ଧା ମାତ୍ର କେଇ ମିନିଟ ମଧ୍ୟରେ ପୁଣି କୂଅରେ ପାଣି ଦେଖାଯାଏ। ଆଜିର ଡିଜିଟାଲ ଯୁଗରେ ଏହି ୮ ଫୁଟର କୂଅ ଓ ଏହାର ଇତିହାସ ଏବେ ବି ଅନେକ ଅସମାହିତ ପ୍ରଶ୍ନ ସୃଷ୍ଟି କରୁଛି।

## ବିଶ୍ୱର ସବୁଠୁ ମହଙ୍ଗା ଲୁଣ, ଯାହାର ଏକ କିଲୋର ମୂଲ୍ୟ ୩୫ ହଜାର



ଦୈନନ୍ଦିନ ଜୀବନରେ ଲୁଣର ଆବଶ୍ୟକତା ରହିଛି। ଯେକୌଣସି ଖାଦ୍ୟରେ ଲୁଣର ପରିମାଣ ଅଳ୍ପ ବେଶୀ ହୋଇଗଲେ ତାହା ଖାଦ୍ୟର ସ୍ୱାଦକୁ ବିଗାଡ଼ି ଦିଏ। ସାଧାରଣତଃ ବଜାରରେ ଗୋଟିଏ ଲୁଣ ପ୍ୟାକେଟ୍ ୨୦ କିମ୍ବା ୩୦ ଟଙ୍କାରେ ମିଳିଥାଏ । କିନ୍ତୁ, ଏପରି ଏକ ଲୁଣ ଅଛି, ଯାହା କିଲୋ ପିଛା ହଜାର ହଜାର ଟଙ୍କାରେ ବିକ୍ରି ହେଉଥିବା ଜଣାପଡ଼ିଛି। ଖାସ୍ ଏଥିପାଇଁ ଏହାକୁ ବିଶ୍ୱର ସବୁଠୁ ମହଙ୍ଗା ଲୁଣ ବୋଲି କୁହାଯାଉଛି। ତେବେ ଏହି ଲୁଣକୁ କିଣିବା ସବୁ ବର୍ଗର ଲୋକଙ୍କ ପାଖେ ସମ୍ଭବ ହୋଇନଥାଏ।

କୋରିଆନ୍ ବାମ୍ବୁ ସଲ୍‌ଟକୁ ବିଶ୍ୱର ସବୁଠୁ ଦାମୀ ଲୁଣ ଭାବେ ଜଣାଯାଏ। ଏହାକୁ ପର୍ପଲ୍ ସଲ୍ଟ ବୋଲି ମଧ୍ୟ କୁହାଯାଏ। ଯୁଗ ଯୁଗରୁ, ଏହି ଲୁଣ କୋରିଆ ପାକ ସଂସ୍କୃତିର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ହୋଇଆସଛି। ଏଥିରେ ଔଷଧୀୟ ଗୁଣ ରହିଥିବା ଯୋଗୁଁ ପାରମ୍ପରିକ କୋରିଆ ଔଷଧରେ ଏହାକୁ ବ୍ୟବହାର କରାଯାଉଥିଲା । ତେବେ ଏହି ଲୁଣର ୨୫୦ ଗ୍ରାମ୍ ପ୍ୟାକେଟ୍‌ର ମୂଲ୍ୟ ୭୦୦୦ ଟଙ୍କା



ରହିଥିବାବେଳେ ଏକ କିଲୋର ମୂଲ୍ୟ ପାଖାପାଖି ୩୫୦୦୦ ଟଙ୍କା। ବାଉଁଶ ଲୁଣକୁ ତିଆରି କରିବା ପାଇଁ ପ୍ରଥମେ ଗୋଲ ଆକୃତିର କଟାଯାଇଥିବା ବାଉଁଶ ବ୍ୟାରେଲ୍ ଭିତରେ ସମୁଦ୍ର ଲୁଣ ଭରାଯାଏ ଏବଂ ତାକୁ ଉଚ୍ଚ ତାପମାତ୍ରାରେ ଭଜାଯାଇ ଲୁଣ ପ୍ରସ୍ତୁତ କରାଯାଏ । ବାଉଁଶ କେସ୍‌ରେ ଲୁଣ ରଖି ଭାଜିବା ଦ୍ୱାରା ବାଉଁଶରେ ରହିଥିବା ଖଣିଜ ପଦାର୍ଥ ଲୁଣ ସହିତ ମିଶିଯାଏ । ଯଦ୍ୱାରା ଏହି ଲୁଣ ଖଣିଜ ପଦାର୍ଥଯୁକ୍ତ ଲୁଣରେ ପରିଣତ ହୋଇଯାଏ। ଅନେକ ଥର ଭଜା ହେବା ଦ୍ୱାରା ଲୁଣର ରଙ୍ଗ ପରିବର୍ତ୍ତନ ହୁଏ । ଏହାପରେ ଏହି ଲୁଣ ଏକ ଦୃଢ଼ ପଥର ଆକୃତିକୁ ଚାଲିଆସେ। ଯାହାକୁ ଭାଙ୍ଗି ଗୁଣ୍ଡ କରି ବ୍ୟବହାର କରାଯାଏ। ତେବେ ଏହି ଲୁଣର ଦାମ୍ ଆକାଶଛୁଆଁ ହେବାର କାରଣ ହେଉଛି ଏହାକୁ ପ୍ରସ୍ତୁତ କରିବାରେ ଖର୍ଚ୍ଚ ହେଉଥିବା ଶ୍ରମ। ଯାହା ଏହାକୁ ମହଙ୍ଗା କରୁଛି । ବାଉଁଶ କେସ୍ ?ରେ ସମୁଦ୍ର ଲୁଣ ଭରିବା ଠାରୁ ଆରମ୍ଭ କରି କଠିନ ଲୁଣ ଭାଙ୍ଗିବା ଏବଂ ଗୁଣ୍ଡ କରିବା ପର୍ଯ୍ୟନ୍ତ ସବୁ କିଛି ହାତରେ କରାଯାଏ। ଏହି ଲୁଣକୁ ଉଚ୍ଚ ତାପମାତ୍ରାରେ ୯ଥର ଭଜାଯାଏ। ଏହାକୁ ତିଆରି କରିବା ପାଇଁ ପ୍ରାୟ ୪୦ ରୁ ୫୦ ଦିନ ସମୟ ଲାଗିଥାଏ । କୋରିଆନ୍ ବାମ୍ବୁ ସଲ୍‌ଟକୁ ବିଶ୍ୱର ସବୁଠୁ ଶୁଦ୍ଧ ଲବଣ କୁହାଯାଏ। ଏଥିରେ ସମୁଦ୍ର ଲୁଣ ତୁଳନାରେ ଲୌହ, ପୋଟାସିୟମ୍ ଏବଂ କ୍ୟାଲସିୟମ୍ ଅଧିକ ମାତ୍ରାରେ ରହିଥାଏ ।

## ରାହୁକାଳ କ'ଣ : କାହିଁକି ଏହି ସମୟରେ କୌଣସି ଶୁଭ କାର୍ଯ୍ୟ କରିବାକୁ ବାରଣ କରାଯାଏ...

ହିନ୍ଦୁ ଧର୍ମରେ କୌଣସି ଶୁଭ କାର୍ଯ୍ୟ କରିବା ପୂର୍ବରୁ ପ୍ରଥମେ ପଞ୍ଜିକାରୁ ଶୁଭ ମୁହୂର୍ତ୍ତର ବିଚାର କରାଯାଏ। କୁହାଯାଏ, ଶୁଭ ମୁହୂର୍ତ୍ତରେ କରାଯାଉଥିବା କାର୍ଯ୍ୟ ସବୁବେଳେ ସଫଳ ହୋଇଥାଏ। ଶୁଭ ମୁହୂର୍ତ୍ତର କାଳ ଗଣନାରେ ଅଶୁଭ ମୁହୂର୍ତ୍ତକୁ ମଧ୍ୟ ଧ୍ୟାନରେ ରଖାଯାଏ। ବିଶେଷକରି ଅଶୁଭ ମୁହୂର୍ତ୍ତ ଭାବେ ରାହୁକାଳ ଉପରେ ଗୁରୁତ୍ୱ ଦିଆଯାଏ। ରାହୁକାଳରେ କୌଣସି ପ୍ରକାରର ଶୁଭ କାର୍ଯ୍ୟ କରିବାକୁ ବାରଣ ରହିଛି। ତେବେ ରାହୁକାଳ କ'ଣ ଏବଂ ଏ ସମ୍ପର୍କରେ ହିନ୍ଦୁ ପଞ୍ଜାଙ୍ଗରେ କ'ଣ କୁହାଯାଇଛି, ଜାଣିବା ସେ ସମ୍ପର୍କରେ।

*ରାହୁକାଳ:* ହିନ୍ଦୁ ପଞ୍ଜାଙ୍ଗରେ ଏହା ଅଶୁଭ ସମୟ। 'ରାହୁକାଳ'ର ଅର୍ଥ ହେଉଛି 'ରାହୁ' ଏବଂ 'କାଳ।' ଜ୍ୟୋତିଷ ଶାସ୍ତ୍ରରେ ଏହି ଗ୍ରହକୁ କ୍ରୁର ବୋଲି ବିବେଚନା କରାଯାଏ। ରାହୁ ଦୋଷରେ ମାନସିକ, ଶାରୀରିକ ଏବଂ ଆର୍ଥିକ କ୍ଷତି ଭୋଗିବାକୁ ପଡ଼ିଥାଏ। ଏହି ସମୟରେ କୌଣସି ଶୁଭକାର୍ଯ୍ୟ କରାଯିବା ଅନୁଚିତ।

*କିପରି କରାଯାଏ ଗଣନା:* ରାହୁକାଳର ଗଣନା ଗ୍ରହଙ୍କ ସ୍ଥିତି ଆଧାରରେ କରାଯାଏ। ପ୍ରତିଦିନ ରାହୁକାଳ ପ୍ରାୟ ଘଣ୍ଟାଏ ୩୬ ମିନିଟ୍ ପାଇଁ ରହିଥାଏ। ଏହି ଅବଧି ସ୍ଥାନ ଓ ସ୍ଥିତି ଅନୁସାରେ ଭିନ୍ନ ହୋଇଥାଏ। କାରଣ ଏହାର ଗଣନା ସୂର୍ଯ୍ୟାସ୍ତ ଓ ସୂର୍ଯ୍ୟୋଦୟ ସମୟ ଆଧାରରେ କରାଯାଏ।

*କ'ଣ କରିବେ ଓ କ'ଣ ମନା:* ଏହି ସମୟରେ ପୂଜାପାଠ କରିପାରିବେ। ରାହୁକାଳରେ ଲେଖାପଢ଼ା କରିବାକୁ ଶୁଭ ବୋଲି କୁହାଯାଏ। ଏହି ସମୟରେ ମନ୍ତ୍ର ଜପ କରିବା, ଧ୍ୟାନ କରିବା, ଭଗବାନଙ୍କ ନାମ ସ୍ମରଣ କରିବା ମଙ୍ଗଳଦାୟକ। ରାହୁକାଳରେ କରାଯାଉଥିବା କାର୍ଯ୍ୟ ମନକୁ ଶାନ୍ତ ଓ ପ୍ରସନ୍ନ ରଖିବାରେ ସାହାଯ୍ୟ କରେ। ଏହି ସମୟରେ ଗୃହ ପ୍ରବେଶ, ମୁଣ୍ଡନ, ନାମକରଣ ଭଳି ଶୁଭକାର୍ଯ୍ୟ କରିବା ଅନୁଚିତ। ରାହୁକାଳରେ କୌଣସି ଗରୁତ୍ୱପୂର୍ଣ୍ଣ ନିର୍ଣ୍ଣୟ ନେବାରୁ ଦୂରେଇ ରୁହନ୍ତୁ।



## ଜାଣନ୍ତୁ ବିମାନ ଯାତ୍ରାରେ କେଉଁ ଗ୍ୟାଜେଟ୍ ରଖିବେନି....

ବିମାନଯାତ୍ରାକୁ ମଜାଦାର କରିବା ପାଇଁ ବହୁ ଯାତ୍ରୀ ଅନେକ ଗ୍ୟାଜେଟ୍ ନେଇ ଯାଆନ୍ତି। କିନ୍ତୁ ସ୍ମାର୍ଟଫୋନ୍ ଏବଂ ହେଡ୍‌ଫୋନ୍ ବ୍ୟତୀତ କିଛି ଗ୍ୟାଜେଟ୍ ଏଭଳି ଅଛି, ଯାହାକୁ ବିମାନଯାତ୍ରା ସମୟରେ ନିଜ ପାଖରେ ରଖିବା ଠିକ୍ ନୁହେଁ।

*ପୋର୍ଟେବଲ ୱାଇଫାଇ ହଟ୍‌ସ୍ପଟ୍:* ଯଦିଓ ଏହା ଉପଯୋଗୀ ତଥାପି, ବିମାନର ୱେୟାରଲେସ୍ ନେଟ୍‌ୱାର୍କ ଏବଂ ନାଭିଗେସନ୍ ସିଷ୍ଟମ୍‌କୁ ଏହା ପ୍ରଭାବିତ କରିଥାଏ। ଏଣୁ ଆବଶ୍ୟକ ସ୍ଥଳେ ବିମାନର ମାଗଣା ୱାଇଫାଇ ବା ମୋବାଇଲ ଡାଟାକୁ ଉପଯୋଗ କରନ୍ତୁ।

*ଉଚ୍ଚ କ୍ଷମତା ସମ୍ପନ୍ନ ପାୱାର ବ୍ୟାଙ୍କ:* ବିମାନ ଯାତ୍ରା ସମୟରେ କମ୍ କ୍ଷମତା ସମ୍ପନ୍ନ ପାୱାର ବ୍ୟାଙ୍କକୁ ପାଖରେ ରଖନ୍ତୁ। କାରଣ ୨୦୦୦ଏମ୍‌ଏଏଚ୍‌ରୁ ଅଧିକ କ୍ଷମତାଯୁକ୍ତ ପାୱାର ଉପରେ କଟକଣା ଅଛି।

*ରିମୋଟ୍ କଣ୍ଟ୍ରୋଲ ଖେଳଣା:* ଡ୍ରୋନ୍ ଏବଂ ରିମୋଟ୍ କଣ୍ଟ୍ରୋଲଯୁକ୍ତ ଖେଳଣାକୁ ବିମାନଯାତ୍ରାରେ କଟକଣା ଲଗା ଯାଇଛି। ଏହି ଉପକରଣ ଯାତ୍ରୀ ଓ କର୍ମଚାରୀଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରେ।

*ଲେଜର୍ ପଏଣ୍ଟର:* ଲେଜର ପଏଣ୍ଟର ଓ ପେନ୍ ବିମାନବନ୍ଦର ସେଟିଂ ପାଇଁ ବିପଜ୍ଜନକ ହୋଇପାରେ। ଏହି ଡିଭାଇସ୍ ପାଇଲଟ୍ ଏବଂ ବିମାନ କର୍ମଚାରୀଙ୍କ ଦୃଷ୍ଟିଶକ୍ତିକୁ ପ୍ରଭାବିତ କରିଥାଏ। ଏହାକୁ ପାଖରେ ରଖିବା ଅନୁଚିତ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୨୬ ଜୁନ୍ ୨୦୨୪, ବୁଧବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପଡ଼ିଶା ଘର ଭାଇ...

କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ୨୦୧୪ରେ ଅଧିଷ୍ଠିତ ହେବା ପରଠାରୁ ଭାରତର ବିଦେଶ ନୀତିରେ ପରିବର୍ତ୍ତନ ହୋଇଛି, ଯାହା ଏ ପର୍ଯ୍ୟନ୍ତ ମଧ୍ୟ କାର୍ଯ୍ୟକାରୀ ହେଉଛି । ଏହି ନୀତିର ଏକ ପ୍ରମୁଖ ଅଂଶ ହେଉଛି, 'ପ୍ରଥମେ ପଡ଼ୋଶୀ', ଅର୍ଥାତ୍ ଭାରତର ପଡ଼ୋଶୀ ରାଷ୍ଟ୍ରମାନଙ୍କ ସହିତ ସମ୍ପର୍କକୁ ଅଧିକ ନିବିଡ଼ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିବା । ସମ୍ପ୍ରତି ଏହି ନୀତି ଅଧୀନରେ ନିକଟରେ ନୂଆଦିଲ୍ଲୀରେ ଶାସନ ଗାଦିରେ ବସିଥିବା ମୋଦୀ ୩.୦ ସରକାର ଦୁଇ ଗୋଟି ପ୍ରମୁଖ ଦ୍ୱିପାକ୍ଷିକ ଅନୁବନ୍ଧନ କରିଛନ୍ତି– ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ୱାଜେଦ୍‌ଙ୍କର ପ୍ରଥମ ଦ୍ୱିପାକ୍ଷିକ ଗସ୍ତରେ ଭାରତ ଆଗମନ କାଳରେ ତାଙ୍କ ସହିତ କେତେକ ଚୁକ୍ତି ସମ୍ପାଦନ ଏବଂ କେନ୍ଦ୍ର ବର୍ହିବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କୁ ଶ୍ରୀଲଙ୍କା ପ୍ରେରଣ। ଏହା ସୂଚାଇ ଦେଉଛି ଯେ ଚୀନ୍ ସହିତ ଭାରତର ସବୁ ଦିଗରୁ ଚାଲିଥିବା ଉତ୍ତେଜନାମୂଳକ ସମ୍ପର୍କ ସମୟରେ ପ୍ରଥମେ ପଡ଼ୋଶୀ ନୀତି ଏବେ ସୁଦ୍ଧା ଭାରତର ପ୍ରାଥମିକତା ହୋଇ ରହିଛି। ଉପରୋକ୍ତ ଉଭୟ କାର୍ଯ୍ୟ ମଧ୍ୟ ଏକଥା ସୂଚାଉଛି ଯେ ଏନ୍‌ଡିଏ ସରକାର ତା'ର ପୂର୍ବ ପ୍ରତିଶ୍ରୁତି ଏବଂ କାର୍ଯ୍ୟକ୍ରମରେ ନିରବଚ୍ଛିନ୍ନତା ବଜାୟ ରଖିଛି। ଶ୍ରୀଲଙ୍କାରେ ଜୟଶଙ୍କର ଏବଂ ରାଷ୍ଟ୍ରପତି ରାନିଲ ୱିକ୍ରମସିଂଘେ ମିଳିତ ଭାବରେ ଏକ ସାମୁଦ୍ରିକ ଉଦ୍ଧାର ସଂଯୋଜନା କେନ୍ଦ୍ର (ଏମ୍‌ଆରସିସି)ର ଶୁଭ ଉଦ୍‌ଘାଟନ କରିଛନ୍ତି, ଯାହା ଭାରତୀୟ ଅନୁଦାନରେ କଲମ୍ବୋଠାରେ ଶ୍ରୀଲଙ୍କା ନୌବାହିନୀ ପାଇଁ ପ୍ରତିଷ୍ଠା ହୋଇଥିଲା। ଏହା ବାଦ୍ ରହିଛି ବାଂଲାଦେଶକୁ ନୂଆ ଟ୍ରେନ୍ ଏବଂ ବସ୍ ସେବା ଯୋଗାଣ, ଭାରତୀୟ ଗ୍ରୀଡ୍ ମାଧ୍ୟମରେ ୪୦ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ରପ୍ତାନୀ, ସିରାଜଗଞ୍ଜଠାରେ ଏକ ଭୂଭାଗ କଣ୍ଟେନର ଡିପୋ ପ୍ରତିଷ୍ଠା କରିବା ଏବଂ ବାଂଲାଦେଶୀ ପୁଲିସ ଅଫିସରମାନଙ୍କ ପାଇଁ ୩୫୦ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମ୍ପର୍କିତ ସହମତିଭିତ୍ତିକ ଚୁକ୍ତିରେ ସ୍ୱାକ୍ଷର ହେବା । ଭାରତ ପାଇଁ ବାଂଲଦେଶ ସହିତ କୌଶଳପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର କରିବା ମୂଳରେ ମୁଖ୍ୟତଃ ଚାରିଗୋଟି ଉଲ୍ଲେଖନୀୟ ବାଧ୍ୟବାଧକତା ରହିଥିଲା। ଏଗୁଡ଼ିକ ଯଥାକ୍ରମେ– ଦେଶର ଅର୍ଥନୀତିକ ଅବସ୍ଥାରେ ଉନ୍ନତି କରିବା, ବାଂଲାଦେଶୀମାନଙ୍କ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ପୂରଣ କରିବା, ଏହି ଅଞ୍ଚଳରେ ଭାରତର ଉପସ୍ଥିତିକୁ ବୃଦ୍ଧି କରିବା ଏବଂ ବାଂଲାଦେଶରେ ଚୀନ୍‌ର ପ୍ରଭାବକୁ କ୍ଷୁଣ୍ଣ କରିବା ନିମନ୍ତେ ଉଦ୍ୟମ କରିବା। ଦୀର୍ଘ ଷୋହଳ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବାଂଲାଦେଶର ପ୍ରଧାନମନ୍ତ୍ରୀ ରହି ଆସିଥିବା ଶେଖ୍ ହସିନା ଉତ୍ତର-ମହାମାରୀ ପୁନରୁଦ୍ଧାର କାର୍ଯ୍ୟରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଭାରତ ସହିତ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ନିବିଡ଼ ଓ ଫଳବତୀ କରାଇବା ଦିଗରେ ସେ ଆଗ୍ରହ ପ୍ରକାଶ କରିଛନ୍ତି। ଅନ୍ୟ ପଟେ, ପୂର୍ବାପେକ୍ଷା ଭାରତ ବାଂଲାଦେଶ ପ୍ରତି ଚଳିତ ଥର ଅଧିକ ଆପଣାପଣିଆ ପ୍ରଦର୍ଶନ କରିବାର କାରଣ ହେଉଛି, ସମ୍ପର୍କର ପୃଷ୍ଠଭୂମିରେ ରହିଥିବା ଚୀନ୍‌ର ବାଂଲାଦେଶରେ ବେଳକୁ ବେଳ ଅଧିକରୁ ଅଧିକ ପ୍ରଭାବ ବିସ୍ତାର। ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବାଂଲାଦେଶର ପ୍ରଧାନମନ୍ତ୍ରୀ ଶେଖ୍ ହସିନା ତାଙ୍କର ଦୁଇଦିନିଆ ଗସ୍ତ କାଳରେ ସେମାନଙ୍କର ଭାଗିଦାରୀକୁ ରୂପାନ୍ତରଣକାରୀ ସହଯୋଗ ନିମନ୍ତେ ଏକ 'ଭବିଷ୍ୟବାଦୀ ଦୃଷ୍ଟିକୋଣ' ନେଇ ଗଭୀର କରିବାକୁ ଆଗେଇ ଆସିଛନ୍ତି। ବାଂଲାଦେଶର ଅବସ୍ଥିତିରେ ଭାରତର ଏକ ବିଶେଷ ସ୍ଥାନ ରହିଛି, ବିଶେଷକରି ୧୯୭୧ର ବାଂଲାଦେଶ ମୁକ୍ତିଯୁଦ୍ଧ ପାଇଁ, ଯେଉଁଥିରେ ଭାରତ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ତେବେ ୧୯୭୦ ଦଶକରେ ସାମରିକ ଶାସନ କାଳରେ ଦୁଇ ରାଷ୍ଟ୍ର ମଧ୍ୟରେ ବାଂଲାଦେଶୀମାନଙ୍କ ଭିତରେ ଭାରତ-ବିରୋଧୀ ମନୋଭାବ ଦେଖା ଦେବାରୁ ସମ୍ପର୍କରେ ସାମାନ୍ୟ ତିକ୍ତତା ଦେଖା ଦେଇଥିଲା। ପରନ୍ତୁ, ଉଭୟ ଦେଶର ସୀମାର ମିଳନ ୨୦୧୪ଠାରୁ ଦ୍ୱିପାକ୍ଷିକ ସମ୍ପର୍କକୁ ନୂଆ ଉତ୍ସାହ ପ୍ରଦାନ କରି ଆସିଛି। ୨୦୧୯ଠାରୁ ଏଯାବତ୍ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବଂଲାଦେଶର ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ମଧ୍ୟରେ ବିଭିନ୍ନ ଅବସରରେ ପ୍ରାୟ ୧୦ ଥର ସାକ୍ଷାତ ଆଲୋଚନା ହେବା ଦୁଇ ଦେଶର ସମ୍ପର୍କକୁ ଧୀରେ ଧୀରେ ଅଧିକ ଘନିଷ୍ଠ କରିବାରେ ସହାୟକ ହୋଇଛି। ଜୁନ୍ ୯, ୨୦୨୪ରେ ଭାରତର ପ୍ରଧାନମନ୍ତ୍ରୀ ଭାବରେ ନରେନ୍ଦ୍ର ମୋଦୀଙ୍କ ତୃତୀୟ ଥର ଶପଥ ଗ୍ରହଣ ଉତ୍ସବରେ ମଧ୍ୟ ଅନ୍ୟାନ୍ୟ ରାଷ୍ଟ୍ରର ନିମନ୍ତ୍ରିତ ନେତାମାନଙ୍କ ସହିତ ଶେଖ୍ ହସିନା ଯୋଗ ଦେଇଥିଲେ। ଶରଣାର୍ଥୀମାନଙ୍କ ଅଇଥାନ ଇତ୍ୟାଦି ଭଳି ଦୁଇ ଦେଶ ମଧ୍ୟରେ କେତେକ ସାମୟିକ ସମସ୍ୟା ରହିଥିଲେ ସୁଦ୍ଧା ଅର୍ଥନୀତିକ ସହଯୋଗ ଦୃଢ଼ ରହିଛି ଏବଂ ଆଞ୍ଚଳିକ ଅଭିବୃଦ୍ଧି ସହିତ ସମ୍ପର୍କରେ ସ୍ଥିରତା ବଜାୟ ରହିବାକୁ ନେଇ ଭାରତ ଏହାର ଆପଣାପଣିଆ ପ୍ରଦର୍ଶନ କରୁଥିବା ପଡ଼ୋଶୀ ବାଂଲାଦେଶକୁ ନେଇ ଗର୍ବିତ ଅନୁଭବ କରିପାରେ। କେବଳ ବାଂଲାଦେଶ ନୁହେଁ, ଭାରତ ଏହାର ଅନ୍ୟାନ୍ୟ ପଡ଼ୋଶୀ ଯଥା ଶ୍ରୀଲଙ୍କା ଏବଂ ମରିସସ୍ ତଥା ମାଳଦ୍ୱୀପ ସହିତ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ସଦା ସର୍ବଦା ଉଦ୍ୟମ କରି ଆସିଛି, ଯଦିଓ ଚୀନ୍ ଏସବୁ ଦେଶମାନଙ୍କରେ ତା'ର ଉପସ୍ଥିତିକୁ ସୁଦୃଢ଼ କରିବା ନିମନ୍ତେ ଆପଣ ପ୍ରୟାସ କରୁଛି । ତେବେ ଭାରତ ଦର୍ଶାଇ ପାରିଛି ଯେ ଏହାର 'ପ୍ରଥମେ ପଡ଼ୋଶୀ' ନୀତି କେବଳ ଏକ ନାରା ନୁହେଁ; ବାସ୍ତବତା ।



## ନିଷିଦ୍ଧ ନିଶାଦ୍ରବ୍ୟର ବ୍ୟବସାୟ ଓ ଅପବ୍ୟବହାର

### ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ମାନବ ସଭ୍ୟତା ଆରମ୍ଭରୁ ସମାଜ ବହୁ ପ୍ରକାର ନିଶା ଦ୍ରବ୍ୟକୁ ଆଦରି ଆସିଛି। ଏହି ନିଶା ଦ୍ରବ୍ୟ ଲୋକମାନଙ୍କର ଚିନ୍ତା, ଭାବନା, ଆବେଗ, ଭୋକ, ନିଦ୍ରା, ଯୌନ, ଇଚ୍ଛା, ବ୍ୟଥା ଉପଶମ ଓ ବ୍ୟବହାରରେ ନିୟନ୍ତ୍ରଣ ଆଣିବା ପାଇଁ ବ୍ୟବହାର କରାଯାଇଥାଏ, କିନ୍ତୁ ଦିନକୁ ଦିନ ନିଶା ବ୍ୟବହାର କରୁଥିବା ଲୋକମାନଙ୍କର ବର୍ଦ୍ଧିତ ଓ କ୍ରମବର୍ଦ୍ଧିଷ୍ଣୁ ମାତ୍ରା ସମାଜ ପାଇଁ ଏକ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ଏହାର ନିରାକରଣ ପାଇଁ ଜରୁରୀକାଳୀନ ପଦକ୍ଷେପ ନିଆ ନଗଲେ ସମାଜ ଧ୍ୱଂସାଭିମୁଖୀ ହେବ, ଏହା ନିଃସନ୍ଦେହ। ଏଥିପାଇଁ ଆଜିର ଦିନ (ଜୁନ ୨୬ ତାରିଖ)କୁ ସଂଯୁକ୍ତ ଜାତିସଂଘ ନିଷିଦ୍ଧ ନିଶାର ଅପବ୍ୟବହାର ଓ ତାର ବ୍ୟବସ୍ଥାର ସଚେତନତା ଦିବସ ରୂପେ ପାଳନ କରୁଅଛି। ଏହି ବ୍ୟବସାୟ ଅତ୍ୟନ୍ତ ଲାଭଦାୟକ ହୋଇଥିବାରୁ ଏହା ବିଭିନ୍ନ ଅସାମାଜିକ ବ୍ୟକ୍ତି, ଅନୁଷ୍ଠାନକୁ ଆକୃଷ୍ଟ କରିଛି ଯାହାକି ବିଶ୍ୱବାସୀଙ୍କ ଚିନ୍ତାର ବିଷୟ ପାଲଟି ଗଲାଣି। ସାଧାରଣତଃ ପ୍ରଚଳିତ ନିଶାଦ୍ରବ୍ୟ ଗୁଡ଼ିକୁ ଦୁଇଭାଗରେ ବିଭକ୍ତ କରାଯାଇଛି। ଆଇନ ସମ୍ମତ - ଦେଶର ଆଇନ ବ୍ୟବସ୍ଥା ଯେଉଁ ନିଶାର ବ୍ୟବହାର ଓ ଉତ୍ପାଦନ ଆଦିକୁ ଅନୁମତି ଦେଇଥାଏ, ଯେମିତିକି ଭାରତରେ ମଦ, ପାନ, ବିଡ଼ି, ସିଗାରେଟ, ଗୁଟଖା, ଭାଙ୍ଗ ଇତ୍ୟାଦି। ଆଇନ ଅସମ୍ମତ - ଯେମିତିକି ହିରୋଇନ, ଗଞ୍ଜେଇ, ଅଫିମ, ଆମଫିଟାମିନ, ବ୍ରାଉନସୁଗାର, ଚରସ ଓ ହାସିସ୍ ଇତ୍ୟାଦି। ମୁଖ୍ୟତଃ ବିଶ୍ୱର ୭୫% ଅଫିମ ଆଫଗାନିସ୍ଥାନରୁ ଓ କୋକେନ୍ ହଣ୍ଡୁରାସରୁ ଉତ୍ପାଦନ ହୁଏ। ଏହି ନିଶା କାରବାର ଉପରୋକ୍ତ ଦୁଇ ଦେଶରୁ ଆରମ୍ଭ ହୋଇ ପୃଥିବୀର ବିଭିନ୍ନ ଦେଶକୁ ବ୍ୟାପିଛି, ଯଥା ଆରବ ଦେଶ, ଋଷିଆ, ୟୁରୋପ, ଆମେରିକା, ଭାରତ ଓ ଅନ୍ୟ ଛୋଟବଡ଼ ଦେଶ। ଏକ ରିପୋର୍ଟରୁ ଜଣାଯାଇଛି ଯେ ଯେଉଁ ପଥ ଦେଇ ଏହି ନିଶାଦ୍ରବ୍ୟର ପରିବହନ ହୋଇଥାଏ ସେହି ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ଅଧିକ ହୋଇଥାଏ। ଏହାର ବ୍ୟବସାୟ ବହୁପ୍ରକାର ଅସାମାଜିକ ବ୍ୟକ୍ତି ଓ ଅନୁଷ୍ଠାନକୁ ଆକୃଷ୍ଟ କରିଥାଏ। କାରଣ ଅନ୍ୟ ଯେକୌଣସି ବ୍ୟବସାୟ ତୁଳନାରେ ଏହା ଅଧିକ ଲାଭଜନକ। ଅଲକାଇଦା, ଆଇଏସଆଇଏସ ଭଳି ଆନ୍ତର୍ଜାତିକ ଆତଙ୍କବାଦୀ ସଙ୍ଗଠନମାନଙ୍କର ଏହା ମୁଖ୍ୟ ଆୟର ମାର୍ଗ। ଏକ ରୋମାଞ୍ଚକର ବିଷୟ ଏହି ନିଶା ବ୍ୟବସାୟ ସମଗ୍ର ବିଶ୍ୱବାଣିଜ୍ୟର ୧% ଅର୍ଥ।

ନିଶାଦ୍ରବ୍ୟ ନିର୍ଭରଶୀଳତାଜନିତ ଅସୁବିଧା : ନିୟମିତ ନିଶା ସେବନ ଦ୍ୱାରା ମଣିଷର ସ୍ୱାସ୍ଥ୍ୟ, ଚାଲିଚଳନ, ପାରିବାରିକ, ସାମାଜିକ ସମ୍ପର୍କ କାର୍ଯ୍ୟଦକ୍ଷତା, ଅର୍ଥାଭାବ ଓ ଥଇଥାନ ସମସ୍ୟା ଇତ୍ୟାଦି ଦେଖାଯାଏ। ମୁଖ୍ୟ ଶାରୀରିକ ସମସ୍ୟା : ଯେପରିକି ଜଣ୍ଡିସ ବା କାମଳରୋଗ, ପେପ୍ଟିକ ଅଲସର, ନିଉରାଇଟିସ୍ ପାରାଲିସିସ୍, ହୃଦ୍‌ଘାତ, ଯକୃତ ଜନିତ ରୋଗ, ଅପସ୍ମାର ବାତ ଇତ୍ୟାଦି। ମୁଖ୍ୟ ମାନସିକ ସମସ୍ୟା : ନିଶା ବ୍ୟବହାର ଦ୍ୱାରା କେତେକ ସୁପ୍ତ ମାନସିକ ରୋଗପୂର୍ଣ୍ଣ ମାନସିକ ରୋଗ ହିସାବରେ ଉଭା ହୋଇଥାଏ। ଯେପରିକି ଡିପ୍ରେସନ, ସିଜୋଫ୍ରେନିଆ, ସାଇକୋସିସ୍ ଇତ୍ୟାଦି। ନିୟମିତ ନିଶାଦ୍ରବ୍ୟ ବ୍ୟବହାର ଦ୍ୱାରା ଅନେକ ମାନସିକ ରୋଗର ସମ୍ମୁଖୀନ ହୋଇଥାନ୍ତି। ଯେପରିକି ନିଦ୍ରାହୀନତା, ଆବେଗଜନିତ ସମସ୍ୟା, ସ୍ମରଣଶକ୍ତି କମିଯିବା, ସନ୍ଦେହ କରିବା ଦ୍ୱାରା ବିବାହ ବିଚ୍ଛେଦ ହେବା, ଆତ୍ମହତ୍ୟା ପ୍ରବଣତା ବଢ଼ିଯିବା, ଶୂନ୍ୟରୁ କଥା ଶୁଣିବା, ଅବାନ୍ତର କଥା ହେବା, ନିଶା ନଖାଇଲେ ନିଦ ନହେବା ଏବଂ ନିଶା ଛାଡ଼ିବାର ଇଚ୍ଛା ସତ୍ତ୍ୱେ ଛାଡ଼ି ନପାରିବା। ଭାରତରେ ନିଶା ଦ୍ରବ୍ୟର ବ୍ୟବହାର : ଭାରତରେ ନିଶା ଦ୍ରବ୍ୟର ବ୍ୟବହାର ବହୁଳଭାବେ ପଞ୍ଜାବରେ ଦେଖାଯାଏ ଏବଂ ଭାରତ ବର୍ଷରେ ପଞ୍ଜାବ ନିଶା ଜର୍ଜରିତ ରାଜ୍ୟ ଭାବେ ପରିଚିତ। ଏଠି ସୂଚନାଯୋଗ୍ୟ ହିନ୍ଦୀ ସିନେମା ଉଡତା ପଞ୍ଜାବ ଏହି ନିଶା କାରବାର ଓ ବ୍ୟବହାରକୁ ବିଷୟକୁ ନେଇ ଆଧାରିତ। ଏହି ରାଜ୍ୟ ଅନ୍ତର୍ଭୁକ୍ତ ସୀମା ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳମାନଙ୍କରେ ନିଶା କାରବାର ଏକ କୌଳିକ ବୃତ୍ତି ଭାବରେ ଆଦିର ନେଲେଣି। ଯେଉଁ ବ୍ରାଉନ ସୁଗାରର ଦର ସୀମାପାର୍ଶ୍ୱରେ ୧ଲକ୍ଷ ସେହି ଦ୍ରବ୍ୟ ଦିଲ୍ଲୀରେ ୧କୋଟି ଟଙ୍କା ହୋଇଯାଏ। ଏହି ରାଜ୍ୟର ୭୫%ରୁ ଅଧିକ ଯୁବକ/ଯୁବତୀ ନିଶାଗ୍ରସ୍ତ ଅଟନ୍ତି। ଆମ ଓଡ଼ିଶାରେ ମଧ ଏହି ନିଶା ଦ୍ରବ୍ୟର ବ୍ୟବହାର କମ୍ ନୁହେଁ। ସାଧାରଣତଃ ଓଡ଼ିଶାର ଦକ୍ଷିଣ ଭାଗ ଯଥା ମାଓବାଦୀ ପ୍ରବଣ ଜିଲ୍ଲାମାନଙ୍କରେ ନିଶାଦ୍ରବ୍ୟର ଉତ୍ପାଦନ ଅଧିକ ହୋଇଥାଏ। ନିଶାମୁକ୍ତ ସମାଜ ଗଠନ କରିବା ଯଦିଓ ଅସମ୍ଭବ, କିନ୍ତୁ ସଚେତନତା ଓ ସରକାରଙ୍କ ଉଚିତ ପଦକ୍ଷେପ ଦ୍ୱାରା ଏହାର ବ୍ୟବହାର ଓ ଉତ୍ପାଦନକୁ କିଛି ମାତ୍ରାରେ ନିୟନ୍ତ୍ରଣ କରିହେବ। ନିଶାଗ୍ରସ୍ତ ରୋଗୀଙ୍କ ଚିକିତ୍ସା ବନ୍ଦୋବସ୍ତ କରିବା ସରକାରୀ ଓ ବେସରକାରୀ ସ୍ତରରେ ନିତାନ୍ତ ଆବଶ୍ୟକ। ବର୍ତ୍ତମାନ ଆମ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ହେବାକୁ ଯାଉଥିବା ୮ଟି ନିଶା ନିବାରଣ କେନ୍ଦ୍ର ନିଶାମୁକ୍ତ ସମାଜ ଗଠନ ପାଇଁ ଏକ ଆଧାର ହେବ। ଆଇନଜ୍ଞ, ଶିକ୍ଷାବିତ୍, ପୁଲିସ୍, ସମ୍ବାଦପତ୍ର, ସାମାଜିକ ସ୍ୱେଚ୍ଛାସେବୀମାନଙ୍କର ସଚେତନତା, ମନସ୍ତତ୍ତ୍ୱବିତ୍, ଯଥା ଡାକ୍ତର ଓ ମାନସିକ ରୋଗ ବିଶେଷଜ୍ଞ ଏବଂ ସମାଜଅଭିମୁଖୀ ଚେଷ୍ଟା ଦ୍ୱାରା ଏହି ସମସ୍ୟାକୁ ଆମେ ଏଡ଼େଇ ପାରିବା।


ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭


## ରାଜନୀତିର କଡ ଲେଉଟାଣି, ଗେରୁଆ ଓଡ଼ିଶା....

### ଏସ୍. ସତ୍ୟପ୍ରକାଶ

ନବୀନ ବାବୁଙ୍କ ଅର୍ଥାତ୍ ବିଜେଡ଼ିର ଯୁଗ ଆରମ୍ଭ ହୋଇଥିଲା ମାର୍ଚ୍ଚ ୫, ୨୦୦୦ ମସିହାରେ। ବିଜେଡ଼ି ସହ ବିଜେପିର ମେଣ୍ଟ ସରକାର ଗଠନ ହୋଇଥିଲା। ଏହାପରେ କ୍ରମାଗତ ପାଞ୍ଚ ପାଞ୍ଚଥର ରେକର୍ଡ଼ଧାରୀ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଛନ୍ତି। କେହି ତାଙ୍କୁ ଅପରାଜେୟ, ଅତ୍ୟନ୍ତ ଶକ୍ତିଶାଳୀ, ରାଜନୀତିର ଚାଣକ୍ୟ ସବୁକିଛି ବିଶେଷଣରେ ପୋତି ପକାଉଥିଲେ ହେଲେ ୨୪ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ନବୀନ ଯୁଗଟି ଏକ ବିପର୍ଯ୍ୟୟ ଭିତରେ ଶେଷ ହୋଇଗଲା। ଚଳିତଥର ଷଷ୍ଠଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପୂର୍ବରୁ ନୂଆ ରେକର୍ଡ଼ର ଯେଉଁ ଲକ୍ଷ୍ୟ ରଖିଥିଲେ ନବୀନ ତାହା ସଫଳ ହୋଇପାରିଲା ନାହିଁ। ବିଧାନସଭାର ୧୪୭ଟି ସିଟରୁ ଭାଜପା ୭୮, ବିଜେଡ଼ି ୫୧ ଓ କଂଗ୍ରେସ ୧୪ଟିରେ ଜିତିଥିବାବେଳେ ତିନିଜଣ ସ୍ୱାଧୀନ ଓ ଜଣେ ସିପିଆଇଏମର ବିଧାୟକ ରହିଛନ୍ତି। ଗତ ବିଧାନସଭାରେ ବିଜେଡ଼ିର ୧୧୩ ବିଧାୟକ ରହିଥିଲେ ଯଦିଓ ୧୯୯୦ରେ ୧୨୩ ଆସନ ସେମାନେ ଜିତିଥିଲେ। ମତଦାତାଙ୍କର କ୍ଷୁବ୍ଧ ପ୍ରତିକ୍ରିୟା ଏପରି ଥିଲା ଯେ ନିଜେ ନବୀନ ବାବୁ ଗୋଟିଏ ଆସନରେ ଜିତିଥିବାବେଳେ କଣ୍ଟାବାଞ୍ଜିରୁ ହାରିଯାଇଛନ୍ତି। ଓଡ଼ିଶାରେ ବିଜେପିର ପ୍ରଚଣ୍ଡ ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ ଏହା ମଧ ଜଣାଇଛନ୍ତି ଯେ 'ଓଡ଼ିଶା ସଂସ୍କୃତିକୁ ନେଇ ଉତ୍ସବ ପାଳନ କରିବାର ଏହା ହେଉଛି ଏକ ଚମତ୍କାର ବିଜୟ, ବିଜେପି ଲୋକଙ୍କ ସ୍ୱପ୍ନ ପୂରଣ କରିବାକୁ ଓ ଓଡ଼ିଶାର ପ୍ରଗତିକୁ ନୂଆ ଉଚ୍ଚତାରେ ପହଞ୍ଚାଇବାରେ କୌଣସି ହେଳା କରିବ ନାହିଁ। ଦଳର ସବୁ କର୍ମକର୍ତ୍ତାଙ୍କୁ ନେଇ ଆମେ ଗର୍ବିତ। ବିଜେଡ଼ିର ବିପର୍ଯ୍ୟୟରେ ଟାଣୁଆ ନେତା କୁହାଯାଉଥିବା ୧୨ଜଣ ମନ୍ତ୍ରୀ ବିଜେପିର ନବାଗତଙ୍କ ଠାରୁ ହାରି ଯାଇଛନ୍ତି।

ପ୍ରଶ୍ନ ଉଠୁଛି ବିଜେପି ଓଡ଼ିଶାରେ ମାଟି କାମୁଡ଼ିଲା କାହିଁକି? ମାତ୍ର ଦୁଇ ମାସ ଭିତରେ ଯେପରି ସବୁକିଛି ଅଙ୍କ ଓଲଟ ପାଲଟ ହୋଇଗଲା। ରାଜନୈତିକ ସମୀକ୍ଷକ ଓ ସମଗ୍ର ଓଡ଼ିଶାବାସୀଙ୍କ ଭିତରେ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ୨୭ ବର୍ଷ ପରେ ବିଜେଡ଼ି ଯେଉଁପରି ଝଟକା ପାଇଛି ତାହା କଳ୍ପନା ବାହାରେ। ପ୍ରଥମ ନଅ ବର୍ଷ ବିଜେପି ସହ ଓ ପରବର୍ତ୍ତୀ ୧୫ ବର୍ଷ ବିଜେଡ଼ି ଏକାକି ଶାସନ କରିଛି। ତେବେ ଓଡ଼ିଆ ଅସ୍ମିତା ବିଜେପି ସଫଳତାର ବଡ଼ ରହସ୍ୟ ବୋଲି କୁହାଯାଇପାରେ। ପ୍ରଥମଥର ପାଇଁ ବିଜେପି ଭଳି ଏକ ଜାତୀୟ ଦଳ ଟ୍ରମ୍ପକାର୍ଡ଼ ଭାବେ ଓଡ଼ିଆ ଅସ୍ମିତାକୁ ଯେଉଁପରି ଭାବେ ବ୍ୟବହାର କଲା ଆଉ ପ୍ରଧାନମନ୍ତ୍ରୀ ମୋଦିଜୀ ଓଡ଼ିଆ ସ୍ୱାଭିମାନ ଓ ଓଡ଼ିଆ ଅସ୍ମିତା କଥା କହି ଯେଉଁ ଆବେଗଭରା ବାର୍ତ୍ତା ରଖିଲେ ତାହା ଓଡ଼ିଶାବାସୀଙ୍କୁ ଛୁଇଁଲା। ଶ୍ରୀମନ୍ଦିର ରତ୍ନ ଭଣ୍ଡାର ପ୍ରସଙ୍ଗ ସହ ରତ୍ନଭଣ୍ଡାର ଚାବି ଏହା ସହ ଯାଞ୍ଚ କମିଟିର ରିପୋର୍ଟ ଏସବୁ ବିଜେପି ପାଇଁ ସଫଳତା ଦେଇପାରିଲା। ବିଜେଡ଼ି ସରକାର ମୁଣ୍ଡରେ ଅବହେଳା ଓ ବେଇମାନିର ପାପ ବୋଳି ଥିଲେ ଖୋଦ ମୋଦିଜୀ। ସେ ଏହାମଧ କହିଥିଲେ ଓଡ଼ିଶାର ଚାଷୀଙ୍କ ସହ ବିଶ୍ୱାସଘାତକତା ହୋଇଛି। ଧାନର ଏମଏସପି ଦର ୨୨୦୦ ଟଙ୍କା ମଧ ମିଳୁନି, ବିଜେପି ସରକାର ଆସିଲେ ଏହି ଧର ୩୧୦୦ ଟଙ୍କା ହେବ। ମୋଦିଜୀ ଜଣେ ଓଡ଼ିଆ ମୁଖ୍ୟମନ୍ତ୍ରୀ ହେବେ ବୋଲି ଗ୍ୟାରେଣ୍ଟି ସହ ଓଡ଼ିଶାବାସୀଙ୍କ ପାଖରେ ଅପିଲଟିଏ ମଧ ରଖିଲେ ଯେ ୨୫ବର୍ଷ ବିଜେଡ଼ି ଦଳକୁ ସମର୍ଥନ ଦେଲେ ଏଥର ବିଜେପିକୁ ଥରେ ସୁଯୋଗ ଦିଅନ୍ତୁ। ଓଡ଼ିଶା ବିକାଶରେ ଶୀର୍ଷ ଛୁଇଁବ ଏହା ହେଉଛି ମୋଦୀ ଗ୍ୟାରେଣ୍ଟି। ସେ ଆଉ ପାଦେ ଆଗକୁ ଯାଇ ଜୁନ ୧୦ରେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାରର ଶପଥ ଗ୍ରହଣ କାର୍ଯ୍ୟକ୍ରମ ହେବ ବୋଲି ମଧ ଆତ୍ମବିଶ୍ୱାସର ସହ କହିଥିଲେ। କେନ୍ଦ୍ର ବିଜେପି ଓ ବିଜେପିର ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଘନ ଘନ ଗସ୍ତ ଓଡ଼ିଶାରେ ବିଜେପି ସପକ୍ଷରେ ବଡ଼ ଅନୁକୂଳ ବାତାବରଣ ତିଆରି କରିଥିଲା। ଓଡ଼ିଶା ବିଜେପି ପୁରା ଉତ୍ସାହର ସହ ଆଉ ଲକ୍ଷ ଲକ୍ଷ କର୍ମୀଙ୍କ ଅକୁଣ୍ଠ ପରିଶ୍ରମର ଭାବାବେଗକୁ ନେଇ ଭୋଟ ଲଢ଼ିଥିଲା। ମୋଦିଜୀଙ୍କ ଓଡ଼ିଶା ଗସ୍ତ, କଠିନ ପରିଶ୍ରମ ଓ ମୋଦିଜୀଙ୍କ ହାୱା ଯୋଗୁଁ ଓଡ଼ିଶାରେ ଅଙ୍କ ଓଲଟ ପାଲଟ କରିବାରେ ବିଜେପି ଏକ ପ୍ରକାର ସକ୍ଷମ ହୋଇପାରିଲା।

ଓଡ଼ିଶାରେ ନବୀନ ବାବୁଙ୍କୁ ନେଇ ଏକ ଭାବାବେଗର ପ୍ରଶ୍ନ ଉଠିଥିଲା। ବିଜୁ ବାବୁଙ୍କ ପୁଅ, ବଡ଼ ଲେଖକ, ଘର ପରିବାର ନାହିଁ ଏହିପରି ଅନେକ ଆବେଗ ଲୋକମାନଙ୍କ ସହ କିଛି ବର୍ଷ ଯୋଡ଼ି ରଖିବାରେ ବିଜେଡ଼ି ସମର୍ଥ ହୋଇଥିଲା। ତେବେ ୨୪ ବର୍ଷ ଯୁଗର ଅବସାନ ଘଟିଛି। ନବୀନ ବାବୁ କେବେ ବି ବିକାଶକୁ ନେଇ ନିର୍ବାଚନ ଲଢ଼ି ନାହାଁନ୍ତି। ଲୋକଙ୍କୁ ମାଗଣା ଦେଇ, ବିଭିନ୍ନ ରିହାତି ଓ ପ୍ରଲୋଭନ ଭରଷାରେ ହିଁ ଜିତିବାକୁ ଚେଷ୍ଟା କରିଛନ୍ତି। କ୍ଷମତାକୁ ଭରପୁର ଉପଯୋଗ କରି ନିଜ ଭୋଟ ବ୍ୟାଙ୍କ ପାଇଁ ଭୋଟରଙ୍କ ପାଖରେ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯେପରି ସବୁ ଖଞ୍ଜି ଦେଇଥିଲେ। ଦୁର୍ନୀତିମୁକ୍ତ ଚେହେରା ଓ ସବୁ ମାଗଣା ବିଜେଡ଼ିର ଭୋଟବ୍ୟାଙ୍କକୁ ବଢ଼ାଉଥିଲା। ନିର୍ବାଚନର ଶେଷ ସମୟ ବେଳକୁ ମାଷ୍ଟର ଷ୍ଟ୍ରୋକ୍ ଭାବେ ମାଗଣା ବିଜୁଳିକୁ ମଧ ଘୋଷଣା କରିଥିଲେ। ତେବେ ମୁଖ୍ୟ କଥା ହେଉଛି ନବୀନ ବାବୁଙ୍କ ପଞ୍ଚମ ପାଳିର ଶାସନ ସମୟରୁ ହିଁ ଅସନ୍ତୋଷର ଦାନା ବାନ୍ଧିଲା। ସୁପର ଚିଫ ମିନିଷ୍ଟର କୁହାଯାଉଥିବା କାର୍ତ୍ତିକ ପାଣ୍ଡିଆନଙ୍କ ଦ୍ୱାରା ରାଜ୍ୟ ଶାସନ ଚାଲୁଛି ଆଉ ମୁଖ୍ୟମନ୍ତ୍ରୀ କେବଳ ନାମକୁ ମାତ୍ର ଏହି ଧାରଣା ସୃଷ୍ଟି ହେଲା। ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଏବଂ ନିର୍ବାଚନ ପ୍ରଚାର ସମୟରେ ମଧ ଲୋକ ପ୍ରତିନିଧି ମାନଙ୍କୁ ଅଣଦେଖା କରାଗଲା। ଏହା ନବୀନଙ୍କ ଭାବମୂର୍ତ୍ତିରେ ଆଞ୍ଚ ଆଣିବା ପାଇଁ ଯଥେଷ୍ଟ ଥିଲା। ନବୀନଙ୍କ ପରେ ପାଣ୍ଡିଆନ ହିଁ ଦ୍ୱିତୀୟ କ୍ଷମତା କେନ୍ଦ୍ର ଓ ପରବର୍ତ୍ତୀ ନେତା ଯଦିଓ ଓଡ଼ିଶାବାସୀ ମୋ ଉତ୍ତରାଧିକାରୀ ବାଛିବେ ଏହି ମନ୍ତବ୍ୟ ଦେବାବେଳକୁ ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କ ପାଖରେ ନିଜର ବିଶ୍ୱସନୀୟତା ଯଥେଷ୍ଟ ହରାଇ ସାରିଥିଲେ। ରାଜ୍ୟ ବାହାରର ଜଣେ ଅଧିକାରୀ ଓଡ଼ିଶାବାସୀଙ୍କ ମୁରବୀ ସାଜିବ, ଓଡ଼ିଆଙ୍କୁ ଶାସନ କରିବ ଏହି ବାର୍ତ୍ତା ଚାରିଆଡ଼େ ଖେଳିଲା। ତାମିଲ ଗୋଷ୍ଠୀଙ୍କ ବ୍ୟବସାୟୀ, କଣ୍ଟ୍ରାକ୍ଟର, ଠିକାଦାର, ଓଡ଼ିଶାର ଚାରିଆଡ଼େ ନିଜ ବେପାରକୁ ନେଇ ମାଡ଼ିଗଲେ। ମଝିରେ ବିଜେଡ଼ି ବିଜେପି ମେଣ୍ଟ ହେବା ନେଇ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଗଲା। ତେବେ ରାଜ୍ୟ ବିଜେପି ନେତାମାନେ ଏହାକୁ ରୋକଠୋକ ପ୍ରତ୍ୟାଖ୍ୟାନ କଲେ। ଦଳର କେନ୍ଦ୍ରୀୟ ନେତାମାନେ ମେଣ୍ଟ ଚାହୁଁଥିଲେ ବି ରାଜ୍ୟ ନେତାମାନେ ମେଣ୍ଟ ବିପକ୍ଷରେ ବୁଝାଇ ସଫଳ ହେଲେ। ପ୍ରଚାର ସମୟରେ ବିଜେପି ନବୀନ ପାଣ୍ଡିଆନଙ୍କ ଶାସନରେ କିପରି ଓଡ଼ିଆଙ୍କ ସ୍ୱାର୍ଥ କ୍ଷତିଗ୍ରସ୍ତ ହେଉଛି ତାହାକୁ ସେମାନେ ଲୋକଙ୍କୁ ବୁଝାଇବାରେ ସଫଳ ହେଲେ। ଓଡ଼ିଶାରେ ତାମିଲ ଶାସନ କରିପାରିବେ ନାହିଁବୋଲି ନିଜେ ବିଜେପିର ଚାଣକ୍ୟ କୁହାଯାଉଥିବା ଅମିତ ଶାହା କହିଲେ। ଏପରିକି ପାଣ୍ଡିଆନଙ୍କ ଇଙ୍ଗିତରେ ଓଡ଼ିଶାର ଖଣି ପାଣି, ମାଟି ସବୁ କିଛିକୁ ଅଣ ଓଡ଼ିଆମାନେ ଲୁଟୁଛନ୍ତି ବୋଲି କହିଲେ। ଏସବୁର ପ୍ରଭାବ ଲୋକଙ୍କ ଉପରେ ପଡ଼ିଲା। ଓଡ଼ିଆ ଅସ୍ମିତା ନବୀନ-ପାଣ୍ଡିଆନଙ୍କ ହାତରେ ସୁରକ୍ଷିତ ନୁହେଁ ବୋଲି ରାଜ୍ୟବାସୀଙ୍କ ପାଖକୁ ବାର୍ତ୍ତା ଚାରିଆଡ଼େ ଖେଳିଗଲା। ବିଜେପିର ଏହି ଯୋଜନାବଦ୍ଧ ରଣନୀତି ଓ ଆକ୍ରମଣ ପ୍ରଭାବୀ ସାବ୍ୟସ୍ତ ହେଉଥିଲେ ବି ବିଜେଡ଼ିର ରଣନୀତିକାରମାନେ ତାହାକୁ ବୁଝିପାରିଲେ ନାହିଁ।

ବିଜେଡ଼ିର ଦ୍ୱିତୀୟ କ୍ଷମତା କେନ୍ଦ୍ର କୁହାଯାଉଥିବା ପାଣ୍ଡିଆନ ପ୍ରଚାର ବେଳେ ନବୀନ ବାବୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ ନହେଲେ ସେ ରାଜନୀତି ଛାଡ଼ିଦେବେ ବୋଲି କହିଥିଲେ। ୨୦୧୨ ମସିହାରେ ବିଜେଡ଼ିର ତତ୍କାଳୀନ କ୍ଷମତା କେନ୍ଦ୍ର ପ୍ୟାରି ବାବୁ ଦଳରୁ ବିତାଡ଼ିତ ହେବା ପରେ ପାଣ୍ଡିଆନ ସରକାର ଓ ଦଳରେ ନିଜ ପ୍ରଭାବର ଚେର ମଡ଼ାଇଥିଲେ। ୨୦୧୯ ବିଜେଡ଼ି ଟିକେଟ ବଣ୍ଟନରେ ତାଙ୍କ ଭୂମିକା ପଦାକୁ ଆସିଲା ଏବଂ ପରେ ସେ ଏକ ପ୍ରକାର ଆଧିପତ୍ୟ ଦେଖାଇବା ପରେ ଅନ୍ୟ ନେତାମାନେ ଗୌଣ ହୋଇଯାଇଥିଲେ। ୫ଟି ପରି ଅସ୍ତିତ୍ୱ ନଥିବା ଏକ ବିଭାଗର ସଚିବ ହୋଇ ସବୁ ବିଭାଗକୁ ତାଙ୍କ ଅଧୀନକୁ ଆଣିବା ପରେ ସେ ସର୍ବେସର୍ବା ହୋଇଗଲେ। ମୁଖ୍ୟମନ୍ତ୍ରୀ କିନ୍ତୁ ପ୍ରତିବାଦ କରିନଥିଲେ। ରାଜ୍ୟ ସାରା ବୁଲି ସଭା କଲେ, ଚାକିରୀରେ ଥାଇ ବିଧାୟକମାନେ ମଞ୍ଚରେ ବସିପାରିଲେ ନାହିଁ ଅଥଚ ସଭାକୁ ସଫଳ କରିବାକୁ ଲାଗିପଡ଼ିଲେ। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପଦ ସେ ଛାଡ଼ିବା ପରେ ଅନ୍ୟ କେହି ବି ଏହି ଦାୟିତ୍ୱରେ ନିଯୁକ୍ତ ହୋଇନଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦପ୍ତରର ସବୁ କାର୍ଯ୍ୟ ପାଣ୍ଡିଆନଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିଲା। ତେବେ ଏହି ପାଣ୍ଡିଆନଙ୍କୁ ନେଇ ବିଜେଡ଼ି ଯେଉଁପରି ରଣନୀତି ସହ ଆଗେଇଲା ଏହା ହିଁ ସବୁ ବିପର୍ଯ୍ୟୟର ମୁଖ୍ୟ କାରଣ ପାଲଟିଲା।

ନବୀନ ପଟ୍ଟନାୟକ ଓଡ଼ିଆ ନଜାଣିବି ୨୪ ବର୍ଷ ମୁଖ୍ୟମନ୍ତ୍ରୀ ରହିପାରିଲେ ତେଣୁ ଓଡ଼ିଶାରେ ଏସବୁ ଚଳେ ଆଉ ନବୀନ ହିଁ ଓଡ଼ିଶା, ଓଡ଼ିଶା ହିଁ ନବୀନ ଏହି ଆକାଶ ଛୁଆଁ ଦମ୍ଭ ସବୁକିଛିକୁ ଧୂଳିସାତ କରିଦେଲା। ବିଜେଡ଼ିର ଏକ ବଡ଼ ଗୋଷ୍ଠୀ ଦଳକୁ ଜିତାଇବା ପାଇଁ ଯେତିକି ସମୟ ଦେଉନଥିଲେ ପାଣ୍ଡିଆନକୁ ହିରୋ ବନାଇବା ପାଇଁ ଅଧିକ ବଳ, କଳ, କୌଶଳ ଓ ଧନବଳ ମଧ ଲଗାଇଥିଲେ। ବିଜେଡ଼ି ହାରିବା ପଛରେ ଅନ୍ୟ ପ୍ରମୁଖ କାରଣ ହେଉଛି ମନ ଇଚ୍ଛା ଟିକେଟ ବଣ୍ଟା। ବିଜେଡ଼ି ରଣନୀତିକାରମାନେ ଭାବିନେଇଥିଲେ ଯେ ବିଜେଡ଼ି ଓ ନବୀନ ପଟ୍ଟନାୟକଙ୍କ ନାମରେ ଯିଏ ଛିଡ଼ା ହେଲେ ବି ସିଏ ଜିତିଯିବେ। ଏହି ମିଛ ଓ ଅଧିକ ଆତ୍ମଭରଷା ସେମାନଙ୍କ ପାଇଁ କାଳ ହେଲା। ସରକାରୀ ବିରୋଧୀ ହାୱାରେ ବିଜେଡ଼ିର ଗଡ଼ ଧ୍ୱଂସବିଧ୍ୱଂସ ହୋଇଗଲା। ୨୪ ବର୍ଷରୁ ଅଧିକ ସମୟ ଶାସନ କରିଥିଲେ ବି ଦଳ କୌଣସି ବଡ଼ ପ୍ରତିଶ୍ରୁତି ଲୋକଙ୍କୁ ଦେଇନଥିଲା। କେନ୍ଦ୍ର ଅବହେଳା ପ୍ରସଙ୍ଗ ସବୁବେଳେ ବିଜେଡ଼ି ବଡ଼ ଅସ୍ତ୍ର କରିଥାଏ। ଯେହେତୁ କେନ୍ଦ୍ର ଅପର୍ଯ୍ୟାପ୍ତ ସହଯୋଗ ଦେଉଛି ଏବଂ ମେଣ୍ଟ ପାଇଁ ବିଜେଡ଼ି ହାତ ବଢ଼ାଇଥିଲା ଏହି କାରଣ ପାଇଁ ଚଳିତ ନିର୍ବାଚନ ବୈତରଣୀ ପାର ହେବା ପାଇଁ କେନ୍ଦ୍ରକୁ ଦୋଷ ଦେଇପାରିଲା ନାହିଁ। ବିଧାନସଭାରେ ବିଜେଡ଼ି ଶୋଚନୀୟ ପରାଜୟ ବରଣ କଲା। ଲୋକସଭାରେ ଅତ୍ୟନ୍ତ ଶୋଚନୀୟ ପ୍ରଦର୍ଶନ କରି ଦିନେ ବଡ଼ଭାଇ ଓ କେନ୍ଦ୍ର ରାଜନୀତିରେ ବଡ଼ ମୂଲ୍ୟ ରଖିପାରୁଥିବା ବିଜେଡ଼ି ପରି ଏକ ଶକ୍ତିଶାଳୀ ଆଞ୍ଚଳିକ ଦଳ ନିଜର ଶୋଚନୀୟ ପ୍ରଦର୍ଶନ ଦ୍ୱାରା ଜାତୀୟ ସ୍ତରରେ ନିଜର ପ୍ରାସଙ୍ଗିକତା ହରାଇଲା। ବିଜେଡ଼ିର ଜଣେ ବି ସାଂସଦ ଜିତି ପାରିନଥିବାରୁ ଜାତୀୟ ରାଜନୀତିରେ ବିଜେଡ଼ି ଏକ ପ୍ରକାର ଅଲୋଡ଼ା ହୋଇଗଲା। ଓଡ଼ିଶାବାସୀ ଏକ ଭିନ୍ନ ମାନସିକତାରୁ ଉଠି ଓଡ଼ିଶାକୁ ନୂଆ ପ୍ରଗତି, ନୂଆ ବିକାଶକୁ ଆଗେଇ ନେବା ପାଇଁ ଯେଉଁ ସ୍ୱାଗତଯୋଗ୍ୟ ନିଷ୍ପତ୍ତି ନେଇଛନ୍ତି ଏହା ଧନ୍ୟବାଦର ପାତ୍ର। ଚଳିତ ନିର୍ବାଚନରେ ଓଡ଼ିଶା ଲୋକ ମାଗଣା ପାଇଁ ନୁହେଁ ବରଂ ଓଡ଼ିଶାର ସ୍ୱାଭିମାନ ପାଇଁ ଅସ୍ମିତା ପାଇଁ ଓ ବିକାଶ ପାଇଁ ସ୍ୱାଭିମାନର ଲଢ଼େଇକୁ ସାମ୍ନା କରୁଥିଲେ। ଓଡ଼ିଶାର ଅସ୍ମିତାକୁ ଲୁଙ୍ଗିରେ ବାନ୍ଧି ଅନ୍ୟ ରାଜ୍ୟକୁ କେହି ନେଇ ନଯାଉ ଏହି ବାର୍ତ୍ତା ଭୋଟର ଜଣାଇ ଦେଲେ। ଭାବାବେଗ ନୁହେଁ ବିକାଶକୁ ଗୁରୁତ୍ୱ ଦେଇଛନ୍ତି ରାଜ୍ୟବାସୀ। କେନ୍ଦ୍ରୀୟ ଭାଜପା ନେତୃତ୍ୱ ରାଜ୍ୟରେ ପ୍ରଚାର ମଙ୍ଗ ଧରି ଓଡ଼ିଶାବାସୀଙ୍କ ମାନସିକତାକୁ ଠିକ ଭାବେ ବୁଝି ପାରିଥିଲେ। ଲୋକମାନଙ୍କ ଭିତରେ ଭ୍ରଷ୍ଟାଚାର, ଅସ୍ମିତା, ବିକାଶ, ତାମିଲଦାଦାଗିରି ଏପରି ଅନେକ ପ୍ରସଙ୍ଗକୁ ନେଇ ଯେଉଁ ପ୍ରଭାବ ସୃଷ୍ଟି କରିଥିଲେ ତାହା ବଡ଼ କାମ ଦେଲା। ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଉପରେ ବିଶେଷ ଦୃଷ୍ଟି ଦେଇଥିଲେ। ପୁଣିଥରେ ମୋଦିଜୀ ହ୍ୟାଟ୍ରିକ ଭାବେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବାକୁ ଯାଉଛନ୍ତି। ମୋଦିଜୀଙ୍କ ପରିବର୍ତ୍ତନ ଓ ବିକାଶ ଏହା ହିଁ ଆଗାମୀ ବିକଶିତ ଓଡ଼ିଶାର ନୂଆ ଚେହେରା ହେବ।


ସିଡ଼ିଏ, କଟକ,
ମୋ: ୮୯୨୬୨୮୧୭୦୭





### ପିଲାଦିନ

**ଶ୍ରୀକାନ୍ତ ପତି**

ପୁରି ଗଲା ମତେ ବାଇଷି ବରଷ
ସରିଗଲା ମୋର ପିଲା ଦିନ,
ପିଲା ଦିନ ବେଳ ସାଙ୍ଗ ସାଥୀ ମେଳ
ମନେ ପଡ଼ ବାପା ବହୁତ ଥର ।
ଦୁଷ୍ଟ ହେଲେ ବାପା ମା'ଙ୍କର ଗାଳି
ମନେ ପଡ଼େ ବାପା ବହୁତ ଥର,
ଭାଇ ଭାଇ ଭିତରେ କେତେ ଯେ
ଝଗଡ଼ା
ଲାଗୁଥିଲୁ ଆମେ ପ୍ରତି ଦିନ,
ମଉସା ମାଉସୀ ମାମୁଁ ଆଇ ମୋର
କେତେ ଯେ ଶରଧା କରିଛନ୍ତି ।
ସ୍ନେହ ପ୍ରେମ ତାଙ୍କ ଅତୁଟ ରହିବ
ସରିବନି କେବେ ପ୍ରେମ ତାଙ୍କର,
କାକା ମତେ ରାଗ ହେଲେ
ମମି ମତେ ରାଗ ହେଲେ,
ଖୁଡ଼ି ମତେ ଭଲ ପାଉଥିଲେ
ସାଙ୍ଗ ସାଥି ଗଣ୍ଡ ଗୋଳ ମାଡଗୋଡ଼ି
ଖେଳକୁଦ
ସମାଧାନ ନୀତି ହେଉଥିଲା ।
ଶ୍ରେଣୀ ପାଠ ପଢ଼ା ସାଙ୍ଗ ସାଥି ମଜା
ଫେରିବନି ଆଉ ସେହି ଦିନ,
ଛୋଟ ପିଲା ବୋଲି ସାହିର ଆଦର
ବାପାଙ୍କର ମୁଁ ଗେହ୍ଲା ପୁଅ.... ।


ନୟାଗଡ଼
ମୋ: ୮୨୪୯୧୧୯୦୦୯


### ସମୟ ଏକ ପାହାନ୍ତି ପହରର

**ରାମଚନ୍ଦ୍ର ବେହେରା**

ଥିଲା ଆକାଶରେ କାଳି ଜହ୍ନ
ଘୁମେଇ ପଡି ଥିଲେ ରାସ୍ତାରେ
ଦିନ ତମାମ ଦୌଡ଼ି ଦୌଡ଼ି ନୟାଂତ
ହୋଇ ପଡି ଯାଇଥିବା କୁକୁର ପଲ
କିନ୍ତୁ ପଡି ରହି ଥିଲା ସେଇ ଚିହ୍ନ ।
ଶୁଭୁ ଥିଲା ଗାୟତ୍ରୀ ମଂତ୍ରର ମୂର୍ଚ୍ଛନା
ଦୂର ଦେବାଳୟେ
ଭରି ଯାଉଥିଲା ମନେ ଏକ ଅନନ୍ୟ
ଶିହରଣ
କିଚିରି ମିଚିରି ଶବ୍ଦରେ
କହୁ ଥିଲେ ସତେ ଯେପରି
ଜାଗି ଉଠ ତୁରିତେ
ନିଦ୍ରା ତେଜି ଶେଯରେ ।
ଶୋଇ ଯାଇଛ ନିଶ୍ଚିଂତରେ
ଦେଖି ପାରୁଥିଲି ତମଠି
ଆଲୁରା କେଶ ସହିତ ଏକ
ପ୍ରସନ୍ନତାର ସଂକେତ ମୁହଁରେ
ଦିନ ତମାମ ଧାଁ ଧପଡ
ଏକ ଗୁରୁ ଦାୟିତ୍ୱକୁ କାଂଧରେ
ମୁଂଡେଇ
କେବେ ବି ନ ଥାଅ ଅରାଜିରେ ।
ଫେରିପାଇ ଥିଲି ସଂବିତ୍
ସଦ୍ୟ ପତି ହରା ମାଆର
ବୁକୁ ଫଟା ଆର୍ତ୍ତ ଚିତ୍କାର
କଣ ଶୋଇନ ଏ ଯାଏଁ
ପ୍ରଶ୍ନ ଥିଲା ତମର
ନିଦ ତ ହଜି ଯାଇଛି
ସେ ଦିନୁ
ଯେବେ ଠୁ
ଛାତି ଭିତରର କଲିଜା ଦୁଇ ଫାଳ
ହୋଇଛି ।

### ଦେହର ମୋହ

**ସୁଧାକର ରାଉତ**



ଏଇ ଦେହ ଦିନେ ଆପଣେଇ ଥିଲା
ମରୁଭୂମି ରେ ସ୍ୱର୍ଗର ନନ୍ଦନକାନନ
ନିଦାଘ ର ଡହ ଡହ ଅସହ୍ୟ ଖରାରେ
ଋତୁରାଜ ର ମୃଦୁ ସମୀର ସିଞ୍ଚନ ।

ସ୍ୱପ୍ନ ମନସ୍କ ଦେହଟା
ନିଖୋଜ ସୁଖର ଠିକଣା ରେ
ଅହରହ ଥିଲା ମଗନ ।

ସେ ତ ବୁଝିନଥିଲା
ସେ ଶୁଷ୍କପତ୍ର ଭଳି
ଭୂମିରେ ପଡ଼ି ହରାଇବ ସତ୍ତା
ନିୟତି ର ଛାତିଥରା ପରିବର୍ତ୍ତନ
ତାର ପ୍ରତ୍ୟୟକୁ କରିବ କ୍ରିଡ଼ନକ
ଅହର୍ଣିଶ ଆତ୍ମ ବିଭୋର ମନଟା
ଅଦିନରେ ହରାଇବ ତା ପୁଲକ ।

ସପନ ମେଘରେ ଡିନ୍ତୁଥିବା
ତା ଅଙ୍ଗ ପ୍ରତ୍ୟଙ୍ଗ ହୋଇଣ ଅବଶ
ରଖିଯିବ ତା ଆତ୍ମାରେ
ଅସରନ୍ତି ଅବଶୋଷ ।

ଆଉ ସେଥିରେ ପରିପୂର୍ଣ୍ଣ ହୋଇଥିବ
ତାର ଜଡସଡ ମୁହୂର୍ତ୍ତର
କରୁଣ ଉଦାସ ।

ବେଦନାର କରୁଣ ରାଗିଣୀ
କରୁଥିବ ସେ ନିଥର ଦେହକୁ
ସଦା ଉପହାସ ।



ପ୍ରତାପ ନଗରୀ କଟକ
ମୋ - ୮୨୪୯୯୩୨୭୯୨

# ବାର୍ଦ୍ଧକ୍ୟରେ ଆଂଟି ଅକ୍ସିଡାଂଟର ଆବଶ୍ୟକତା

**ବାର୍ଦ୍ଧକ୍ୟାବସ୍ଥା ରୋଗ ନୁହେଁ, ଏହା ଜୀବବିଜ୍ଞାନ ପ୍ରକ୍ରିୟା। ଏହାକୁ କେହି ପରିହାର କରିପାରିବେନି। ଏହା ମନୁଷ୍ୟ ପାଇଁ ଅପରିହାର୍ଯ୍ୟ। ବୈଜ୍ଞାନିକ ଦୃଷ୍ଟିକୋଣରୁ ବାର୍ଦ୍ଧକ୍ୟ ହେଉଛି ଏକ ଜଟିଳ ପ୍ରକ୍ରିୟା। ଏହି ଅବସ୍ଥାରେ ଶରୀରରେ ଜୀବନକୋଷ କ୍ଷୟକ୍ଷତି ଘଟିବା ସହ ଶରୀରରେ ଶକ୍ତିର ଅଭାବ ଘଟେ। କାରଣ ଏହି ସମୟରେ ଶରୀରରେ ବିଚନ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥାଏ। ଦୃଢ଼ ପ୍ରତିରୋଧକ ଶକ୍ତିର ହ୍ରାସ ଘଟିଥାଏ। ବୃଦ୍ଧାବସ୍ଥାରେ ବହୁବିଧ ରୋଗର ଶିକାର ହେବାକୁ ପଡ଼େ। ଏଥିରୁ ଉପଶମ ପାଇବା ପାଇଁ ପୋଷଣ ଆଂଟିଅକ୍ସିଡାଣ୍ଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।**



ଆଧୁନିକ ଗବେଷଣାରୁ ଜଣାପଡ଼ିଛି ଯେ, ପରିଣତ ବୟସରେ ଯଦି ମନୁଷ୍ୟ ଆଣ୍ଟିଅକ୍ସିଡାଣ୍ଟର ନିର୍ଦ୍ଧାରିତ ଚିକିତ୍ସାରେ ରହେ, ତାହେଲେ ସେ ଉତ୍ତମ ସ୍ୱାସ୍ଥ୍ୟ ଲାଭ



କରିପାରିବ। ପୋଷଣ ଆଣ୍ଟିଅକ୍ସିଡାଣ୍ଟ ଚିକିତ୍ସାର ଅନ୍ୟ ଏକ ମହତଗୁଣ ହେଉଛି, ପ୍ରତ୍ୟେକ ବ୍ୟକ୍ତିକୁ ତା'ର ଅଧିକ ଔଷଧ ଖର୍ଚ୍ଚରୁ ବଞ୍ଚାଇବା ଓ ଡାକ୍ତରଖାନାର ରହଣି ସମୟକୁ କମାଇବା। ପୋଷଣ ବିଜ୍ଞାନର ଅନ୍ୟଏକ ଭୂମିକା ହେଉଛି ମନୁଷ୍ୟ ସମାଜକୁ ପୋଷଣ ଚିକିତ୍ସାର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଉପରେ ସଚେତନ କରାଇବା। କାର୍ଯ୍ୟଦକ୍ଷ ଆଣ୍ଟି ଅକ୍ସିଡାଣ୍ଟ ଡିଫେନ୍ସ ସିଷ୍ଟମର ମଣିଷ ଉପରେ ଆଣ୍ଟି ଏଜିଂ ପ୍ରଭାବ ଅଛି।

ବାର୍ଦ୍ଧକ୍ୟ ଅବସ୍ଥାର କାରଣ: ଏହାର ମୁଖ୍ୟ କାରଣ ଗୁଡ଼ିକ ହେଲା: ୧- ଶରୀରର କାରଣ ଚାପ, ୨- ଜିନୀୟ ଦାନର ହ୍ରାସ, ୩- ଜୀବକୋଷ ବିଭେଦୀକରଣର କ୍ଷତି, ୪- ଅପରିବର୍ତ୍ତନୀୟ ଅଣୁବିଶିଷ୍ଟର ହାନି, ୫- ଶରୀର କ୍ରିୟାର କ୍ଷୟ ସାଧନ, ୬- ଶରୀରର ଉପଯୋଗୀକରଣ ଓ ସମସ୍ଥିତ ପ୍ରକ୍ରିୟାର ଅବନତି, ୭- ଶରୀରରେ ରୋଗ ପ୍ରତିରୋଧକ ଶକ୍ତିର ହ୍ରାସ, ୮- ପରିବେଶ ପ୍ରଦୂଷଣ, ୯- ଫ୍ରିରାଡ଼ିକାଲର ଜୀବକୋଷ ଓ ଡି.ଏନ.ଏ. ଉପରେ ଆକ୍ରମଣ।

ଫ୍ରିରାଡ଼ିକାଲସ ଓ ବାର୍ଦ୍ଧକ୍ୟାବସ୍ଥା: ଫ୍ରିରାଡ଼ିକାଲ ହେଉଛି ଗୋଟିଏ ରାସାୟନିକ ଅବସ୍ଥା, ଯାହା ଜୀବକୋଷର ଦିଗ୍‌ବଳୟରେ ସ୍ୱାଧୀନ ଭାବେ ଅବସ୍ଥାନ କରିଥାନ୍ତି। ସେମାନଙ୍କ ଶରୀରରେ ଏକ କିମ୍ବା ଅଧିକ ଅନପେୟାର ଇଲେକ୍ଟ୍ରୋନ ଥାନ୍ତି। ସେହି ଅନପେୟାର ଇଲେକ୍ଟ୍ରୋନ ଗୁଡ଼ିକ ଶକ୍ତିଶାଳୀ ରସାୟନିକ ବନ୍ଧନ ଗଠନ କରି ଶରୀରର ଜୀବକୋଷର କ୍ଷତି ଘଟାଇଥାନ୍ତି। ଶରୀର ଭିତରେ ଥିବା ଏହି ମାରାତ୍ମକ ଫ୍ରିରାଡ଼ଫିକାଲ ଗୁଡ଼ିକ ଶରୀରରେ ଅନେକ କ୍ଷତି ଘଟାଇବା ସହିତ ମନୁଷ୍ୟକୁ ଶୀଘ୍ର ବାର୍ଦ୍ଧକ୍ୟ ଅବସ୍ଥାକୁ ଟାଣି ନେଇଥାନ୍ତି।। ଏହି ଉଗ୍ର ଓ ପ୍ରତିକ୍ରିୟାଶୀଳ ଫ୍ରିରାଡିକାଲ ସ୍ପେସିଜ୍ ସବୁ ଜୀବକୋଷର ଅନେକ କ୍ଷତି ଘଟଣଇ ମଣିଷର ଶରୀରରେ ଏକାଧିକ ରୋଗ ଉତ୍ପତ୍ତି କରିଥାନ୍ତି। ଏହି ପ୍ରତିକ୍ରିୟାଶୀଳ ରାସୋୟନିକ ସ୍ପେସିଜ ସମୂହ ମଧ୍ୟ ବାର୍ଦ୍ଧକ୍ୟବସ୍ଥା ପାଇଁ ମୁଖ୍ୟତଃ ଦାୟୀ। ଦେହ ଭିତରେ ଏହି ସ୍ପେସିଜ୍ ଗୁଡ଼ିକର ଉତ୍ପତ୍ତି କମିବା ଓ ଏହାର ପରିମାଣ ହ୍ରାସ ହେଲେ ବାର୍ଦ୍ଧକ୍ୟବସ୍ଥାର ବିଳମ୍ବ ଘଟିଥାଏ।

ବାର୍ଦ୍ଧକ୍ୟଅବସ୍ଥାର ଲକ୍ଷଣ:

୧- ଦୃଷ୍ଟି ଓ ଶ୍ରବଣ ।କ୍ତିର ହ୍ରାସ, ୨- ଶରୀରରେ ମାଂସପେଶୀର ବଳ କମିବା, ୩- ଗଣ୍ଠି ପୀଡ଼ା ରୋଗ ଦେଖାଯିବା, ୪- ଶରୀରର ଅଙ୍ଗ ସଚଳତା କମିବା, ୫- ଶରୀରର ଚେତନା ଶକ୍ତି ହ୍ରାସ ହେବା।

ଶରୀରରେ ଆଣ୍ଟି ଅକ୍ସିଡାଣ୍ଟର ଆବଶ୍ୟକତା: ଆଣ୍ଟିଅକ୍ସିଡାଣ୍ଟ ହେଉଛି ଗୋଟିଏ ରାସାୟନିକ ମଲ୍ଲିକୁଲ। ଏହା ଶରୀରର ଜୀବକୋଷର ଦିଗ୍‌ବଳୟରେ ବେଶ୍ ସ୍ଥିର ଭାବରେ ଥାଏ। ଏହି ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ଶରୀର ଭିତରେ ଦକ୍ଷ ପ୍ରତିରକ୍ଷା ସିଷ୍ଟମ ଭାବେ କାର୍ଯ୍ୟ କରିଥାନ୍ତି। ଆଣ୍ଟି ଅକ୍ସିଡାଣ୍ଟ ମଲିକ୍ୟୁଲ ମାରାତ୍ମକ ଫ୍ରିରାଡ଼ିକାଲକୁ ଇଲେକ୍ଟ୍ରୋନ ଦାନକରି ସେ ସବୁକୁ ଅକାମୀ କରିଥାନ୍ତି। ଆଣ୍ଟିଅକ୍ସିଡାଣ୍ଟ ମଲିକ୍ୟୁଲ ନିରାପଦରେ ଫ୍ରିରାଡ଼ିକାଲ ସହ ଅନ୍ତକ୍ରିୟା ବା ପାରସ୍ପରିକ କ୍ରିୟା କରିଥାନ୍ତି। ସେହି ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ସାଧାରଣ ବିଚନ ପ୍ରକ୍ରିୟା ସମୟରେ ଶରୀର ଭିତରେ ଉତ୍ପତ୍ତି ହୋଇଥାନ୍ତି। ସେମାନଙ୍କ ମଧ୍ୟରୁ କିଛି ଆଣ୍ଟିଅକ୍ସିଡାଣ୍ଟ ହେଉଛନ୍ତି, ଗ୍ଲୁଟାଥାୟନ, ଇୟୁବିକ୍ୟୁନେଲ ଏବଂ ଇୟୁରିକ ଅମ୍ଳ। ଅନ୍ୟ ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ଖାଦ୍ୟରୁ ମିଳିଥଶନ୍ତି। ଶରୀର ଭିତରେ କେତେ ଗୁଡ଼ିଏ ଏନଜାଇମ



ସିଷ୍ଟମ ଓ ନନଏନଜାଇମ ସିଷ୍ଟମ ଫ୍ରିରାଡ଼ିକାଲକୁ ସ୍କାଭେଜିଂ କରିବାରେ ପ୍ରଧାନ ଭୂମିକା ନେଇଥାନ୍ତି। କିଛି ନନ୍ ଏନଜାଇମ ଆଣ୍ଟି ଅକ୍ସିଡାଣ୍ଟ ଗୁଡ଼ିକ ହେଲା- ଭିଟାମିନ-ଏ, ଭିଟାମିନ-ସି, ଏବଂ ବିଟା-କାରୋଟିନ। ଶରୀର ଭିତରେ ଏସବୁ ପଦାର୍ଥ ଗୁଡ଼ିକ ତିଆରି ହୋଇପାରନ୍ତି ନାହିଁ। ଏସବୁ ପୁଷ୍ଟିକର ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ହେଲା ଭିଟାମିନ-ଏ,. ଭିଟାମିନସି, ଏବଂ ବିଟା-କାରୋଟିନ। ଶରୀରର ଭିତରେ ଏସବୁ ପଦାର୍ଥଗୁଡ଼ିକ ତିଆରି ହୋଇପାରନ୍ତି ନାହିଁ। ଏସବୁ ପୁଷ୍ଟିକର ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ଖାଦ୍ୟରେ ସାମିଲ ହେବା ଉଚିତ୍।

ଶରୀରରେ ଆଣ୍ଟିଅକ୍ସିଡାଣ୍ଟ ପଦ୍ଧତିର ଆବଶ୍ୟକତା:

ଆଣ୍ଟିଅକ୍ସିଡାଣ୍ଟ ଡିଫେନ୍ସ ସିଷ୍ଟମର ମୁଖ୍ୟ କାର୍ଯ୍ୟ ଗଉଡ଼ିକ ହେଲା୧- ଶରରର କ୍ରିୟାତ୍ମକ ଜୀବକୋଷକୁ କାରଣ କ୍ଷତିରୁ ରକ୍ଷା କରିବା, ୨- ମସ୍ତିଷ୍କ ରକ୍ତକୋଷର ଇଣ୍ଟିଗ୍ରିଟିକୁ ନିରାପଦରେ ରଖିବା, ୩- ମସ୍ତିଷ୍କ ନିୟୁରନ କୋଷକୁ ପୃଷ୍ଠପୋଷକତା ଦେବା, ୪- ଜିନ୍‌ର ଇଣ୍ଟିଗ୍ରିଟି ଓ ସ୍ଥିରତାକୁ ସଂରକ୍ଷଣ କରିବା ୫- ମନୁଷ୍ୟ ଶରୀରର ସିମେନର ବିଶେଷତ୍ୱରେ ଉନ୍ନତି ଆଣିବା ୬- ଡି.ଏନ.ଏ. ମରାମତିରେ ସହାୟକ ବେହା ଓ ଡି.ଏନ.ଏ.କୁ କ୍ଷତିରୁ ରକ୍ଷା କରିବା, ୭- ଶରୀରର ରୋଗ ପ୍ରତିରୋଧକ ସିଷ୍ଟମର ଉନ୍ନତି କରିବା ଓ ଶରୀରକୁ ନାନାବିଧ ରୋଗ ଦାଉରୁ ରକ୍ଷା କରିବା, ୮ - ଶରୀରର କ୍ରୋନିକ ରୋଗକୁ ନିୟନ୍ତ୍ରଣ କରିବା, ୯- ଶରୀରରେ ଜିନର ପ୍ରକାଶ କାରଣକୁ ନିୟନ୍ତ୍ରଣ କରିବାରେ ସହାୟକ ହେବା। ପୋଷଣ ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକର ଶରୀର ଉପରେ ଇନକ୍ରେଡିବିଲ ପ୍ରଭାବ ରହିଛି।

୧. ଭିଟାମିନ-ଏ, ଭିଟାମିନ-ଇ ଓ ଭିଟାମିନ-ସି ଯୌଗିକ ବସ୍ତୁ ଗୁଡ଼ିକ ପଥ୍ୟ ଆଣ୍ଟିଅକ୍ସିଡାଣ୍ଟ। ଏଗଉଡ଼ିକ ସବୁଜ, ହଳଦିଆ ଓ କମଳା ରଙ୍ଗ ପନିପରିବା ଓ ଫଳରେ ଅଧିକ ଥାନ୍ତି। ତେଣୁ ଏହି ଖାଦ୍ୟ ନିୟମିତ ଖାଇବା ଉପକାରୀ।

୨. ଲେମ୍ବୁ, କମଳା, ଅଙ୍ଗୁର ସମେତ ସବୁଜ ପତ୍ର ବହୁଳ ପନିପରିବା, ବନ୍ଧାକୋବି, ସବୁଜ ଲଙ୍କା, ପିଜୁଳି ଓ ଅଙ୍କୁରିତ ଡାଲିଜାତୀୟ ଶସ୍ୟ ଯଥା-ମୁଗ, ବିରି, ଶିମ୍ବ ଓ ମଟର ଆଦିରେ ପ୍ରଚୁର ପରିମାଣରେ ଭିଟାମିନ ସି ଥାଏ। ସେସବୁ ଖାଦ୍ୟ ବିଧିବଦ୍ଧ ଖାଇବା ଆବଶ୍ୟକ।

# 'ଏଫ୍‌ଏସ୍‌ଏସ୍‌ଏଆଇ'ର ସତର୍କ ସୂଚନା: ଆଉ ଖବରକାଗଜରେ ଖାଦ୍ୟପଦାର୍ଥ ଗୁଡ଼ାନ୍ତୁ ନାହିଁ

ଖବରକାଗଜରେ ଖାଦ୍ୟପଦାର୍ଥ ପ୍ୟାକିଙ୍ଗ୍ କରିବା, ରଖିବା, ପରିବେଷଣ କରିବା ତୁରନ୍ତ ବନ୍ଦ କରନ୍ତୁ ବୋଲି 'ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ସ ଅଥରିଟି ଅଫ୍ ଇଣ୍ଡିଆ'ର (ଏଫ୍‌ଏସ୍‌ଏସ୍‌ଏଆଇ) 'ସିଇଓ' ସତର୍କ କରାଇ ଦେଇଥିବା କଥା 'ପିଟିଆଇ' ରିପୋର୍ଟ କରିଛି। ରିପୋର୍ଟରେ ଉଲ୍ଲେଖ ଅଛି, ଖବରକାଗଜ ଛାପାରେ ବ୍ୟବହୃତ କାଳିରେ କେତେକ ରାସାୟନିକ ପଦାର୍ଥ ରହୁଛି ଯାହା ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବ। 'ଏଫ୍‌ଏସ୍‌ଏସ୍‌ଏଆଇ'ର 'ସିଇଓ' ଜି. କମଳା ବର୍ଦ୍ଧନା ରାଓ ଗୁରୁତ୍ୱାରୋପ କରି କହିଛନ୍ତି, ଖବରକାଗଜ ଛାପିବା ପାଇଁ ବ୍ୟବହାର କରାଯାଉଥିବା କାଳିରେ କେତେକ 'ବାୟୋଆକ୍ଟିଭ୍' ପଦାର୍ଥ ରହିଛି ଯାହା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଏ। ସେ ସବୁ ଖବରକାଗଜରେ ଗୁଡ଼ାଯାଇଥିବା ଖାଦ୍ୟପଦାର୍ଥକୁ ସଂକ୍ରମିତ କରିପକାଏ। ସେ ଖାଦ୍ୟ ଖାଇଲେ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବ।

ଏହାଛଡ଼ା, କାଳିରେ ଥିବା ସୀସା ଓ ଭାରୀ ଧାତବ ପଦାର୍ଥର ଭାଗ ବି ମାନବ ଶରୀରକୁ ଏହି ଖାଦ୍ୟପଦାର୍ଥ ସହ ପ୍ରବେଶ କରେ। ଏହାଛଡ଼ା, ବଣ୍ଟନ କରାଯିବା ବେଳେ ଖବରକାଗଜ ବିଭିନ୍ନ ପରିବେଶ ପରିସ୍ଥିତି ଦେଇ ଆସିଥାଏ। ଫଳରେ ସେଥିରେ ବ୍ୟାକ୍ଟେରିଆ, ଭୂତାଣୁ ଓ ଅନ୍ୟାନ୍ୟ ଅଣୁଜୀବ ଥାଇପାରନ୍ତି। ସେଥିରୁ ସେସବୁ ଖାଦ୍ୟପଦାର୍ଥକୁ ଚାଲିଯାଇ ଖାଦ୍ୟଜନିତ ଅସୁସ୍ଥତା ସୃଷ୍ଟି କରନ୍ତି ବୋଲି 'ଏଫ୍‌ଏସ୍‌ଏସ୍‌ଏଆଇ' ସତର୍କ କରାଇ ଦେଇଛି।



# ଅଧିକ ଲୁଣ ଖାଉଛନ୍ତି ଭାରତୀୟ: ଦିନକୁ ୫ ଗ୍ରାମ ବଦଳରେ ଖାଉଛନ୍ତି ୮ ଗ୍ରାମ



ଭାରତୀୟମାନେ ଅଧିକ ଲୁଣ ଖାଉଛନ୍ତି। ଦିନକୁ ୫ ଗ୍ରାମ ଲୁଣ ଖାଇବା ଉପଯୁକ୍ତ ବିଚାର କରାଯାଉଥିବା ବେଳେ ଭାରତୀୟମାନେ ତା'ଠାରୁ ଅଧିକ ୮ ଗ୍ରାମ ଲୁଣ ଖାଉଛନ୍ତି। ଏହା ପ୍ରସ୍ତାବିତ ପରିମାଣଠାରୁ ୩ ଗ୍ରାମ ଅଧିକ। ନେଚର ପୋର୍ଟଫୋଲିଓ ନାମକ ଜର୍ଣ୍ଣାଲ୍‌ରେ ପ୍ରକାଶିତ ରିପୋର୍ଟରୁ ଏହା ଜଣାପଡ଼ିଛି। ସୋଡିୟମ୍ ଉପାଦାନ ଥିବା ଲୁଣ ଅଧିକ ଖାଇଲେ ରକ୍ତଚାପ ବୃଦ୍ଧି ପାଏ। ତାହାର ପ୍ରଭାବରେ ଲୋକମାନେ ହୃଦଘାତର ଶିକାର ହେବା ଆଶଙ୍କା ରହିଛି। ଅଣ-ସଂକ୍ରାମକ ରୋଗ ନିରୀକ୍ଷଣ ସର୍ବେକ୍ଷଣ ଅଧୀନରେ ୩୦୦୦ ଲୋକଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା। ପରିସ୍ରାରେ ଶରୀର ବାହାରକୁ ଆସୁଥିବା ସୋଡିୟମ୍ ପରିମାଣକୁ ସେଥିରେ ଯାଞ୍ଚ କରାଯାଇଥିଲା। ସେଥିରୁ ଜଣାପଡ଼ିଛି ଯେ ଭାରତରେ ସବୁ ବର୍ଗର ଲୋକମାନେ ନିର୍ଧାରିତ ସୀମାଠାରୁ ଅଧିକ ଲୁଣ ଖାଉଛନ୍ତି। ପୁରୁଷମାନେ ଦୈନିକ ୮.୯ ଗ୍ରାମ ଓ ମହିଳାମାନେ ୭.୯ ଗ୍ରାମ ଲୁଣ ଖାଉଛନ୍ତି। ନିଯୁକ୍ତି ପାଇଥିବା ଲୋକମାନେ ଦିନକୁ ୮.୬ ଗ୍ରାମ ଲୁଣ ଖାଉଥିବା ବେଳେ ତମାଖୁ ସେବନକାରୀମାନେ ୮.୩ ଗ୍ରାମ, ମେଦବହୁଳ ଲୋକମାନେ ୮.୫ ଗ୍ରାମ, ଉଚ୍ଚ ରକ୍ତଚାପ ସମସ୍ୟା ଥିବା ଲୋକମାନେ ୮.୫ ଗ୍ରାମ ଲୁଣ ଖାଉଛନ୍ତି। ରୋଜଗାରକ୍ଷମ ଥିବା ଲୋକଙ୍କ ତୁଳନାରେ ବେକାର ଥିବା ଲୋକମାନେ କମ୍ ଲୁଣ ଖାଉଛନ୍ତି।

# ବଦ୍ରିନାଥ ମନ୍ଦିରରେ କାହିଁକି ବାଜେନାହିଁ ଶଙ୍ଖ, ଜାଣନ୍ତୁ ଏହାର କାରଣ...

ହିନ୍ଦୁ ମାନ୍ୟତା ଅନୁସାରେ, ଚାରି ଧାମ ମଧ୍ୟରୁ ଅନ୍ୟତମ ବଦ୍ରିନାଥ ମନ୍ଦିରର ବିଶେଷ ମହତ୍ତ୍ୱ ରହିଛି। ମନ୍ଦିର ଏପରି ଏକ ସ୍ଥାନ ଯେଉଁଠି ଘଣ୍ଟି ଘଣ୍ଟାର ଧ୍ୱନି ଗୁଞ୍ଜରିତ ହୋଇଥାଏ। ବଦ୍ରିନାଥ ମନ୍ଦିରରେ କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳେ। ଏଠାରେ ଶଙ୍ଖ ଫୁଙ୍କାଯାଏ ନାହିଁ। ଏଠାରେ ଆଳତି ହୁଏ ସତ, କିନ୍ତୁ ଶଙ୍ଖ ବାଜେ ନାହିଁ। ତେବେ ଏହା ପଛରେ ବୈଜ୍ଞାନିକ କାରଣ ଓ ପୌରାଣିକ କାହାଣୀ ରହିଛି। ବୈଜ୍ଞାନିକ ମାନ୍ୟତା ଅନୁସାରେ, ଶୀତଦିନେ ଏଠାରେ ଚାରିଆଡ଼େ ତୁଷାରପାତ ହୋଇଥାଏ। ଏହି ସମୟରେ ଯଦି ଶଙ୍ଖନାଦ ହୁଏ, ଏହାର ଧ୍ୱନି ପାହାଡ଼ ସହିତ ମାଡ଼ ହୋଇ ଏହା ପ୍ରତିଧ୍ୱନି ସୃଷ୍ଟି କରିଥାଏ। ଏହାଦ୍ୱାରା ବରଫରେ ଫାଟ ସୃଷ୍ଟି ହୋଇ ହିମଝଡ଼ ହେବାର ଆଶଙ୍କା ଥାଏ। ଏଥିସହିତ ଏକ ନିର୍ଦ୍ଦିଷ୍ଟ ଫ୍ରିକ୍ୱେନ୍ସିର ଶବ୍ଦ ପରିବେଶକୁ କ୍ଷତି ପହଞ୍ଚାଏ। ଯେତେବେଳେ ଏହା ଘଟେ, ପର୍ବତରେ ଭୂସ୍ଖଳନ ହେବାର ଆଶଙ୍କା ବଢ଼ିଯାଏ । ଏପରି ପରିସ୍ଥିତିରେ ବୋଧହୁଏ ବଦ୍ରିନାଥ ଧାମରେ ଶଙ୍ଖ ଧ୍ୱନି କରାଯାଏ ନାହିଁ । ଅନ୍ୟପକ୍ଷରେ ପୌରାଣିକ କଥା ଅନୁସାରେ, ହିମାଳୟ କ୍ଷେତ୍ରରେ ଅସୁରଙ୍କ ଆତଙ୍କ ଥିଲା। ଅସୁରମାନଙ୍କ ଦ୍ୱାରା ଭୟଭୀତ ହୋଇ ଋଷି ମୁନି



ନିଜ ଆଶ୍ରମରେ ପୂଜାର୍ଚ୍ଚନା କରିପାରୁ ନ ଥିଲେ। ଥରେ ମା' ଲକ୍ଷ୍ମୀ ସେଠାରେ ଥିବା 'ତୁଳସୀ ଭବନ'ରେ ଧ୍ୟାନ କରୁଥିଲେ। ଏହି ସମୟରେ ଶଙ୍ଖଚୂର୍ଣ୍ଣ ନାମକ ରାକ୍ଷସର ଭଗବାନ ବିଷ୍ଣୁ ବଧ କରିଥିଲେ। ସାଧାରଣତଃ ଯୁଦ୍ଧ ଶେଷ ହେବା ପରେ ଶଙ୍ଖନାଦ କରାଯାଏ। କିନ୍ତୁ ମାତା ଲକ୍ଷ୍ମୀଙ୍କ ଧ୍ୟାନ ଭଗ୍ନ ହୋଇଯିବ ଜାଣି, ଭଗବାନ ବିଷ୍ଣୁ ଶଙ୍ଖନାଦ କରି ନଥିଲେ। ସେବେଠାରୁ ବଦ୍ରିନାଥ ଧାମରେ ଶଙ୍ଖନାଦ କରାଯାଏ ନାହିଁ। ସେହିଭଳି ଆଉ ଏକ ପୌରାଣିକ କାହାଣୀ ଅନୁସାରେ, ଅଗସ୍ତ୍ୟ ଋଷି କେଦାରନାଥରେ ରାକ୍ଷସମାନଙ୍କର ବଧ କରୁଥିଲେ। ସେଠାରୁ ଅତାପି ଓ ବତାପି ନାମକ ଦୁଇ ଜଣ ରାକ୍ଷସ ଦୌଡ଼ି ପଳାଇଲେ। ଅତାପି ନିଜ ଜୀବନ ରକ୍ଷା ପାଇଁ ମନ୍ଦାକିନୀ ନଦୀର ସାହାଯ୍ୟ ନେଇଥିଲା। ଅନ୍ୟପକ୍ଷରେ ବତାପି ଶଙ୍ଖର ସାହାଯ୍ୟ ନେଇଥିଲେ। ସେ ଶଙ୍ଖ ମଧ୍ୟରେ ଲୁଚି ଯାଇଥିଲା। ଯଦି କେହି ଶଙ୍ଖ ବଜାଇ ଥାନ୍ତେ ରାକ୍ଷସ ସେଠାରୁ ଖସି ପଳାଇଥାନ୍ତା। ଖାସ୍ ସେଥିପାଇଁ ବଦ୍ରିନାଥରେ କେହି ଶଙ୍ଖ ବଜାନ୍ତି ନାହିଁ ବୋଲି କୁହାଯାଏ।

# କାହାକୁ ମାଗନ୍ତୁନି ଏହିସବୁ ଜିନିଷ

ଶାସ୍ତ୍ରପୁରାଣ ଏବଂ ବାସ୍ତୁଶାସ୍ତ୍ରରେ ଏପରି ଅନେକ ନିୟମ ଉଲ୍ଲେଖ କରାଯାଇଛି, ଯାହାକୁ ଅନୁସରଣ କରି ଜୀବନରେ ଆସୁଥିବା ବାଧାବିଘ୍ନକୁ ଦୂର କରିହେବ। ଏହି କ୍ରମରେ ଏମିତି କିଛି ଜିନିଷ ଅଛି, ଯାହାକୁ ଲୋକମାନେ ସାଧାରଣ ମନେ କରି ପରସ୍ପରକୁ ଦେଇଥାନ୍ତି। ନିତିଦିନିଆ ଚଳଣିରେ ଯଦି କେତେବେଳେ ଲୁଣ ବା ଦହିର ଅଭାବ ହୁଏ ଏବଂ କିଣିବା ପାଇଁ ସମୟ ନଥାଏ, ଏହାକୁ ଆମେ ପଡ଼ୋଶୀ ଘରୁ ନେଇ ଆସୁ। କିନ୍ତୁ ଏସବୁକୁ ମାଗି ଆଣିବା ଦ୍ୱାରା ଏହାର ନକାରାତ୍ମକ ପ୍ରଭାବ ଆମ ଜୀବନରେ ସିଧାସଳଖ ପଡ଼ିଥାଏ। ଏଭଳି ୫ଟି ଜିନିଷ ରହିଛି, ଯାହାକୁ କେବେ ମଧ ମାଗିବା ଉଚିତ ନୁହେଁ।



ଦହି: ପ୍ରାୟତଃ ଦହି ବସାଇବା ପାଇଁ ଆମ ପଡ଼ୋଶୀଙ୍କଠାରୁ ଦହି ମାଗି ଆଣିଥାଉ। ବାସ୍ତୁଶାସ୍ତ୍ର ଅନୁଯାୟୀ, ଏପରି କରିବା ଉଚିତ ନୁହେଁ। ଏହାଦ୍ୱାରା ଦହି ନେଉଥିବା ଏବଂ ଦେଉଥିବା ଲୋକଙ୍କ ଘରେ ଅଶାନ୍ତିର ବାତାବରଣ ସୃଷ୍ଟି ହୁଏ, ଅର୍ଥ ହାନି ହେବା ଆଶଙ୍କା ଥାଏ।

ରାଶି : ମାଗଣାରେ ରାଶି ନେବା କିମ୍ବା ଦେବା ଅଶୁଭ ହୋଇଥାଏ। ଜ୍ୟୋତିଷ ଶାସ୍ତ୍ର ମତରେ ରାଶିର ସମ୍ପର୍କ ରାହୁ କେତୁ ସହ ଶନିଦେବଙ୍କ ସହିତ ରହିଥାଏ। ତେଣୁ ବିନା ଅର୍ଥରେ ରାଶି ଆଦାନ ପ୍ରଦାନ କରିବା ଦ୍ୱାରା ଅଯଥା ଖର୍ଚ୍ଚ ବଢ଼ିଯାଏ। ବିଶେଷକରି ଶନିବାର ଦିନ ଏହା କରିବା ଉଚିତ ନୁହେଁ।

ଲୁଣ : ପ୍ରାୟତଃ ସମସ୍ତେ ପଡ଼ୋଶୀଙ୍କଠାରୁ ଲୁଣ ମାଗି ଆଣିଥାନ୍ତି। ବାସ୍ତୁ ଅନୁଯାୟୀ, ଯଦି ଲୁଣ ସରିଯାଇଛି, ତାହେଲେ ମାହାଳିଆ ଲୁଣ ନେବା ଏବଂ ଦେବା ଉଚିତ ନୁହେଁ। ଜ୍ୟୋତିଷଶାସ୍ତ୍ର ଅନୁଯାୟୀ, ଶନିଦେବଙ୍କ ସହିତ ଲୁଣର ସମ୍ପର୍କ ଅଛି। ତେଣୁ ଲୁଣ ଦାନ କଲେ ଶନିଦେବ ରୁଷ୍ଟ ହୋଇଥାନ୍ତି ଏବଂ ଏହାଦ୍ୱାରା ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ସହ ଆର୍ଥିକ ଅନଟନ ଦେଖାଯାଏ। ବ୍ୟକ୍ତି ଧାରକରଜରେ ବୁଡ଼ିଯାଏ।

ରୁମାଲ୍ : ବାସ୍ତୁ ଅନୁଯାୟୀ, କାହାଠାରୁ ମାଗଣାରେ ରୁମାଲ୍ ନେବା ମଧ ଅନୁଚିତ। ଏଭଳି କରିବା ଦ୍ୱାରା ଘରେ କଳି ଝଗଡ଼ାର ପରିବେଶ ସୃଷ୍ଟି ହେବା ସହିତ ଅନେକ ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ। ଉପହାରରେ ମଧ କାହାକୁ ରୁମାଲ୍ ଦେବା ଉଚିତ ନୁହେଁ। ଏଭଳି କରିବା ଦ୍ୱାରା ସମ୍ପର୍କରେ ଦୂରତା ବଢ଼ିଥାଏ।

ଦିଆସିଲି : ବାସ୍ତୁ ଅନୁଯାୟୀ, ମାଗଣାରେ ଦିଆସିଲି ଦେବା ବା ଗ୍ରହଣ କରିବା ଉଚିତ ନୁହେଁ। କାରଣ ଦିଆସିଲିର ସମ୍ପର୍କ ଅଗ୍ନି ସହିତ ରହିଛି। ଏଭଳି କରିବା ଦ୍ୱାରା ଶାନ୍ତିଭଙ୍ଗ ହୋଇଥାଏ। ବିଭିନ୍ନ ସମସ୍ୟା ଆସିବା ସହ ପ୍ରିୟଜନଙ୍କ ଦ୍ୱାରା କ୍ରୋଧ ଓ ବିବାଦ ବୃଦ୍ଧି ପାଏ।

# ବିଗିଡ଼ିଗଲାଣି ଓଡ଼ିଶାର ଉଚ୍ଚଶିକ୍ଷା: ଅବସରପ୍ରାପ୍ତଙ୍କ କାନ୍ଧରେ ବିଦ୍ୟାର୍ଥୀଙ୍କ ଭାଗ୍ୟ




ଭୁବନେଶ୍ୱର, ୨୫/୬ (ନି.ପ୍ର): ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ତୁଟୁ ନ ଥିବାରୁ ନିଯୁକ୍ତି ପ୍ରକ୍ରିୟା ଆଗେଇପାରୁ ନାହିଁ। ଯେଉଁଥିପାଇଁ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଅଚଳାବସ୍ଥା ଦେଖାଦେଇଛି। କେଉଁଠି ଜଣେ ପ୍ରଫେସରରେ ବିଭାଗ ଚାଲିଛି। ତ ଆଉ କେଉଁଠି ଅତିଥି ଅଧ୍ୟାପକ ସାଜିଛନ୍ତି ଭରସା। ସ୍ଥିତି ଏମିତି ହେଲାଣି ଯେ ଯୋଗ୍ୟତା ନ ଥିବା ବ୍ୟକ୍ତିବିଶେଷ ଏବେ ପିଜି ଛାତ୍ରଛାତ୍ରୀଙ୍କୁ ପଢ଼ାଉଛନ୍ତି। ସ୍ଥାନେ ସ୍ଥାନେ ଅବସରପ୍ରାପ୍ତ ପ୍ରଫେସରଙ୍କ କାନ୍ଧରେ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଭାଗ୍ୟ ଲଦି ଦିଆଯାଇଛି। ଏହାଦ୍ୱାରା ଶିକ୍ଷାନୁଷ୍ଠାନର କେତେ ଲାଭ କ୍ଷତି ହେଉଛି ତାହାର କୌଣସି ତର୍ଜମା କରାଯାଉ ନାହିଁ। ଗବେଷଣା କଥା ନ କହିବା ଭଲ। କାଁ ଭାଁ ବିଭାଗରେ ଗବେଷଣା ଚାଲିଛି, ନ ହେଲେ ନାହିଁ। ଉତ୍କଳ ବିଶ୍ୱବିଦ୍ୟାଳୟ ପରି ରାଜ୍ୟର ନାମକରା ଶିକ୍ଷାନୁଷ୍ଠାନରେ ଦୁଇ ବର୍ଷ ହେଲା ପିଏଚ୍‌ଡି ପାଠ୍ୟକ୍ରମରେ ନାମଲେଖା ବନ୍ଦ ହୋଇଯାଇଛି। ଖଲ୍ଲିକୋଟ, ବିକ୍ରମଦେବ ଓ ଧରଣୀଧର ବିଶ୍ୱବିଦ୍ୟାଳୟରେ ଶିକ୍ଷକ ପଦବି ସୃଷ୍ଟି ହୋଇପାରି ନାହିଁ। ନୂଆ କରି ସୃଷ୍ଟି ହୋଇଥିବା ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପାଇଁ ମଞ୍ଜୁରି ହୋଇଥିବା ପଦବି ମଧ୍ୟରୁ ଶତାଧିକ ଖାଲି ପଡ଼ିଛି। ଉତ୍କଳ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ୧୨୦ରୁ ଅଧିକ ପ୍ରଫେସର ନାହାନ୍ତି। ଅନ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ମଧ୍ୟ ସମାନ ସ୍ଥିତି ଉପୁଜିଛି। କେବଳ ସେତିକି ନୁହେଁ, ଜାତୀୟ ଶିକ୍ଷା ନୀତି(ଏନ୍‌ଇପି)-୨୦୨୦କୁ ୪ ବର୍ଷ ବିତିଯାଇଥିଲେ ମଧ୍ୟ ସେଦିଗରେ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରି ନାହାନ୍ତି। ଉଚ୍ଚଶିକ୍ଷା ପରିଷଦ ଗଠନ କରି ଅବସରପ୍ରାପ୍ତ ପ୍ରଫେସରଙ୍କୁ ଥଇଥାନ କରାଯାଇଛି। ପରିଷଦ କିଭଳି ଭାବେ କାର୍ଯ୍ୟ କରୁଛି ସେଥିପ୍ରତି କାହାର ଧ୍ୟାନ ନାହିଁ। ଦେଶର ଅନ୍ୟ ରାଜ୍ୟମାନେ ଏନ୍‌ଇପି ଲାଗୁ କରିଥିବା ବେଳେ ଓଡ଼ିଶାରେ ସେମିତି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ। କେବଳ ଯାହା ମନସମନ୍ଥନରେ ସବୁ କିଛି ଅଟକିଛି। ଏହାରି ଭିତରେ ଓଡ଼ିଶାରେ ସରକାର ପରିବର୍ତ୍ତନ ହୋଇଥିବାରୁ ଏନ୍‌ଇପିର କାର୍ଯ୍ୟକାରିତା ଓ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନର ସମାଧାନ ନେଇ ଆଶା ସଞ୍ଚାର ହୋଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦାୟିତ୍ୱରେ ଓଡ଼ିଶାର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ରହିଛନ୍ତି। ରାଜ୍ୟର ନୂତନ ସରକାରରେ ସୂର୍ଯ୍ୟବଂଶୀ ସୂରଜ ଉଚ୍ଚଶିକ୍ଷା ବିଭାଗ ଦାୟିତ୍ୱରେ। ଓଡ଼ିଶାରେ ଡବଲ ଇଞ୍ଜିନ୍ ସରକାର ଆରମ୍ଭ ହୋଇଥିବାରୁ ଉଚ୍ଚଶିକ୍ଷା ବ୍ୟବସ୍ଥାରେ କିଛିଟା ପରିବର୍ତ୍ତନ ହେବା ନେଇ ଆଶା ସୃଷ୍ଟି ହୋଇଛି। ନିର୍ବାଚନ ପୂର୍ବରୁ ଓଡ଼ିଶାର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରେ ଅଧ୍ୟାପକ ସଙ୍କଟ ଦେଖାଦେବା ସହ ଶିକ୍ଷାଦାନ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥିଲା। ତାହା ଉପରୁ ଲୋକଙ୍କ ନଜର ହଟାଇବାକୁ ନବୀନ ପଟ୍ଟନାୟକ ସରକାର ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଁ ନିଷ୍ପତ୍ତି ନେଇଥିଲେ। ଠିକ୍ ନିର୍ବାଚନ ଆଗରୁ ତରବରିଆ ଭାବେ ନିଆଯାଇଥିବା ନିଷ୍ପତ୍ତିକୁ ରଦ୍ଦ କରି ସ୍ଥାୟୀ ଅଧ୍ୟାପକ ନିଯୁକ୍ତି ଉପରେ ଗୁରୁତ୍ୱ ଦେବାକୁ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ସେମାନେ ଉଲ୍ଲେଖ କରିଛନ୍ତି ଯେ ନବୀନ ସରକାରରେ ଏହି ଅବସରପ୍ରାପ୍ତ ପ୍ରଫେସର ଥଇଥାନ ନୀତି ଉଚ୍ଚ ଶିକ୍ଷାନୁଷ୍ଠାନର ଶିକ୍ଷା କିମ୍ବା ଗବେଷଣା କ୍ଷେତ୍ରରେ କୌଣସି ପ୍ରକାର ନୂତନ ଆଗ୍ରହ କିମ୍ବା ଉତ୍ସାହ ଆଣିପାରିବ ନାହିଁ। ବରଂ ରାଜ୍ୟ ସରକାର ଅଗ୍ରାଧିକାର ଭିତ୍ତିରେ ସୁପ୍ରିମକୋର୍ଟରେ ପଡ଼ିରହିଥିବା ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନର ସମାଧାନ ପାଇଁ ଉଦ୍ୟମ କରିବା ଦରକାର, ଯାହାକି ରାଜ୍ୟର ଶିକ୍ଷା ବ୍ୟବସ୍ଥା 'ଡବଲ ଇଞ୍ଜିନ୍' ସରକାରର ହିତାଧିକାରୀ ପାଲଟିବ। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି ଯେ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ପଦବି ଖାଲି ସମ୍ପର୍କରେ ରାଜ୍ୟ ସରକାର ଅବଗତ ଅଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟ ରଖାଯାଇ ପଦକ୍ଷେପ ନିଆଯିବ। କେଉଁଠି ସମସ୍ୟା ରହିଛି ସେନେଇ ସଚିବଙ୍କ ସହ ଆଲୋଚନା ହୋଇଛି। ତାହାକୁ ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ।

# ଶ୍ରମ କୋର୍ଡ଼କୁ ବିରୋଧ କରିବ କେନ୍ଦ୍ରୀୟ ଶ୍ରମିକ ସଂଗଠନ

ଭୁବନେଶ୍ୱର, ୨୫/୬ (ନି.ପ୍ର): ସଂସଦରେ ଗୃହିତ ହୋଇଥିବା ଶ୍ରମ କୋର୍ଡ଼କୁ ଅତିଶୀଘ୍ର ଦେଶରେ କାର୍ଯ୍ୟକାରି କରାଯିବ ବୋଲି କେନ୍ଦ୍ର ସରକାରଙ୍କ ଶ୍ରମ ସଚିବ କହିଛନ୍ତି। ଏହାକୁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ତରଫରୁ ଦୃଢ଼ ବିରୋଧ କରାଯିବ ବୋଲି ନିଷ୍ପତି ନିଆଯାଇଛି। ରାଜ୍ୟରେ ନୂଆ ସରକାରଙ୍କୁ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ଓ ଶ୍ରମିକମାନଙ୍କ ଲାଗି ଆର୍ଥିକ ବ୍ୟବସ୍ଥା କରିବା ପାଇଁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଫେଡେରେସନ ସମୂହ ମାନଙ୍କର ଏକ ବୈଠକ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସଭାପତି ତଥା ପ୍ରାକ୍ତନ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିବା ଲାଗି ନିଷ୍ପତ୍ତି ହୋଇଛି। ଏହା ସହିତ ଆଗାମୀ ଜୁଲାଇ ୩ ତାରିଖରେ ଭବିଷ୍ୟନିଧି କାର୍ଯ୍ୟାଳୟ ଠାରେ ଶ୍ରମିକମାନଙ୍କର ଇପିଏଫ୍ ସଂପର୍କରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯିବ ଓ ବାଲେଶ୍ୱରରେ ଘଟିଥିବା ଗୋଷ୍ଠି ସଂଘର୍ଷ ଯୋଗୁଁ ଯେଉଁ ଅସ୍ଥିରତା ଦେଖାଦେଇଛି ତୁରନ୍ତ ଶାନ୍ତି ଫେରାଇ ଆଣିବା ଲାଗି ରାଜ୍ୟ ସରକାରଙ୍କ ପାଖରେ ଦାବି କରାଯାଇଛି। ରାଜ୍ୟରେ ସର୍ବନିମ୍ନ ମଜୁରୀ ୨୬୦୦୦ ଟଙ୍କା କରିବା, ଅଣସଂଗଠିତ କଲ୍ୟାଣ ବୋର୍ଡ଼କୁ ୧୦୦୦ କୋଟି ଟଙ୍କା ଆର୍ଥିକ ବ୍ୟବସ୍ଥା ପ୍ରଦାନ କରିବା, ଯୁବକମାନଙ୍କୁ ବେରୋଜଗାର ଭତ୍ତା ଘୋଷଣା କରିବା, ପୂର୍ବ ସରକାର ସମୟରେ ହୋଇଥିବା ସ୍ୱାସ୍ଥ୍ୟବୀମାକୁ ଚାଲୁରଖିବା, ଖାଲିଥିବା ସରକାରୀ ପଦବୀକୁ ଅତିଶୀଘ୍ର ପୂରଣ କରିବା, ଠିକା ନିଯୁକ୍ତି ବନ୍ଦ କରି ସ୍ଥାୟୀ ନିଯୁକ୍ତି ଦେବା, ପେଟ୍ରୋଲ ସାମଗ୍ରୀ ଉପରେ ରାଜ୍ୟ ସରକାର ଭାଟ୍ ଛାଡ଼ କରିବା ସହିତ ସ୍ୱାସ୍ଥ୍ୟସେବାରେ ଜିଏସ୍‌ଟି ବାତିଲ କରିବା ଦାବିରେ ସ୍ମାରକ ପତ୍ର ଦେବା ଲାଗି ସ୍ଥିର କରାଯାଇଛି। ଏହି ବୈଠକରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସାଧାରଣ ସମ୍ପାଦକ-କିଶୋର ଜେନା, ଉପସଭାପତି-ମଦନ ମୋହନ ଧଳ, ଏ.ଆଇ.ଟି.ୟୁ.ସିର ସାଧାରଣ ସମ୍ପାଦକ-ବିଜୟ ଜେନା, ଏଚ୍.ଏମ୍.ଏସର ଭୁବନାନନ୍ଦ ମହାପାତ୍ର, ସି.ଆଇ.ଟି.ୟୁର ନେତା- ଦୁଷ୍ମନ୍ତ ଦାସ, ଏ.ଆଇ.ୟୁ.ଟି.ୟୁ.ସିର ସାଧାରଣ ସମ୍ପାଦକ - ଜୟସେନ ମେହେର, ନିରଞ୍ଜନ ମହାନ୍ତି, ଏ.ଆଇ.ସି.ସି.ଟି.ୟୁର ସାଧାରଣ ସମ୍ପାଦକ - ମହେନ୍ଦ୍ର ପରିଡ଼ା ଓ ସଭାପତି-ରାଧାକାନ୍ତ ସେଠୀ, ଟି.ୟୁ.ସି.ସିର ସଭାପତି- ଜ୍ୟୋତିରଞ୍ଜନ ମହାପାତ୍ର, ଏଲପିଏଫର ସଭାପତି- ବିରେନ୍ଦ୍ର ପ୍ରସାଦ ଦାସ ଓ ସାଧାରଣ ସମ୍ପାଦକ - ମନୋରଞ୍ଜନ ମହାରଣା ପ୍ରମୁଖ ଉପସ୍ଥିତ ରହି ସେମାନଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

# ରକ୍ତ ଶିକୁଳି ଦିବସ ପାଳିତ

ଜୟପୁର, ୨୫/୬ (ନି.ପ୍ର): ଜୟପୁର ସ୍ଥିତ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟରେ ରକ୍ତ ଶିକୁଳି ଦିବସ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ମୁଖ୍ୟ ଅତିଥି ଭାବେ ବିଶ୍ୱ ବିଦ୍ୟାଳୟର କୁଳ ସଚିବ ରଞ୍ଜନ କୁମାର ପ୍ରଧାନ ଯୋଗଦେଇ ରକ୍ତ ଶିକୁଳିର ବିଭିନ୍ନ କାରଣ ଓ ନିରାକରଣ ଉପରେ ସଚେତନ କରିଥିଲେ। ମୁଖ୍ୟବକ୍ତା ଭାବେ ଡଃ ବ୍ରଜବନ୍ଧୁ ନନ୍ଦ ରକ୍ତ ଶିକୁଳି କିପରି ବଂଶାନୁକ୍ରମିକ ଭାବେ ବ୍ୟାପେ ଏବଂ ତାକୁ ଆମେ କିପରି ଦୂର କରିପାରିବା ଉପସ୍ଥାପନ କରିଥିଲେ।

## ଅସହାୟ ବୃଦ୍ଧଙ୍କ ଶବ ସତ୍କାର କଲା ଟିମ୍ ହ୍ୟୁମାନିଟି କନ୍ଧମାଳ

କନ୍ଧମାଳ, ୨୫/୬ (ନି.ପ୍ର): ଆଜି ଜଣେ ଅସହାୟ ବୃଦ୍ଧଙ୍କ ଶବ ସତ୍କାର କରିଛି ଟିମ୍ ହ୍ୟୁମାନିଟି କନ୍ଧମାଳ। ସୂଚନା ପ୍ରକାରେ ଜି ଉଦୟଗିରି ବ୍ଲକ ବଡିଙ୍ଗିଆ ଗ୍ରାମର ୭୦ ବର୍ଷୀୟ ଜଣେ ବୃଦ୍ଧ ଗୋପବନ୍ଧୁ ନାୟକ ବିଗତ କିଛିଦିନ ହବ ଅସୁସ୍ଥତା କାରଣରୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତି ହୋଇ ଚିକିତ୍ସିତ ହେଉଥିଲେ। ଗତକାଲି ତାଙ୍କର ଦେହାନ୍ତ ହେଇଥିଲା। ମୃତ ବ୍ୟକ୍ତିଙ୍କ ସ୍ତ୍ରୀ ଏବଂ ଦୁଇ ପୁଅଝିଅ ବାପାଙ୍କ ଶବ ସତ୍କାର କରିବା ପାଇଁ ଅସମର୍ଥ ଜଣାଇ ଟିମ୍ ହ୍ୟୁମାନିଟି କନ୍ଧମାଳ ଟିମ ଆବାହକ ଭି. ଲୋକନାଥ ରାଜୁଙ୍କୁ ଯୋଗାଯୋଗ କରି ଅସୁବିଧା ବିଷୟରେ ଅବଗତ କରାଇଥିଲେ। ଟିମ୍ ସଦସ୍ୟ ଭି. ଜଗନ୍ନାଥ ରାଜୁ, ଅନୁପ ବିକ୍ରମ ପାତ୍ର,ରାଜୀବ ନେତ୍ର ପଟ୍ଟନାୟକ ,ଅନନ୍ତ କହଁର,ସାର୍ଥକନନ୍ଦ ପ୍ରଧାନ, ଏସ କେ ଅବଦୁଲ ସାକୀର ଖବର ପାଇ ମେଡ଼ିକାଲରେ ପହଂଚି ଘଟଣାଟିକୁ ଅନୁଧ୍ୟାନ କରି ତୁରନ୍ତ ଶବ ଦାହ ପାଇଁ ପ୍ରସ୍ତୁତି ଆରମ୍ଭ କଲେ। ଏବଂ ନିକଟସ୍ଥ ନାରାୟଣୀ ମନ୍ଦିର ଶ୍ମଶାନ ଠାରେ ହିନ୍ଦୁ ରିତିନୀତି ଅନୁସାରେ ଶବ ଦାହ ସମ୍ପର୍ଣ୍ଣ କରିଛନ୍ତି।

# ବ୍ଲକସ୍ତରୀୟ ସାହିତ୍ୟ ସୃଜନୀ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ନୂଆପଡ଼ା, ୨୫/୬ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ରାଜା ଆର୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକସ୍ତରୀୟ ସାହିତ୍ୟ ସୃଜନୀ କାର୍ଯ୍ୟକ୍ରମ ନୂଆପଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ତତ୍ତ୍ୱାବଧାନରେ ଉଦଘାଟିତ ହୋଇଯାଇଛି। ତିନି ଦିନ ବ୍ୟାପି ହେବାକୁ ଥିବା ଉକ୍ତ ତାଲିମ କାର୍ଯ୍ୟକ୍ରମରେ ଷ୍ଟେଟ୍ ରିସୋର୍ସ ଗ୍ରୁପର ସଦସ୍ୟ ତଥା ରାଜା ଆର୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଗୌରାଙ୍ଗ କୁମାର ସାହୁ, ମାଷ୍ଟର ଟ୍ରେନର ଭାବରେ ସିନାପାଲି ବ୍ଲକରୁ ଗୋଡାଲ ପଂଚାୟତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରମେଶ କୁମାର ପଟେଲ, ଖଡ଼ିଆଳ ବ୍ଲକରୁ ରାଜା ଆର୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସାଗର ବାଗ ଓ ବୋଡେନ ବ୍ଲକରୁ କରଙ୍ଗାମାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରମେଶ ମାଝୀ ତାଲିମ ପ୍ରଦାନ କରୁଛନ୍ତି। ଏଥିରେ ଖଡ଼ିଆଳ, ସିନାପାଲି ଓ ବୋଡେନ ବ୍ଲକର ମୋଟ ୭୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ଗ୍ରହଣ କରୁଛନ୍ତି। ପ୍ରକାଶ ଥାଉକି, ଦଶମ ଶ୍ରେଣୀ ଶିକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ସାହିତ୍ୟ ସୃଜନୀ ଆକାଂକ୍ଷୀ ପାଠ୍ୟକ୍ରମର ଅଂଶବିଶେଷ ଅଟେ। ପ୍ରଥମ ଦିନ ତାଲିମ କାର୍ଯ୍ୟକ୍ରମରେ ସ୍ମୃତିରେ ସାହିତ୍ୟ ସୃଜନୀ, ଶବ୍ଦ ଖେଳ, କଥା ଓ ବକ୍ତୃତା, କାହାଣୀ କେଉଁ ଆଡ଼କୁ ନେଉଛି ଟାଣି ଆଦି ପ୍ରସଙ୍ଗ ଉପରେ ତାଲିମ ପ୍ରଦାନ କରାଯାଇଥିଲା।

# ଭରତପୁର ଫୋରପୋଲଠାରୁ କେନାଲ ବନ୍ଧ ରାସ୍ତା ଶୋଚନୀୟ

କେନ୍ଦ୍ରାପଡ଼ା, ୨୫/୬ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମପଂଚାୟତର ଭରତପୁର ଫୋରପୋଲ ଠାରୁ ଗୋବରୀ କେନାଲ ବନ୍ଧ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ପ୍ରାୟ ୨୦ବର୍ଷ ତଳେ ନିର୍ମାଣ ହୋଇଥିବା ଏହି ରାସ୍ତାର ଅବସ୍ଥା ବର୍ତ୍ତମାନ ଚଳାଚଳ ପାଇଁ ଅତ୍ୟନ୍ତ ଅନୁପଯୁକ୍ତ ହୋଇପଡ଼ିଛି। ଖାଲଖମାରେ ପରିପୂର୍ଣ୍ଣ ହୋଇପଡ଼ିଥିବା ଏହି ରାସ୍ତାରେ ଦୈନିକ ଦୁର୍ଘଟଣା ଘଟି ଧନଜୀବନ କ୍ଷୟକ୍ଷତି ହେବାରେ ଲାଗିଛି। ଏହି ରାସ୍ତାଦେଇ ପ୍ରତିଦିନ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ସମେତ ହଜାର ହଜାର ଲୋକ ଯାତାୟତ କରିଥାନ୍ତି। ରାସ୍ତାଟିକୁ ମରାମତି କିମ୍ବା ନିର୍ମାଣ କରାଯିବା ପାଇଁ ଭରତପୁର ଗ୍ରାମ ପଂଚାୟତର ସରପଂଚ ନୀଳାମ୍ବର ମଲିକ ଓ ମଣ୍ଡଳ ଉନ୍ନୟନ ଅଧିକାରୀ ବନ୍ଦନା ଖଟୁଆଙ୍କୁ ବାରମ୍ବାର ନିବେଦନ ସତ୍ତ୍ୱେ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଗ୍ରାମବାସୀଙ୍କ ପକ୍ଷରୁ ଚିତରଞ୍ଜନ ଦାସ, ଶିବ ପ୍ରସାଦ ଦାସ, ଗୋପାଳ ଚରଣ ଦାସ, ଶକ୍ତି ପ୍ରସାଦ ମହାନ୍ତି, ସୁବୋଧ କୁମାର ଦାସ, ଶ୍ରୀଚରଣ ବେହେରା, କାହ୍ନୁଚରଣ ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି। ରାସ୍ତାଟିର ତୁରନ୍ତ ନିର୍ମାଣ କରାଯିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି।

# ୩ରଥ ନିର୍ମାଣରେ ନିୟୋଜିତ ୭୭ ଭୋଇସେବକ





ପୁରୀ, ୨୫/୬ (ନି.ପ୍ର): ରଥ ତିଆରିରେ ଭୋଇ ସେବକମାନଙ୍କ ସେବା ଯେତିକି କଠିନ ସେତିକି ଆହ୍ୱାନମୂଳକ। ରଥ ତିଆରିରେ ବ୍ୟବହୃତ କାଠ ଅତ୍ୟନ୍ତ ମଜଭୁତ୍ ?। ତେଣୁ କାଠଗୁଡ଼ିକୁ ରଥଖଳାକୁ ଆଣିବାଠାରୁ ନେଇ ରଥ ଉପରକୁ ଉଠାଇ ସଂଯୋଗ କରିବା ପର୍ଯ୍ୟନ୍ତ କଠିନ କାର୍ଯ୍ୟ ଭୋଇସେବକଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ। ରଥ ତିଆରି ପାଇଁ ସର୍ବପ୍ରଥମ ସେବା ଭାବେ ସେମାନେ କାଠ ଯୋଗାଇ ଥାଆନ୍ତି ଏବଂ ରଥ ଭଙ୍ଗା ହେବା କାର୍ଯ୍ୟଠୁ ନେଇ ଚକ ଓ ରଥର ଅନ୍ୟ ଅଙ୍ଗ ସବୁକୁ ନେଇ ଯଥା ସ୍ଥାନରେ ରଖିବା କାର୍ଯ୍ୟ ମଧ୍ୟ ଭୋଇ ସେବକମାନେ ନିର୍ବାହ କରି ଆସୁଛନ୍ତି। ତିନିରଥ ପାଇଁ ମୋଟ୍ ୭୭ ଜଣ ଭୋଇସେବକ ନିୟୋଜିତ ହୋଇଛନ୍ତି। ୭୭ ଜଣଙ୍କ ସର୍ଦ୍ଦାର ହେଉଛନ୍ତି ରବି ଭୋଇ। ଶ୍ରୀବଳଭଦ୍ରଙ୍କ ରଥ ପାଇଁ ୨୬ ଜଣ, ଶ୍ରୀଜଗନ୍ନାଥଙ୍କ ରଥ ପାଇଁ ୨୬ ଜଣ ଏବଂ ଦେବୀ ସୁଭଦ୍ରାଙ୍କ ରଥ ପାଇଁ ମୋଟ୍ ୨୫ଜଣ ଭୋଇସେବକ ନିୟୋଜିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୫ ଜଣ ମୁଖ୍ୟ ଭୋଇ ତଥା ଶାଢ଼ିବନ୍ଧା ଭୋଇସେବକ। ଅନ୍ୟ ଭୋଇ ସେବକମାନଙ୍କୁ ଭୋଇ ସର୍ଦ୍ଦାର ଏବଂ ଅନ୍ୟ ଶାଢ଼ି ବନ୍ଧା ଭୋଇସେବକମାନେ ଆଣି ରଥ କାମରେ ନିୟୋଜିତ କରିଆସୁଛନ୍ତି। ନନ୍ଦିଘୋଷ ରଥର ମୁଖ୍ୟ ଭୋଇସେବକ ହେଉଛନ୍ତି କାର୍ତ୍ତିକ ଭୋଇ ଓ ବିଷ୍ଣୁ ଭୋଇ। ତାଳଧ୍ୱଜ ରଥର ମୁଖ୍ୟ ଭୋଇସେବକ ଭାବେ ସେବା ଦେଉଛନ୍ତି ଧ୍ରୁବ ଭୋଇ ଓ ପିନା ଭୋଇ। ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥର ମୁଖ୍ୟ ଭୋଇସେବକ ଭାବେ ଭୋଇ ସର୍ଦ୍ଦାର ରବି ଭୋଇ ଓ ତାଙ୍କ ପୁତ୍ର ଆଲୋକ କୁମାର ଭୂଇଁ ସେବା ଦେଇ ଆସୁଛନ୍ତି। ରବି ଭୋଇଙ୍କ କହିବା ମୁତାବକ, ମା' ଚର୍ଚ୍ଚିକା ହେଉଛନ୍ତି ରଥଖଳାର ମାଲିକାଣୀ। ତେଣୁ ମା'ଙ୍କୁ ସ୍ମରଣ ପୂର୍ବକ ଏବଂ ମହାପ୍ରଭୁଙ୍କ ନାମ ନେଇ ପ୍ରତ୍ୟେକ ଭୋଇସେବକ କାର୍ଯ୍ୟ କରନ୍ତି। ଏହା ଅନ୍ୟ ସମସ୍ତ କର୍ମଠାରୁ ଭିନ୍ନ। କର୍ମ ଅପେକ୍ଷା ଏହାକୁ ସେବାର ଆଖ୍ୟା ଦେଇଛୁ। ମହାପ୍ରଭୁଙ୍କ କାର୍ଯ୍ୟ ହୋଇଥିବାରୁ ବର୍ଷେ ହେଲା ଭୋଇ ସେବକମାନେ ଏହାକୁ ପ୍ରତୀକ୍ଷା କରି ରହିଥାଆନ୍ତି। ମହାପ୍ରଭୁଙ୍କୁ ସେବା ଦେଇ ଯେଉଁ ଆତ୍ମ ତୃପ୍ତି ମିଳେ ତାହା ଅବର୍ଣ୍ଣନୀୟ। ଭୋଇସେବକ ମାନଙ୍କର କାର୍ଯ୍ୟ କଷ୍ଟସାଧ୍ୟ। ଯେତେ ବଡ଼ କାଠ ରଥଖଳାକୁ ଆସେ ତାହା ଆମ ଭୋଇ ଭାଇମାନଙ୍କ ଦ୍ୱାରା ଅଣାଯାଏ। ରଥ ଉପରକୁ ଛ'କାଠ ଉଠିବା ଅତ୍ୟନ୍ତ କଷ୍ଟସାଧ୍ୟ। ବେଳେବେଳେ କିଛି ସେବକ ଆହତ ମଧ୍ୟ ହୁଅନ୍ତି। କେବଳ ରଥ ଗଢ଼ିଦେବା ପରେ ସେମାନଙ୍କ କାର୍ଯ୍ୟ ସମ୍ପାଦନ ହୁଏ ନାହିଁ। ବରଂ ଚାରମାଳ ବନ୍ଧାଠୁ ନେଇ ରଥରେ ଘୋଡ଼ା ଓ ସାରଥି ଖଞ୍ଜିବା ଦାୟିତ୍ୱ ମଧ୍ୟ ନିର୍ବାହ କରିଥାଆନ୍ତି।

# ବଗଡ଼ା କୃଷି ସମବାୟ ସମିତିରେ ମୁଗ ମଣ୍ଡି ଉଦ୍‌ଘାଟନ

କେନ୍ଦ୍ରାପଡ଼ା, ୨୫/୬ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବଗଡା କୃଷି ସମବାୟ ସମିତିରେ ପରିଚାଳନା ପରିଷଦ ବୈଠକ ଓ ମୁଗ ମଣ୍ଡି ଉଦ୍‌ଘାଟନ ହୋଇଯାଇଛି। ସମିତିର ସଭାପତି ଇଂ ଅକ୍ଷୟ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଗତ ଧାନ ମଣ୍ଡିର ସମୀକ୍ଷା, ସଦସ୍ୟମାନଙ୍କୁ ଋଣ ଲଗାଣ ଓ ଆଦାୟ, ଖରିପ ଧାନ ଚାଷୀଙ୍କୁ ସବ୍‌ସିଡି ବିହନ ଯୋଗାଣ, ସମିତି କାର୍ଯ୍ୟାଳୟ ତଥା ଡିପୋଜିଟ କାଉଂଟର ନିର୍ମାଣାଧିନ ଗୃହ କାର୍ଯ୍ୟର ଅଗ୍ରଗତି ମସୀକ୍ଷା, ଖାଲି ପଡିଥିବା ଅତିରିକ୍ତ ଡାଟା ଏଂଟ୍ରି ପଦବୀ ପୂରଣ କରିବା ଓ ନୂତନ ସଦସ୍ୟତା ଆବେଦନଗୁଡିକର ମଞ୍ଜୁରୀ ସଂକ୍ରାନ୍ତରେ ଆଲୋଚନା ହୋଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତିମାନ ଗ୍ରହଣ କରାଯାଇ ଥିଲା। ଏହି ସଭାରେ ସମିତିର ସଂପାଦକ କାଳନ୍ଦି ଚରଣ ବିଶ୍ୱାଳ ପୂର୍ବ ସଭାର ବିବରଣୀ ଉପସ୍ଥାପନ କରିଥିବା ବେଳେ ଉପ ସଭାପତି ପ୍ରଣଦା ପାଣି, ନିର୍ଦ୍ଦେଶକ ସୁଜିତ ବେହେରା, ଧରଣୀଧର ପାତ୍ର, ପ୍ରତାପ ଜେନା, ପ୍ରତାପ ନାୟକ, ବିଜୟ ଜେନା, ତୋପନ ନାୟକ, ପ୍ରଫୁଲ୍ଲ ରାଉଳ, ଖଗେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସହ ସଂପାଦକ ଦୟାନିଧି ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶୀ ନୃତ୍ୟର ବିକାଶରେ ସଂଯୁକ୍ତା ପାଣିଗ୍ରାହୀଙ୍କ ଅବଦାନ ଅତୁଳନୀୟ

ଭୁବନେଶ୍ୱର, ୨୫/୬ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଓଡ଼ିଶୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହୀଙ୍କ ୨୭ତମ ପୁଣ୍ୟତିଥି ଭୁବନେଶ୍ୱର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣାକେନ୍ଦ୍ର ପରିସରସ୍ଥ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ ବନ୍ଦନା ଗାନ କଲାପରେ ଅନୁଷ୍ଠିତ ଉତ୍ସବରେ ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ବିଜୟ କୁମାର ସାହୁ, ଅମିତ୍ ପାତାଳସିଂହ, ଜୟ ଓଡ଼ିଶା ପକ୍ଷରୁ ସନ୍ତୋଷ ସେଠୀ, ସ୍ୱରାଜ ସୂତାର, ଜ୍ୟୋତିରଂଜନ ରାଉତ, ଅନୁଷ୍ଠାନର ବିଦ୍ୟାର୍ଥୀ ସତ୍ୟାନନ୍ଦ ମିଶ୍ର, ଜଳନ୍ଧର ନାୟକ, ସ୍ମୃତିରେଖା ପ୍ରତିହାରୀ, ଯଶମତୀ ହେମ୍ବ୍ରମ୍, ହୀରାରାଣୀ ଗୁରୁ, ଜ୍ୟୋତିରାଣୀ ନାୟକ, ଶୁଭଦର୍ଶିନୀ କୁଣ୍ଡୁ, ପ୍ରତୀକ୍ଷା ନନ୍ଦ, ସୂର୍ଯ୍ୟକାନ୍ତ ପ୍ରଧାନ ଓ ଗୁଲ୍‌ସନ୍ କୁମାର ପ୍ରମୁଖ ଯୋଗଦେଇ ନିଜ ବକ୍ତବ୍ୟରେ ଓଡ଼ିଶୀ ନୃତ୍ୟର ବିକାଶରେ ସଂଯୁକ୍ତା ପାଣିଗ୍ରାହୀଙ୍କର ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିବା ସହ ସୁରମଣି ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ସଂଗୀତ ଓ ସଂଯୁକ୍ତା ପାଣିଗ୍ରାହୀଙ୍କ ନୃତ୍ୟର ଯୁଗଳବନ୍ଦୀ ଓଡ଼ିଶାର କଳାସଂସ୍କୃତିକୁ ବିକଶିତ କରିଥିଲା। ସଂଯୁକ୍ତା ପାଣିଗ୍ରାହୀ ରାଜ୍ୟ ମଧ୍ୟରେ ଭାରତର ବିଭିନ୍ନ ପ୍ରଦେଶରେ ଓ ବିଦେଶରେ ଉଚ୍ଚକୋଟୀର ଓଡ଼ିଶୀ ନୃତ୍ୟ ପରିବେଷଣ କରି ଓଡ଼ିଶାର ସୁନାମକୁ ବିଶ୍ୱବିଦିତ କରିଥିଲେ ବୋଲି ଆଲୋକପାତ କରିଥିଲେ।

# ଚିଠି ଯାଇଛି, ଉତ୍ତର ଫେରୁନି କି କାର୍ଯ୍ୟାନୁଷ୍ଠାନ ନାହିଁ: ଛକାପଞ୍ଝାରେ ଫସିଛି ମଞ୍ଚେଶ୍ୱର ଆରଓବି

ଭୁବନେଶ୍ୱର, ୨୫/୬ (ନି.ପ୍ର): ମଞ୍ଚେଶ୍ୱର ଲେଭଲ କ୍ରସିଂରେ ଆରଓବି (ରେଲ ଓଭରବ୍ରିଜ୍) ନିର୍ମାଣ ଚାଲିଛି। ଏହା ସମ୍ପୂର୍ଣ୍ଣ ହେବା ପାଇଁ ଏକ ବଡ଼ ପାନୀୟ ଜଳ ପାଇପ୍ ମାଟିତଳୁ ସ୍ଥାନାନ୍ତର ହେବାର ଆବଶ୍ୟକତା ରହିଛି। ଏହାକୁ ତୁରନ୍ତ ସ୍ଥାନାନ୍ତର କରିବାକୁ ୱାଟ୍‌କୋକୁ ପୂର୍ତ୍ତ ବିଭାଗ ଗତବର୍ଷ ନଭେମ୍ବରରେ ଚିଠି ଲେଖିଛି। ଏହି ପାଇପ୍ ଲାଇନ୍‌କୁ ରାସ୍ତାକଡ଼ରୁ ଉଠାଇବାକୁ ହେଲେ ଭିଏସ୍‌ଏସ୍ ନଗରରୁ ସୈନିକ ସ୍କୁଲ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ କରିବାକୁ ହେବ। ଏଣୁ ଟ୍ରାଫିକ୍ କଟକଣା ବା ଟ୍ରାଫିକ୍ ଦିଗ ପରିବର୍ତ୍ତନ ପାଇଁ ପୂର୍ତ୍ତ ବିଭାଗ କମିସନରେଟ୍ ପୁଲିସକୁ ଗତବର୍ଷ ଡିସେମ୍ବର ମାସରେ ଚିଠି ଲେଖିଛି। ସେହିଭଳି ଭିଏସ୍‌ଏସ୍‌ନଗରର ଦୁର୍ଗାମଣ୍ଡପରୁ ବାଦାମବାଡ଼ି ରାସ୍ତାରେ ଜବରଦଖଲ ରହିଛି। ଏହା ମଧ୍ୟ ଆରଓବି ନିର୍ମାଣରେ ବାଧକ ସାଜିଛି। ଜବରଦଖଲ ହଟାଇବା ପାଇଁ ପୂର୍ତ୍ତ ବିଭାଗ ବିଡିଏକୁ ଚଳିତ ବର୍ଷ ଜାନୁଆରି ମାସରୁ ଚିଠି ଲେଖିଛି। କିନ୍ତୁ ଟ୍ରାଫିକ୍ ପୁଲିସ ନିର୍ବିକାର। ୱାଟ୍‌କୋ ବି ଏ ବାବଦରେ ଚିନ୍ତା କରୁନି। ବିଡିଏ ବି ନିଦା ବିଷ୍ଣୁ। ତିନି ସଂସ୍ଥା ଚିଠି ପାଇ ବସି ଯାଇଛନ୍ତି। ଏପଟେ ଲୋକେ କଲବଲ। ରାତି ହେଲେ ଓ ରାତି ପାହିଲେ ଟ୍ରାଫିକ୍ ଜାମ୍ ସ୍ଥାନୀୟ ଲୋକଙ୍କ ଚିନ୍ତା ବଢ଼ାଇଛି। ବର୍ଷା ହେଲେ ଅବସ୍ଥା ସାଂଘାତିକ। ରାସ୍ତା ମଝିରେ ପୋତା ଯାଇଛି ଖୁଣ୍ଟ। ଖୁଣ୍ଟ ପାଇଁ ଖୋଳା ହୋଇଥିବା ମାଟି ପିଚୁରାସ୍ତା ଉପରେ ଗଦା ହୋଇଥିବାରୁ କାଦୁଅ ପଚପଚ। ୫୦ ପ୍ରତିଶତରୁ କମ୍ ଓସାର ରାସ୍ତାରେ ଉଭୟ ଯିବା ଓ ଆସିବା ଚାଲିଛି। କେଉଁପଟେ ବୁଲି ଯିବା ପାଇଁ ବିକଳ୍ପ ରାସ୍ତା ବି ନାହିଁ। ଫଳରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ନିୟମିତ ବର୍ଷା ହେଉଥିବାରୁ ସ୍ଥିତିରେ ସୁଧାର ଆସୁନାହିଁ। ୨୦୨୫ ମସିହାରେ ଏହାକୁ ସାରିବାକୁ ଡେଡ୍‌ଲାଇନ୍ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଏଭଳି ବିଚିତ୍ର ସ୍ଥିତି କାରଣରୁ ଏହା କେବେ ସରିବ ତାହାର ଠିକ୍ ଠିକଣା ନାହିଁ। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଜନଅସନ୍ତୋଷ ଦେଖା ଦେବା ସହ ନିକଟ ଅତୀତରେ ସ୍ଥାନୀୟ ବାସିନ୍ଦା ଧାରଣା ବି ଦେଇଥିଲେ। ଟ୍ରାଫିକ୍ ପୁଲିସର ଜଣେ ଅଧିକାରୀଙ୍କ କହିବା କଥା, ଭିଏସ୍‌ଏସ୍ ନଗର ଓ ସୈନିକ ସ୍କୁଲ୍ ଉଭୟ ପଟୁ ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଲେ ଭିଏସ୍‌ଏସ୍ ନଗରବାସୀ ସୈନିକ ସ୍କୁଲ୍ ପଛ ଗେଟ୍ ଦେଇ ଓମ୍‌ଫେଡ୍ ଛକ ଯାଇପାରିବେ ନାହିଁ। ଏଥିପାଇଁ ଏମାନଙ୍କୁ ରାଜପଥରେ ୧୫ କିମି ବୁଲିବାକୁ ପଡ଼ିବ। ଦୀର୍ଘ କାଳ ଧରି ଏଭଳି ବନ୍ଦ ରଖିବା ଯୋଗୁ ଅଚଳାବସ୍ଥା ସୃଷ୍ଟି ହେବ। ଏଣୁ କିଭଳି ଏହାକୁ ପରିଚାଳନା କରାଯିବ ସେ ନେଇ ସର୍ବେକ୍ଷଣ ହେଉଛି। ସେହିଭଳି ୱାଟ୍‌କୋ ମଧ୍ୟ ଚିନ୍ତାରେ ପଡ଼ିଛି। ମାଟି ତଳେ ଥିବା ଯେଉଁ ପାଇପ୍ ଲାଇନ୍ ହଟିବ ତାହା ପାନୀୟ ଜଳ ଯୋଗାଉଥିବା ମୁଖ୍ୟ ପାଇପ୍ ଲାଇନ୍। ଏହାକୁ ହଟାଇବାକୁ ହେଲେ ପାନୀୟ ଜଳ ଯୋଗାଣ ବନ୍ଦ ରଖିବାକୁ ହେବ। ଭୁବନେଶ୍ୱରର ଅଧା ଅଞ୍ଚଳରେ ଜଳ ଯୋଗାଣ ବନ୍ଦ ରହିବ। ଏଡାକୁ ହଟାଇ ପୁଣି ଥରେ ପକାଇ ଜଳ ଯୋଗାଣ ନିୟମିତ କରିବାକୁ ଅଧିକ ସମୟ ଲାଗିବ। ଏଣୁ ଏତେ ସମୟ ଧରି ଅଧା ଅଞ୍ଚଳକୁ ପାନୀୟ ଜଳ ଯୋଗାଣ ବନ୍ଦ କରିବା କିମ୍ବା କି ପ୍ରକାର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ହେବ ସେ ନେଇ ଯୋଜନା ହେଉଛି। ସେହିଭଳି ନିର୍ବାଚନ ଥିବାରୁ ଜବରଦଖଲ ହଟାଇ ଅସନ୍ତୋଷ ସୃଷ୍ଟି ନକରିବାକୁ ବିଡିଏ ଉପରେ ରାଜନୈତିକ ଚାପ ରହିଥିବା କୁହାଯାଉଛି। ଏଭଳି ସ୍ଥିତି ଏବେ ଆରଓବି ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେଇଛି। ସୂଚନାଯୋଗ୍ୟ, ବହୁଦିନ ଧରି ଆନ୍ଦୋଳନ ଧାରଣା ଚାଲିବା ପରେ ମଞ୍ଚେଶ୍ୱର ଲେଭଲ୍‌କ୍ରସିଂରେ ଆରଓବି ପାଇଁ ପୂର୍ତ୍ତ ବିଭାଗ ଯୋଜନା କରିଥିଲା। ଖର୍ଚ୍ଚ ହେବାକୁ ଥିବା ୬୫ କୋଟି ଟଙ୍କାରୁ ରାଜ୍ୟ ସରକାର ୩୫ କୋଟି ୧୭ଲକ୍ଷ ଓ ରେଳବାଇ ୨୬ କୋଟି ୭୨ଲକ୍ଷ ବହନ କରିବାକୁ ରହିଥିଲା। ୨୦୧୯ ମସିହାରୁ ପ୍ରକ୍ରିୟା ଆରମ୍ଭ ହୋଇ ବାରମ୍ବାର ନକ୍ସା ବଦଳିବାରୁ ବିଳମ୍ବ ହୋଇଥିଲା।

# ପାଟରୁ ବର୍ଷାଜଳ ନିଷ୍କାସନ ପାଇଁ ଚାଷୀଙ୍କ ଦାବି

କେନ୍ଦ୍ରାପଡ଼ା, ୨୫/୬ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ବସପୁର ଲକ ନିକଟସ୍ଥ କନ୍ତିଆ ପୁରୁଣା ପୋଷ୍ଟ ଅଫିସ ଅଂଚଳର ଶତାଧିକ ଚାଷୀମାନେ ଦୀର୍ଘ ବର୍ଷ ହେଲା ତାଙ୍କ ପାଟରୁ ବର୍ଷାଜଳ ନିଷ୍କାସନ ହୋଇପାରୁ ନଥିବାରୁ ସେମାନେ ଠିକ୍ ସମୟରେ ଚାଷ କରିପାରୁ ନଥିବା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ଏହି ଅଂଚଳରେ ପ୍ରାକୃତିକ ଜଳ ନିଷ୍କାସନ ବାଟକୁ ଅବରୋଧ କରାଯାଇ ଥିବାରୁ ଉଦବୃତ ବର୍ଷାଜଳ ନିଷ୍କାସିତ ହୋଇପାରୁ ନାହିଁ। ଶହ ଶହ ଚାଷୀମାନେ ଏ ବିଷୟରେ ବାରମ୍ବାର ଉପ ଜିଲ୍ଲାପାଳ ଏବଂ ଅନ୍ୟ ଅଧିକାରୀମାନଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରୁ ନାହିଁ। ଆର.ଆଣ୍ଡ.ବି ରାସ୍ତାକୁ କାଟି କାଡା ନାଳ ସହିତ ସଂଯୋଗ କଲେ ସେଠାରେ ପାଇପ ବସାଇଲେ ଜଳ ନିଷ୍କାସନ ହୋଇପାରିବ ବୋଲି ଜିଲ୍ଲପାଳଙ୍କୁ ଜଣାଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ସରପଂଚ ବସନ୍ତ କୁମାର ରାଉତଙ୍କ ସମେତ ବିରେନ୍ଦ୍ର ରାଉତ, ଅଶୋକ ରାଉତ, ନିହାର ରଂଜନ ଜେନା, ପ୍ରମୋଦ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ବାଲେଶ୍ୱର ବିଜେପି ପକ୍ଷରୁ କଳା ଦିବସ ପାଳିତ




ବାଲେଶ୍ୱର, ୨୫/୬ (ନି.ପ୍ର): ୧୯୭୫ ମସିହା ଜୁନ୍ ୨୫ତାରିଖରେ ଜରୁରୀକାଳୀନ ପରିସ୍ଥିତ ଉପୁଜି ଥିଲା ତତ୍ କାଳୀନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଙ୍କ ଏପରି ପଦକ୍ଷେପ ପରିପେକ୍ଷି ରେ ଆଜି ସ୍ଥାନୀୟ ମାହେଶ୍ୱରୀ ଭବନ ରେ ଜିଲ୍ଲା ବିଜେପି ପକ୍ଷରୁ କଳା ଦିବସ ପାଳନ କରାଯାଇଥିଲା, ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ବିଜେପି ସଭାପତି ଉମାକାନ୍ତ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ କରିଥିବା ବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମୋହାପାତ୍ର ସଂଯୋଜନା କରିଥିବା ବେଳେ ଜିଲ୍ଲା ଉପ ସଭାପତି ତଥା କାର୍ଯ୍ୟକ୍ରମ ସହ ସଂଯୋଜକ କମଳ ଲୋଚନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ, ମୁଖ୍ୟ ବକ୍ତା ଭାବରେ ବରିଷ୍ଠ ଆଇନଜିବୀ ହରେକୃଷ୍ଣ ଦାଶ ତାଙ୍କ ବକ୍ତବ୍ୟରେ ଜରୁରୀ କାଳୀନ ପରିସ୍ଥିତ ରେ କିପରି ଭାବରେ ସାରା ଭାରତ ବର୍ଷ ରେ ୧୯୭୧ ମସିହାରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ କଂଗ୍ରେସ ର ବିପୁଳ ବିଜୟ ହୋଇଥିବା ବେଳେ ରାଏ ବରେଲି ଲୋକୋଷଭା ନିର୍ବାଚନ ମଣ୍ଡଳୀରେ ତତ୍ କାଳୀନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଙ୍କ ସହ ଉକ୍ତ ନିର୍ବାଚନ ମଣ୍ଡଳୀରୁ ପ୍ରତି ଦ୍ୱନ୍ଦିତା କରିଥିବା ରାଜ୍ ନାରାୟଣ ଏହି ନିର୍ବାଚନ ବିଜୟ ଉପରେ ମୋକଦ୍ଦମା କରିଥିବା ବେଳେ ହାଇକୋର୍ଟ ଏହାକୁ ଅସିଦ୍ଧ କରିଥଲେ, ଏହାର ପ୍ରତିବାଦରେ ଇନ୍ଦିରା ଗାନ୍ଧୀ ଜରୁରୀ କାଳୀନ ପରିସ୍ଥିତି ଘୋଷଣା କରିଥଲେ ବୋଲି କହିଥିଲେ।ଏହି କାର୍ଯ୍ୟକ୍ରମ ରେ ନିଳଗିରି ବିଧାୟକ ସନ୍ତୋଷ ଖଟୁଆ, ଭୋଗରାଇ ବିଧାୟକ ପ୍ରାର୍ଥୀ ଆଶିଷ ପାତ୍ର, ବସ୍ତା ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ଅଣ୍ଡିଆ, ପୂର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ,ଜିଲ୍ଲା ଉପ ସଭାପତି କରୁଣାକର ପଣ୍ଡା, କମଳା ବିନ୍ଧାଣି, ସାଧାରଣ ସମ୍ପାଦକ ପ୍ରଦୀପ ପଣ୍ଡା, ସଦର ନିର୍ବାଚନ ମଣ୍ଡଳୀ ସୁଷମା ରାଣୀ ବିଶ୍ୱାଳ, ଜିଲ୍ଲା ସମ୍ପାଦିକା ପିଙ୍କି ପ୍ରଧାନ, ସସ୍ମିତା ଚାନ୍ଦ, ନଗର ସଭାପତି ଚିତ୍ତ ରଞ୍ଜନ ପଣ୍ଡା ସମସ୍ତ ମଣ୍ଡଳ ସଭପତି, ମୋର୍ଚ୍ଚା ସଭାପତିଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ସୃଷ୍ଟି ହେଲା ଘୂର୍ଣ୍ଣିବଳୟ: ଆଗାମୀ ୫ ଦିନ ପ୍ରବଳ ବର୍ଷା !



ଭୁବନେଶ୍ୱର, ୨୫/୬ (ନି.ପ୍ର): ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହେଲା ଘୂର୍ଣ୍ଣିବଳୟ। ଏହାର ପ୍ରଭାବରେ ଆଗାମୀ ୫ ଦିନ ଯାଏ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆଉ କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେଥିପାଇଁ ସତର୍କ ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଡକ୍ଟର ମନୋରମା ମହାନ୍ତିଙ୍କ କହିବା ଅନୁସାରେ ଆଗାମୀ ୨୪ ଘଣ୍ଟା ଭିତରେ ଓଡ଼ିଶାର କେତେକ ଜିଲ୍ଲାରେ ହାଲ୍କାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ଅନୁଗୋଳ, ନୟାଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ସୋନପୁର, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଗଜପତି, ରାୟଗଡ଼ା, ନୂଆପଡ଼ା ଓ ବଲାଙ୍ଗିର ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସାମାନ୍ୟ ବର୍ଷା ସହିତ ବଜ୍ରପାତ ଏବଂ ଘଡ଼ଘଡ଼ି ମାରିପାରେ। ଏହି ସବୁ ଜିଲ୍ଲାରେ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୬ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ରାୟଗଡ଼ା, ଗଜପତି, ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷାହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଖୋର୍ଦ୍ଧା, ସୋନପୁର, ବୌଦ୍ଧ, ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା ଓ ବଲାଙ୍ଗିର ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସାମାନ୍ୟ ବର୍ଷା ସହିତ ବଜ୍ରପାତ ଏବଂ ଘଡ଼ଘଡ଼ି ମାରିପାରେ। ଏହି ସବୁ ଜିଲ୍ଲାରେ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୭ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିବାର ସମ୍ଭାବନା ରହିଛି। ବୌଦ୍ଧକୁ ଛାଡ଼ି ଦେଲେ ବାକି ଜିଲ୍ଲାରେ ସାମାନ୍ୟ ବର୍ଷା ସହ ବଜ୍ରପାତ ଓ ଘନଘଡ଼ି ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୮ ତାରିଖରେ ବରଗଡ଼ ଓ ସମ୍ବଲପୁର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଏହି ଦୁଇ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି କେନ୍ଦୁଝର, ମୟୂରଭଞ୍ଜ, ଖୋର୍ଦ୍ଧା, ନୟାଗଡ଼, ଅନୁଗୋଳ, ବୌଦ୍ଧ, ସୋନପୁର, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଏଥିସହ ଝାରସୁଗୁଡ଼ା, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା ଓ ଢେଙ୍କାନାଳ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସାମାନ୍ୟ ବର୍ଷା ସହିତ ବଜ୍ରପାତ ଏବଂ ଘଡ଼ଘଡ଼ି ମାରିପାରେ। ଏହି ସବୁ ଜିଲ୍ଲାରେ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୯ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷାହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ବଲାଙ୍ଗୀର ଜିଲ୍ଲା ରେଳ ଉପଭୋକ୍ତା ସଂଘର ସାଧାରଣ ଅଧିବେଶନ

ବଲାଙ୍ଗୀର, ୨୫/୬ (ନି.ପ୍ର): ସ୍ଥାନୀୟ ଟାଉନ ଉଚ୍ଚ ବାଳିକା ବିଦ୍ୟାଳୟରେ ବଲାଙ୍ଗୀର ଜିଲ୍ଲା ରେଳ ଉପଭୋକ୍ତା ସଂଘ ର ସାଧାରଣ ସଭା ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସଂଘର ସଭ୍ୟ ସ୍ୱର୍ଗତ ମାଲିଆ ଗଡୁଆଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଗଲା। ପରେ ସାଧାରଣ ସଂପାଦକ ଦିବାକର ହୋତା ସଂପାଦକୀୟ ବିବରଣୀ ପାଠ କରିଥିଲେ। କୋଷାଧକ୍ଷ ଅଶୋକ କୁମାର ଚାନ୍ଦ ଆୟ ବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଉକ୍ତ ଅଧିବେଶନରେ ଗୌର ପୁରୋହିତ, ଗୋପବନ୍ଧୁ ପୁରୋହିତ, ଶିବ ନାରାୟଣ ରଥ, ଋତୁରାଜ ସିଂହ, ପ୍ରଭାକର ମିଶ୍ର ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ। ଉକ୍ତ ଅଧିବେଶନରେ ୩୩ ଜଣ ନୂଆ ସଦସ୍ୟଙ୍କୁ ଗ୍ରହଣ କରାଯାଇଥିଲା। ଧର୍ମବ୍ରତ ରଥ ଓ ଓମ୍ ପ୍ରକାଶ ସାହୁ ସଭା ପରିଚାଳନାରେ ସାହାଯ୍ୟ କରିଥିଲେ। ନୂଆଦିଲ୍ଲୀ ଏବଂ ପ୍ରୟାଗରାଜକୁ ସିଧାସଳଖ ଟ୍ରେନ ଚଳାଚଳ ବଲାଙ୍ଗୀରରୁ ଭୁବନେଶ୍ୱର ସକାଳୁଆ ଟ୍ରେନ ଚଳାଚଳ ବିଷୟରେ ରେଳ ବିଭାଗ ଦ୍ୱାରା ପଦକ୍ଷେପ ନିଆ ନ ଗଲେ ଭବିଷ୍ୟତରେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସ୍ଥିର ହେଲା। ସୋନପୁର ଠାରେ ପିଆଇଟି ଲାଇନ କରିବା ପାଇଁ ଦାବିପତ୍ର ଦେବାକୁ ସ୍ଥିର କରାଗଲା। ଅମୃତ ଭାରତ ଷ୍ଟେସନରେ ହେଉଥିବା କାମ ତ୍ୱରାନ୍ୱିତ କରିବା ପାଇଁ ଚାପ ପ୍ରୟୋଗ ତଥା ଅନ୍ୟାନ୍ୟ ବିଷୟରେ ସାଂସଦମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ସ୍ଥିର ହେଲା। ବର୍ତ୍ତମାନ ପାଇଁ ଷ୍ଟେସନ ପରିସର ୨ ଏବଂ ୩ ନଂ. ପ୍ଲାଟର୍ଫର୍ମରେ ଶୌଚାଳୟ ଓ ସିକ୍ୟୁରିଟି ବ୍ୟବସ୍ଥା ପ୍ରଦାନ ପାଇଁ ଦାବି ହେଲା। ସଭାପତିଙ୍କ ବିବରଣୀ ପରେ ସହ-ସଂପାଦକ ହିତେଶ ସାହୁ ଧନ୍ୟବାଦ ଅର୍ପଣ କଲେ।

# ଫୁଲବାଣୀରେ ଜିଲ୍ଲାସ୍ତରୀୟ ଆଂଟି ମ୍ୟାଲେରିଆ ମାସ ଅଭିଯାନ ପାଳନ

କନ୍ଧମାଳ, ୨୫/୬ (ନି.ପ୍ର): ଜିଲ୍ଲାସ୍ତରୀୟ ଆଂଟି ମ୍ୟାଲେରିଆ ମାସ ଅଭିଯାନ-୨୦୨୪ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ମନୋଜ କୁମାର ଉପାଧ୍ୟାୟ କହିଲେ ଯେ, ମ୍ୟାଲେରିଆ ପ୍ରତିରୋଧ ପାଇଁ ସ୍ୱାସ୍ଥ୍ୟ ବିଭାଗ ସହିତ ଅନ୍ୟ ବିଭାଗ ଓ ସର୍ବୋପରି ଲୋକମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଲୋକମାନେ ଯେଉଁ ପର୍ଯ୍ୟନ୍ତ ସଚେତନ ନହୋଇଛନ୍ତି ସେ ପର୍ଯ୍ୟନ୍ତ ମ୍ୟାଲେରିଆକୁ କେତେକାଂଶରେ ପ୍ରତିରୋଧ କରାଯାଇପାରିବ ମାତ୍ର ଜିଲ୍ଲାକୁ ମ୍ୟାଲେରିଆମୁକ୍ତ କରାଯାଇପାରିବ ନାହିଁ। ସେମାନେ ସେମାନଙ୍କର ପରିବେଶ ସଫା ରଖିବେ, ଘର ଆଖପାଖରେ ପାଣି ଜମିବାକୁ ଦେବେନି, ନିୟମିତ ମଶାରୀ ଟାଣିବା ସହିତ ଅନ୍ୟାନ୍ୟ ମଶା ନିବାରକ ବ୍ୟବହାର କରିବେ, ଦେହ, ହାତ ଓ ଗୋଡ଼କୁ ସମ୍ପୂର୍ଣ୍ଣ ଘୋଡ଼ାଇ ରଖିପାରିବା ଭଳି ପୋଷାକ ପିନ୍ଧିବେ ତେବେ ମଶା କାମୁଡ଼ାରୁ ରକ୍ଷା ପାଇପାରିବେ। ଫଳରେ ମ୍ୟାଲେରିଆ, ଡେଙ୍ଗୁ ଏବଂ ଅନ୍ୟାନ୍ୟ ଭୂତାଣୁ ଜନିତ ରୋଗରୁ ରକ୍ଷାପାଇପାରିବେ। ମ୍ୟାଲେରିଆ ଜଣାପଡ଼ିଲେ ଯଥାଶିଘ୍ର ଔଷଧ ଖାଇବା ସହିତ ପୁରା ମାତ୍ରାରେ ଔଷଧ ଖାଇବାକୁ ଡା. ଉପାଧ୍ୟାୟ ପରାମର୍ଶ ଦେଇଥିଲେ। ସେହିପରି ଜିଲ୍ଲା ମ୍ୟାଲେରିଆ ଅଧିକାରୀ ଡା. ଅରବିନ୍ଦ ଦାସ ମ୍ୟାଲେରିଆ, ଡେଙ୍ଗୁ, ଫାଇଲେରିଆ, ଓ ଜେ.ଇ. ରୋଗର ଲକ୍ଷଣ, ପ୍ରତିକାର ଉପରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ନିରୁପମା ଦୋରା ଏହିସବୁ ଭେକ୍ଟରବାହିତ ରୋଗର ପ୍ରତିରୋଧ ପାଇଁ ବିଦ୍ୟାଳୟ ଗୁଡ଼ିକରେ ନିଆଯାଉଥିବା ପଦକ୍ଷେପ ଉପରେ ସୂଚନା ଦେଇଥିଲେ। ଭେକ୍ଟର ବାହିତ ରୋଗ ପରାମର୍ଶଦାତା ଶ୍ରୀ କୁମୁଦ ଚନ୍ଦ୍ର ସାହୁ ପାୱାର ପଏଣ୍ଟ ମାଧ୍ୟମରେ ମ୍ୟାଲେରିଆ, ଫାଇଲେରିଆ ଓ ଡେଙ୍ଗୁ କିଭଳି ବ୍ୟାପେ, ରୋଗର ଲକ୍ଷଣ ଓ ପ୍ରତିକାର, ରୋଗରୁ ରକ୍ଷା ପାଇବାର ଉପାୟ, ରୋଗ ପ୍ରତି ସତର୍କ ଓ ସଚେତନ ଉପରେ ବୁଝାଇଥିଲେ। ସୂଚନାରୁ ଜଣାପଡ଼ିଛି ଯେ, ୨୦୧୬ ମସିହାରେ କନ୍ଧମାଳ ଜିଲ୍ଲାରେ ୧୦ ଜଣ ମ୍ୟାଲେରିଆ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲାବେଳେ, ୨୦୧୭ ମସିହାରେ ୩ ଜଣ, ୨୦୧୮ ମସିହାରେ ଶୂନ୍ୟ, ୨୦୧୯ ମସିହାରେ ୦୧ ଜଣ, ୨୦୨୦ ମସିହାରେ ୩ ଜଣ, ୨୦୨୧ ମସିହାରେ ୩ ଜଣ, ୨୦୨୨ ଓ ୨୦୨୩ ମସିହାରେ ୦୧ ଜଣ ଲେଖାଏଁ ମୃତ୍ୟୁବରଣ କରିଥିଲେ। ତେବେ ଆମେ ସମସ୍ତେ ସଚେତନ ହୋଇ ମିଳିତ ଭାବେ ପରିବେଶକୁ ସଫା ରଖିଲେ ଜିଲ୍ଲା ମ୍ୟାଲେରିଆ ମୁକ୍ତ ହୋଇପାରିବ। ଏହି ବୈଠକରେ ବି.ପି.ଏଚ୍.ଓ., ବି.ପି.ଏମ୍, ଭି.ବି.ଡି.ଟି.ଏସ୍., ଡି.ପି.ଏମ୍.,ଡି.ଏ. ଏମ୍., ଏ.ଡି.ପି.ଏଚ୍.ସି.ଓ. ଙ୍କ ସମେତ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନେ ଯୋଗଦେଇଥିଲେ।

# ଡ୍ରାଇଭିଂ ଟ୍ରେନିଂ ସେଂଟର ମାଲିକଙ୍କୁ ଦାଦାବଟି ମାଗୁଥିବା ଅଭିଯୋଗ: ଥାନାରେ ମାମଲା

କେନ୍ଦ୍ରାପଡ଼ା, ୨୫/୬ (ନି.ପ୍ର): ସହର ଉପକଣ୍ଠସ୍ଥିତ ଗୁଲନଗରରେ ଏକ ଡ୍ରାଇଭିଂ ଟ୍ରେନିଂ ସେଂଟର ମାଲିକଙ୍କୁ ୫୦ହଜାର ଟଙ୍କା ବଟି ମାଗୁଥିବା କେନ୍ଦ୍ରାପଡ଼ା ସଦର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ସନ୍ତୁପୁରା ଗ୍ରାମର ବସନ୍ତ କୁମାର ଧଳଙ୍କ ଝିଅ ହିରଣମୟୀ ଧଳ ସଦର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କର ଗୁଲନଗରରେ ଏକ ଡ୍ରାଇଭିଂ ଟ୍ରେନିଂ ସେଂଟର ରହିଛି। ସେହି ଟ୍ରେନିଂ ସେଂଟରରେ ଡେରାବିଶ ଥାନା ଅନ୍ତର୍ଗତ ଅମ୍ବୁରା ଗ୍ରାମର ମଣି ଧଳଙ୍କ ପୁଅ ପ୍ରସନ୍ନ ଧଳ ପହଂଚି ହିରଣମୟୀ ଧଳଙ୍କୁ ବିଭିନ୍ନ ଧମକଚମକ ଦେବା ସହିତ ତାଙ୍କ ଠାରୁ ୧୦ହଜାର ଟଙ୍କା ଦାଦାବଟି ନେଇଥିଲେ। ଏଥିସହିତ ପ୍ରସନ୍ନ ପୁନର୍ବାର ସେହି ସେଂଟରରେ ପହଂଚି ହିରଣମୟୀଙ୍କୁ ଧମକ ଦେଇ ୫୦ହଜାର ଟଙ୍କା ଦାଦାବଟି ମାଗିଥିଲେ। କିନ୍ତୁ ହିରଣମୟୀ ଟଙ୍କା ଦେବାକୁ ମନାକରି ଦେବାରୁ ପ୍ରସନ୍ନ ତାଙ୍କୁ ଅତ୍ୟନ୍ତ ଅଶ୍ଳିଳ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କ ଡ୍ରାଇଭିଂ ଟ୍ରେନିଂ ସେଂଟର ବନ୍ଦ କରିଦେବାକୁ ଧମକ ଦେବା ସହ ଆଂଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଡ୍ରାଇଭିଂ ଟ୍ରେନିଂ ଦେବାପାଇଁ ଭଡ଼ାରେ ଲାଗିଥିବା ହିରଣମୟୀଙ୍କ ଏକ ଗାଡ଼ିକୁ ସେଠାରୁ ବାହାର କରିଦେବାକୁ ଧମକ ଦେଇଥିବା ହିରଣମୟୀ ସଦର ଥାନାରେ ଅଭିଯୋଗ କରିଛନ୍ତି। ସେହି ଅଭିଯୋଗକୁ ଭିତିକରି ସଦର ଥାନାରେ କେଶ ନମ୍ବର- ୩୬୪ ତା ୨୪.୦୬.୨୦୨୪ରିଖରେ ଆଇ.ପି.ସି.ର ୨୯୪, ୩୪୧,୩୮୪, ୩୮୫ ଓ ୫୦୬ ଦଫାରେ ରୁଜୁ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଖୋଲିବ ଖଣି ଦୁର୍ନୀତି ...

କେନ୍ଦୁଝରର ହକ୍ ପାଇଁ ଲଢ଼େଇ ହୋଇଥିଲା। କିଛି ଅଣ ଓଡ଼ିଆ କେନ୍ଦୁଝରର ଗରିବ, ଆଦିବାସୀଙ୍କୁ ଲୁଟିଛନ୍ତି। ଯେଉଁମାନେ ଲୁଟ୍ କରିଛନ୍ତି, ସେମାନେ ମୋ ନଜରରେ ଅଛନ୍ତି। କେହି ବର୍ତ୍ତି ପାରିବେ ନାହିଁ। ସମସ୍ତଙ୍କୁ ଜେଲ୍ ପଠାଇବୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତେବେ ଏଠି ପ୍ରଶ୍ନ ଉଠୁଛି ମୁଖ୍ୟମନ୍ତ୍ରୀଙ୍କ ନଜରରେ କିଏ ସେହି ଦୁର୍ନୀତିଖୋର ରାଜ୍ୟରେ ଖଣି ଦୁର୍ନୀତି ପଛରେ କିଏ ? କିଏ ଲୁଟିଛି ଡିଏମ୍ଏଫ୍? କେଉଁ ଅଣ ଓଡିଆ ଖଣି ମାଫିଆ ଲୁଟୁଛନ୍ତି ଓଡ଼ିଶାକୁ ସବୁର ତଦନ୍ତ କରି ଝାରପଡା ଜେଲ୍ ପଠାଇବାକୁ କହିଛନ୍ତି ମୁଖ୍ୟମନ୍ତ୍ରୀ। ବଡ଼ କଥା ହେଲା, ବିଭାଗୀୟ ଖୋଳତାଡ଼ ଆରମ୍ଭ ହୋଇଥିବା କହିଛନ୍ତି ମନ୍ତ୍ରୀ ବିଭୂତି ଭୂଷଣ ଜେନା। ଏହା ସହ ଶାହ କମିଶନଙ୍କ ସୁପାରିଶକୁ ମଧ ତର୍ଜମା କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏପଟେ କିନ୍ତୁ ଦୁର୍ନୀତି ଆରୋପକୁ ଖଣ୍ଡନ କରିବା ସହ ପ୍ରଧାନମନ୍ତ୍ରୀ ମଧ ପ୍ରଶଂସା କରିଥିବା କହିଛି ବିଜେଡି। ଏଣେ କଂଗ୍ରେସ କହିଛି ଯଦି ମୁଖ୍ୟମନ୍ତ୍ରୀଙ୍କର ଉଦ୍ଦେଶ୍ୟ ଅଛି ଶାହ କମିଶନଙ୍କ ସୁପାରିଶକୁ କାର୍ଯ୍ୟକାରୀ କରନ୍ତୁ। ବିଜେଡି ସରକାରର ୨୪ ବର୍ଷରେ ଖଣି ଦୁର୍ନୀତିର ରହିଛି ଲମ୍ବା ତାଲିକା। ଆରମ୍ଭ ୮୦୦ କୋଟି ଟଙ୍କାର ଉଲୁବୁରି ଖଣି ଦୁର୍ନୀତିରୁ। ପରେ ଓଡ଼ିଶାରେ ପ୍ରାୟ ୬୦ ହଜାର କୋଟି ଟଙ୍କାର ଖଣି ଦୁର୍ନୀତି ନେଇ ସୁପ୍ରିମକୋର୍ଟରେ ମାମଲା ହେବା ପରେ ଶାହ କମିଶନ ବସାଇ ତଦନ୍ତ କରିଥିଲେ ସୁପ୍ରିମକୋର୍ଟ। ଶାହା କମିଶନ ଦାଖଲ କରିଥିବା ରିପୋର୍ଟରେ ମଧ ସ୍ପଷ୍ଟ ହୋଇଥିଲା ଖଣି ଦୁର୍ନୀତି। ଯେଉଁଥିପାଇଁ ୧୩୩ ଖଣି କମ୍ପାନୀ ଉପରେ ପ୍ରାୟ ୧୮ ହଜାର କୋଟି ଟଙ୍କାର ଫାଇନ ଆଦାୟ ପାଇଁ ନିର୍ଦ୍ଦେଶ ଦେବା ସହ ସଂପୃକ୍ତ ଖଣି ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସୁପାରିଶ କରିଥିଲେ। ତଥ୍ୟ କହୁଛି ଏ ପର୍ଯ୍ୟନ୍ତ ରାଜ୍ୟ ସରକାର ଆହୁରି ୨ ହଜାର ୯୬୫ କୋଟି ଟଙ୍କା ଆଦାୟ କରି ପାରି ନାହାନ୍ତି। ତା'ଠାରୁ ବଡ଼ କଥା ହେଲା କାହା ଉପରେ କାର୍ଯ୍ୟାନୁଷ୍ଠାନ ମଧ ନେଇ ନାହାନ୍ତି।

### ମନୋଜ ଆହୁଜା ...

ଫେରିବା ପାଇଁ ଅନୁମତି ଦେଇଛନ୍ତି । ଓଡ଼ିଶା ସରକାର ଶ୍ରୀ ଆହୁଜାଙ୍କ କେନ୍ଦ୍ରୀୟ ଡେପୁଟେସନ ଅବଧିକୁ ସମାପ୍ତ କରି ଫେରାଇ ଦେବାକୁ ଅନୁରୋଧ କରିଥିଲେ । ରାଜ୍ୟ ସରକାରଙ୍କ ଅନୁରୋଧକୁ ବିଚାର କରି କେନ୍ଦ୍ର କ୍ୟାବିନେଟର ନିଯୁକ୍ତି ସଂକ୍ରାନ୍ତ କମିଟି ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି । ଶ୍ରୀ ଆହୁଜା ଏବେ କେନ୍ଦ୍ର ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ବିଭାଗର ସଚିବ ଭାବେ କାର୍ଯ୍ୟ କରୁଛନ୍ତି । ବର୍ତ୍ତମାନର ମୁଖ୍ୟ ସଚିବ ୧୯୮୯ ବ୍ୟାଚ ଆଇଏଏସ୍ ପ୍ରଦୀପ କୁମାର ଜେନାଙ୍କ ବର୍ଦ୍ଧିତ କାର୍ଯ୍ୟକାଳ ଚଳିତମାସ ୩୦ତାରିଖରେ ଶେଷ ହେଉଛି । ତାଙ୍କର କାର୍ଯ୍ୟକାଳ ବୃଦ୍ଧି ନକରି ତାଙ୍କୁ ତୃତୀୟ ମହଲା (ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ)ରେ ଅବସ୍ଥାପିତ କରାଯିବାର ସମ୍ଭାବନା ରହିଛି । ତେବେ ଏନେଇ ସ୍ପଷ୍ଟ ସୂଚନା ମିଳିନଥିଲେ ମଧ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଜଣେ ବରିଷ୍ଠ ଓ ଅଭିଜ୍ଞ ଓଡ଼ିଆ ଅଫିସରଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶ୍ରୀ ଜେନାଙ୍କୁ ସେଠାରେ ନିଯୁକ୍ତି ଦିଆଯାଇପାରେ ବୋଲି ଜଣାପଡ଼ିଛି । ଏପଟେ ରାଜ୍ୟର ବିଜେପି ସରକାର ପ୍ରଶାସନିକ ସ୍ତରରେ ବଡ଼ଧରଣର ଅଦଳବଦଳ କରିବାକୁ ନିଷ୍ପତ୍ତି ନେଇଛନ୍ତି । ବିଶେଷକରି ଉନ୍ନୟନ କମିଶନରଙ୍କଠୁ ଆରମ୍ଭ କରି ସମସ୍ତ ବିଭାଗର ସଚିବଙ୍କୁ ମଧ ନୂଆ ଦାୟିତ୍ୱ ମିଳିପାରେ । ରାଜ୍ୟର ଅଧିକାଂଶ ବିଭାଗର ସଚିବ ଓ ପ୍ରମୁଖ ସଚିବ ପଦବୀରେ ଅଣଓଡ଼ିଆ ଅଫିସର ରହିଥିବାରୁ ରାଜ୍ୟ ସରକାର ଓଡ଼ିଆ-ଅଣଓଡ଼ିଆ ଭଳି ପ୍ରଭେଦ ସୃଷ୍ଟି କରି ପ୍ରଶାସନିକ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରିବାକୁ ଚାହୁଁନଥିବା ଜଣାପଡ଼ିଛି । ସେଥିପାଇଁ ସରକାର ମୁଖ୍ୟ ସଚିବ ପାହ୍ୟାରେ ଶ୍ରୀ ଆହୁଜାଙ୍କୁ ଅବସ୍ଥାପିତ କରିବାର ସମ୍ଭାବନା ରହିଛି ।

### ବବିଙ୍କ ଦାଦାଗିରି:...

ଆଜି ଏନେଇ ଗଣମାଧମରେ ଖବର ପ୍ରକାଶ ପରେ ଉକ୍ତ କ୍ୱାର୍ଟର ପରିସରେ ଜଣେ ସାମ୍ବାଦିକଙ୍କୁ ବି ତାଲା ପକାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ସଚିବାଳୟ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମାତ୍ର ୫୦୦ ମିଟର ଭିତରେ ଥିବା ଏହି ସରକାରୀ କ୍ୱାର୍ଟରକୁ ବବି କିଭଳି ଭାଙ୍ଗୁଛନ୍ତି ଓ ଦାଦାଗିରି ଦେଖାଇ ସାମ୍ବାଦିକଙ୍କୁ ବି ତାଲା ପକାଇବାକୁ ପଛାଉ ନାହାନ୍ତି ତାହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ। ବିଜେଡି ସରକାର ଅମଳରେ ରାଜଭବନ ସମ୍ମୁଖସ୍ଥ ୟୁନିଟ-୬ ଅଂଚଳର ଭିଆଇଆଇଆଇ-ଏମଆର-୧ କ୍ୱାର୍ଟର୍ସକୁ ସାଧାରଣ ପ୍ରଶାସନ ବିଭାଗ ୨୦୧୯ ଜୁନ୍ ୧୯ତାରିଖରେ ଯାଜପୁରର ପୂର୍ବତନ ବିଧାୟକ ତଥା ବିଜେଡି ସଂଗଠନ ସମ୍ପାଦକ ପ୍ରଣବପ୍ରକାଶ ଦାସଙ୍କ ନାଁରେ ଆବଂଟନ କରିଥିଲା । ସେହିବର୍ଷ ଅଗଷ୍ଟ ୧୭ ତାରିଖରେ ପ୍ରଣବ ଉକ୍ତ କ୍ୱାର୍ଟରକୁ ନିଜ ଦଖଲକୁ ନେଇଥିଲେ। ତେବେ ୨୦୧୯ ସାଧାରଣ ନିର୍ବାଚନ ପରେ ମେ' ମାସରେ ଆସିଥିବା ମହାବାତ୍ୟା 'ଫନି'ର ଫାଇଦା ଉଠାଇ ପ୍ରଣବପ୍ରକାଶ ତାଙ୍କୁ ଆବଂଟିତ କ୍ୱାର୍ଟର ଜାଗାକୁ ବେଆଇନ ଭାବେ ବଢ଼ାଇଥିଲେ । ସେହି କ୍ୱାର୍ଟରର ଦୁଇ ପାର୍ଶ୍ୱରେ ଥିବା ୨ଟି ସରକାରୀ କ୍ୱାର୍ଟର ଯଥା-ଭିଆଇଆଇଏମଆର-୨ ଏବଂ ଭିଆଇଆଇଆର-୧ର ପ୍ରାୟ ୪୦ ପ୍ରତିଶତ ପରିମିତ ଜାଗାକୁ ଆଣି ନିଜ କ୍ୱାର୍ଟର ସହ ମିଶାଇ ବିଶାଳ ପାଚେରୀ ନିର୍ମାଣ କରିଥିଲେ। ଯେପରି ଦୁଇପାଶ୍ୱର୍ରେ ଥିବା କ୍ୱାର୍ଟରର ଲୋକ ତାଙ୍କ କ୍ୱାର୍ଟର ଭିତରେ କ'ଣ ଚାଲିଛି ତାହା ଦେଖିନପାରିବେ। ଆଉ ଲୋକଙ୍କ ଆଢୁଆଳରେ ପ୍ରଣବ ବେଆଇନ ଭାବେ ହାତେଇଥିବା ଭିଆଇଆଇଆ-୧ କ୍ୱାର୍ଟରର ପ୍ରାୟ ୪୦ ପ୍ରତିଶତ ପରିମିତ ଜାଗାରେ ଏକ ଆଲିଶାନ୍ କୋଠା ନିର୍ମାଣ କରିଥିଲେ। ଲଣ୍ଡନରେ ଥିବା ବଙ୍ଗଳା ଷ୍ଟାଇଲରେ ନିର୍ମାଣ ହୋଇଥିବା ଉକ୍ତ ଆଲିଶାନ୍ କୋଠାର ଭିତର କେବଳ ମୂଲ୍ୟବାନ କାଠ ଓ କାଚରେ ସଜ୍ଜିତ ହୋଇଥିଲା। ଆଉ ସେ କୋଠାକୁ ଭିତରୁ ଦେଖିଲେ ତାହା ରାଜପ୍ରସାଦର ଭ୍ରମ ସୃଷ୍ଟି କରିବ। ଯାଜପୁରର କୁସୁମାଠାରେ ଅନୁରୂପ ଶୈଳୀରେ ଏକ କୋଠା ମଧ ପ୍ରଣବଙ୍କର ରହିଛି। ଅବଶ୍ୟ ଏସବୁ ଭବ୍ୟ ନିର୍ମାଣ ଓ ସାଜସଜ୍ଜାରେ ସରକାରୀ ଅର୍ଥ ବ୍ୟୟ କମ୍ ଓ ଠିକାଦାରୀଙ୍କ ପୁଞ୍ଜି ବେଶି ଲାଗିଥିବା ସନ୍ଦେହ କରାଯାଉଛି।

### ସାମ୍ବାଦିକାଙ୍କ ଉପରକୁ ...

ଦାସଙ୍କ ସରକାରୀ ବାସଭବନ ପାଖକୁ ଲାଗିକି ରହିଛି ରଘୁ ନନ୍ଦନ ଦାସଙ୍କ ସରକାରୀ କ୍ୱାର୍ଟର୍ସ। ପ୍ରଣବଙ୍କ ଘର ଭଙ୍ଗାଯିବା ନେଇ ଖବର ସଂଗ୍ରହ କରିବାକୁ ଯାଇଥିବା ବେଳେ ମହିଳା ସାମ୍ବାଦିକ ଜଣକ ରଘୁନନ୍ଦନଙ୍କ ବାସଭବନ ପଟୁ ଚିତ୍ର ସଂଗ୍ରହ କରିବାକୁ ଉଦ୍ୟମ କରିଥିଲେ। ସେହି ସମୟରେ ଉତ୍ତ୍ୟକ୍ତ ରଘୁନନ୍ଦନ, ନିଜ ପାଖରେ ଥିବା କୁକୁରଙ୍କୁ ଛାଡିଦେବାକୁ ତାଙ୍କ ସହଯୋଗୀଙ୍କୁ କହିଥିଲେ। ଏହା ପରେ ରଘୁନନ୍ଦନଙ୍କ ସହଯୋଗୀ ହଠାତ୍ କୁକୁରକୁ ଛାଡ଼ି ଦେଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ସଂପୃକ୍ତ ମହିଳା ସାମ୍ବାଦିକ ଓ ରଘୁନନ୍ଦନଙ୍କ କଥାବାର୍ତ୍ତା କ୍ୟାମେରାରେ ରେକର୍ଡ ହୋଇଛି। ଯେଉଁଥିରେ ରଘୁନନ୍ଦନ କୁକୁର ଛାଡିବାକୁ କହୁଥିବା ଶୁଣିବାକୁ ମିଳିଛି।

### ବନ୍ଦ ରହିବ ମହାପ୍ରଭୁଙ୍କ...

କରିଛି ପରିଚାଳନା କମିଟି। ଚଳିତବର୍ଷ ରଥଯାତ୍ରା ଦିନ ନବଯୌବନ ଦର୍ଶନ, ନେତ୍ର ଉତ୍ସବ ନୀତି ପଡୁଥିବାରୁ ବୈଠକରେ ସେବାୟତ ପ୍ରତିନିଧିମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ ନୀତିକାନ୍ତିକୁ ତ୍ୱରାନ୍ୱିତ କରିବାକୁ ରଥ ସହିତ ସଂପୃକ୍ତ ସମସ୍ତ ସେବାୟତଙ୍କୁ ନୀତିର ଯଥେଷ୍ଟ ପୂର୍ବରୁ ଉପସ୍ଥିତ ରହିବାକୁ ପରାମର୍ଶ ଦିଆଯାଇଛି। ଏପରିକି ଗଜପତିଙ୍କୁ ମଧ ଛେରାପହଁରା ନୀତିକୁ ସଠିକ୍ ସମୟରେ କରିବାକୁ ଅନୁରୋଧ କରାଯାଇଛି। ସେପଟେ ଶୃଙ୍ଖଳିତ ଦର୍ଶନ ଓ କ୍ରାଉଡ୍ କଣ୍ଟ୍ରୋଲ ପାଇଁ ଦୁଇ ଦିନିଆ ସୁରକ୍ଷା ଓ ଶୃଙ୍ଖଳା ବ୍ୟବସ୍ଥା କରାଯାଇଛି। ଟ୍ରାଫିକ୍ ସୁନିୟନ୍ତ୍ର ଓ ବଡଦାଣ୍ଡକୁ ଭେଇକିଲ୍ ପ୍ରବେଶ କରିପାରିବ ନାହିଁ ବୋଲି ପୁରୀ ଏସ୍ପି ପିନାକ ମିଶ୍ର କହିଛନ୍ତି। ତା'ସହ ଯେଉଁ ସ୍ଥାନରେ ତିନି ରଥ ରହିବ, ସେଠାରେ ଦର୍ଶନାର୍ଥୀଙ୍କ ଭିଡ ଜମିବ। ସେଠାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯିବ। ଏହାଛଡ଼ା ଶ୍ରୀଗୁଣ୍ଡିଚା ଯାତ୍ରା ଦିନ ଯେଉଁ ଭଳି ସୁରକ୍ଷା ବ୍ୟବସ୍ଥା ରହିବ, ସେହି ଭଳି ଭାବରେ ତା'ପରଦିନ ମଧ ବ୍ୟବସ୍ଥା କରାଯିବ। ନୋ ଭେଇକିଲ୍ ଜୋନ କରାଯିବ ବୋଲି ଏସ୍ପି କହିଛନ୍ତି।

### ପ୍ରଶ୍ନପତ୍ର ଲିକ୍ ମାଫିଆଙ୍କ....

ଭାଇରାଲ୍ ହେଉଛି। ନିକଟରେ ଏକ ଜାତୀୟ ଗଣମାଧମ ସଂସ୍ଥା ବିଜେନ୍ଦରଙ୍କଠୁ ପ୍ରଶ୍ନପତ୍ର ଲିକ୍ ପଛରେ ଥିବା ଅନ୍ଧାରୀ କାହାଣୀ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ପଚାରି ବୁଝିଛି। ସେ କହିଛନ୍ତି ଯେ, ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ୭୦୦ ଛାତ୍ରଛାତ୍ରୀଙ୍କୁ ଟାର୍ଗେଟ କରି ହୋଇଛି ଏବଂ ଏହି ରାକେଟ୍ ୨୦୦-୩୦୦ କୋଟି ଟଙ୍କା ଲକ୍ଷ୍ୟ ରଖିଥିଲା। କେବଳ ଏତିକି ନୁହେଁ, ରାସ୍ତାରେ ନେବା ସମୟରେ କିପରି ପ୍ରଶ୍ନ ବାକ୍ସ ଭଙ୍ଗାଯାଏ ଏବଂ କଳା ତାଲିକାଭୁକ୍ତ କମ୍ପାନୀଗୁଡିକ କିପରି ଟେଣ୍ଡର ପରିଚାଳନା କରନ୍ତି ସେ ବିଷୟରେ ବ୍ୟାଖ୍ୟା କରିଛନ୍ତି। ସେ ମଧ ନିଟ୍ ପ୍ରଶ୍ନପତ୍ର ଲିକର ମୁଖ୍ୟ ଅଭିଯୁକ୍ତ ସଞ୍ଜିବ ମୁଖିଆ ଏବଂ ଗିରଫ ହୋଇଥିବା ବିଶାଳ ଚୌରାସିଆଙ୍କୁ ଜାଣିଥିବା କହିଛନ୍ତି। ପରିବହନ ସମୟରେ କିପରି ପ୍ରଶ୍ନପତ୍ର ଲିକ୍ ହୁଏ, ସେ ବାବଦରେ ବିଜେନ୍ଦର କହିଛନ୍ତି ଯେ, ଯେତେବେଳେ ଲଜିଷ୍ଟିକ୍ କମ୍ପାନୀଗୁଡିକ ପ୍ରଶ୍ନପତ୍ରକୁ ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ପରିବହନ କରନ୍ତି ସେତେବେଳେ ପ୍ରଶ୍ନ ବାକ୍ସ ଭଙ୍ଗା ଯାଇଥାଏ। ସେହିପରି ଲିକ୍ ପାଇଁ ଏକାଧିକ ପଦ୍ଧତି ଗ୍ରହଣ କରାଯାଏ, ଯେପରି ସରକାରୀ ସୂଚନା ଜାଣିଥିବା ବ୍ୟକ୍ତି, ପ୍ରଶ୍ନପତ୍ର ଛାପା ଯାଉଥିବା ପ୍ରିଣ୍ଟିଂ କେନ୍ଦ୍ର ଇତ୍ୟାଦି। ସେ କିପରି ପେପର୍ ଲିକରେ ଜଡିତ ହେଲେ ପ୍ରଶ୍ନରେ ବିଜେନ୍ଦର କହିଛନ୍ତି, 'ଆପଣ ଭାରତର ସବୁଠୁ ବଡ଼ ପେପର୍ ଲିକ୍ ମାଫିଆ, ବେଦୀ ରାମଙ୍କ ବିଷୟରେ ଶୁଣିଛନ୍ତି କି ? ସେ ଏବେ ଉରପ୍ରଦେଶର ଜଉନପୁରର ଜଣେ ବିଧାୟକ। ଜଉନପୁରରେ ହୋଇଥିବା ପେପର୍ ଲିକ୍ ସମୟରେ ମୁଁ ତାଙ୍କ ଆସିଷ୍ଟାଣ୍ଟ ଥିଲି। ଏହି ସମୟରେ ଜଣେ ଛାତ୍ରଙ୍କୁ ଚାକିରି ପାଇବାରେ ସାହାଯ୍ୟ କରିବା ପାଇଁ ପ୍ରଶ୍ନପତ୍ର ଲିକ୍ କରାଯାଇଥିଲା। ଏହି ସମୟରେ ମୁଁ ଜେଲ୍ ଯାଇଥିଲି। ପେପର୍ ଲିକ୍ ମାଫିଆମାନେ ଜେଲ୍ ଯାଆନ୍ତି ପୁଣି କଣ କରନ୍ତି ବୋଲି ପ୍ରଶ୍ନରେ ବିଜେନ୍ଦର କହିଛନ୍ତି, ଜେଲ୍ ଯାଆନ୍ତି, ପୁଣି ବେଲ୍, ତା ପରେ ଆରମ୍ଭ ହୁଏ ଖେଳ। ନିଟ୍-ୟୁଜି ପେପର୍ ଲିକ୍ ହେବ ବୋଲି ପୂର୍ବାନୁମାନ କରୁଥିବା ଭିଡିଓ ପରେ ତାଙ୍କୁ କଲ ଆସିଛି କି ବୋଲି ପଚରାଯିବାରୁ ଗୁପ୍ତା କହିଛନ୍ତି ଯେ, ତାଙ୍କ ନମ୍ବର କାହାରି ପାଖରେ ନାହିଁ। କିଛି ଭୁଲ୍ ହେଲେ ସବୁ କଥା ସାମ୍ନାକୁ ଆସେ, ଯାହା ନିଟ୍ ପେପର୍ ଲିକରେ ଘଟିଛି। ଅର୍ଥନୈତିକ ଅଫେନ୍ସ ୟୁନିଟ୍ ଦ୍ୱାରା ଅନୁସନ୍ଧାନ ଠିକ୍ ଦିଗରେ ଅଛି। ଏନଟିଆର ଏହା ବୁଝିପାରିବ ନାହିଁ ବୋଲି ବିଜେନ୍ଦର କହିଛନ୍ତି।

### ରାହୁଲ ଗାନ୍ଧି ବିରୋଧୀ...

ରାହୁଲ ଏହାକୁ ଗ୍ରହଣ କରି ନେଇଛନ୍ତି। ସେ ପ୍ରସ୍ତାବ ଗ୍ରହଣ କରି ନେଇଥିବାରୁ କଂଗ୍ରେସ ପକ୍ଷରୁ ତାଙ୍କୁ ବିରୋଧୀ ଦଳର ନେତା ଭାବେ ଚୟନ କରାଯାଇଛି। ଚଳିତ ଲୋକସଭା ନିର୍ବାଚନରେ ରାହୁଲ ଗାନ୍ଧି ଉଭୟ ରାଏବରେଲୀ ଓ କେରଳର ୱାୟନାଡଙ୍କୁ ରେକର୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। କିନ୍ତୁ ତାଙ୍କ ୱାୟନାଡ ଆସନ ଛାଡ଼ିବାକୁ ପଡ଼ିଛି। ଏଠାରେ ହେବାକୁ ଥିବା ଉପ ନିର୍ବାଚନରେ ପ୍ରିୟଙ୍କା ଗାନ୍ଧି ଭଦ୍ରା ପ୍ରାର୍ଥୀ ହେବେ। ସେହିପରି ନିକଟରେ ଶେଷ ହୋଇଥିବା ସାଧାରଣ ନିର୍ବାଚନରେ କଂଗ୍ରେସ ଏକାକୀ ଲୋକସଭାରେ ୯୯ଟି ଆସନ ଜିତିଛି। ବିରୋଧୀ ମେଣ୍ଟ ଇଣ୍ଡିଆ ପାଖରେ ୨୩୩ ଜଣ ସାଂସଦ ରହିଛନ୍ତି।

# ହାତୀ ଆକ୍ରମଣରେ ବୃଦ୍ଧାଙ୍କ ମୃତ୍ୟୁ



ନୀଳଗିରି, ୨୫/୬ (ନି.ପ୍ର): ନୀଳଗିରି ଉପଖଣ୍ଡରେ ଦିନକୁ ଦିନ ବୃଦ୍ଧି ପାଇଛି ଜଙ୍ଗଲି ହାତୀଙ୍କ ଆତଙ୍କରାଜ। ଅଧିକାଂଶ ସମୟରେ ବନ ବିଭାଗକୁ ଚକମା ଦେଇ କୁଳଡିହା ଅଭୟାରଣ୍ୟ ଭିତରୁ ଗାଁ ମୁହାଁ ହେଉଛନ୍ତି ହାତୀପଲ। ଅଭୟାରଣ୍ୟର ଆଖପାଖ ଅଞ୍ଚଳରେ ପଶି ଧନଜୀବନ ନଷ୍ଟ କରୁଥିବା ବେଳେ ଗତ ସୋମବାର ବିଳମ୍ବିତ ରାତିରେ ୩ଟି ହାତୀ ଖସିଆସି ଶ୍ୟାମସୁନ୍ଦରପୁର ପଞ୍ଚାୟତ ଶ୍ରୀଦେଇପୁର ନିକଟ କାଇଂଶପାଳ ଗ୍ରାମର ଜଣେ ୬୨ବର୍ଷୀୟ ବୃଦ୍ଧାଙ୍କୁ କଚାଡି ମାରିଦେଇଥିବା ସୂଚନା ମିଳିଛି। ଖବର ଅନୁଯାୟୀ ଉକ୍ତ ଗ୍ରାମର ପୂର୍ଣଚନ୍ଦ୍ର ଦେହୁରୀଙ୍କ ପତ୍ନୀ ପୁନ୍ତି ଦେହୁରୀ ରାତ୍ରୀ ପ୍ରାୟ ୧୨ସମୟରେ ପରିସ୍ରା କରିବାକୁ ଘରବାଡ଼ି ପଛକୁ ଯାଇଥିଲେ। ଉକ୍ତ ବାଡ଼ିରେ ଆମ୍ବ ଓ କଦଳୀ ଗଛ ଖାଇବାକୁ ପଶିଆସିଥିବା ତିନୋଟି ହାତୀ ମଧ୍ୟରୁ ଗୋଟିଏ ହାତୀ ଆକ୍ରମଣରେ ବୃଦ୍ଧା ମହିଳା ଜଣକ ପଡିଯିବାରୁ ହାତୀଟି ଶୁଣ୍ଢରେ କଚାଡି ଦେଇଥିବା ମହିଳାଙ୍କ ପୁଅଙ୍କ ନିକଟରୁ ପ୍ରକାଶ। ବୃଦ୍ଧାଙ୍କ ଚିତ୍କାର ଶୁଣି ପରିବାର ଲୋକ ଘଟଣା ସ୍ଥଳରେ ପହଞ୍ଚି ଚେତାଶୁନ୍ୟ ଅବସ୍ଥାରେ ୧୦୮ଆମ୍ବୁଲାନ୍ସ ଯୋଗେ ନୀଳଗିରି ହସ୍ପିଟାଲ ଆଣିଥିଲେ ହେଁ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ଆଜି ତାଙ୍କର ଶବ ବ୍ୟବଛେଦ କରାଯାଇଥିବା ବେଳେ ପରିବାର ପକ୍ଷରୁ ନୀଳଗିରି ଥାନାରେ ଅଭିଯୋଗ ପରେ ଏକ ମାମଲା ରୁଜୁ କରାଯାଇଛି। ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ପରିବାର ବର୍ଗଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି। ବନବିଭାଗ ଘଟଣା ସ୍ଥଳରେ ପହଞ୍ଚି ତଦାରଖ କରିଥିବା ସୂଚନା ମିଳିଛି।

# ପାରାଦୀପ ବନ୍ଦର ପକ୍ଷରୁ ମିଳିତ ମେଗା ମକ୍ ଡ୍ରିଲ୍




ପାରାଦୀପ, ୨୫/୬ (ନି.ପ୍ର): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଙ୍ଗଳବାର ଦିନ ମିଳିତ ମେଗା ମକ୍ ଡ୍ରିଲ୍ ଆୟୋଜିତ ହୋଇଯାଇଛି। ପାରାଦୀପ ବନ୍ଦର ସିଆଇଏସଏଫ୍ ପକ୍ଷରୁ ପାରାଦୀପ ମୁଖ୍ୟ ଅଗ୍ନି ନିର୍ବାପନ କେନ୍ଦ୍ରଠାରେ ଆୟୋଜିତ ମକ୍ ଡ୍ରିଲ୍‌ରେ ପାରାଦୀପ ବନ୍ଦର ସମେତ ଜିଲ୍ଲା ପ୍ରଶାସନ, ଏନଡିଆରଏଫ୍ ମୁଣ୍ଡୁଳିର ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ । ଏହି ମକ୍ ଡ୍ରିଲ୍ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ, ସମ୍ମାନୀତ ଅତିଥି ଭାବେ ଉପାଧକ୍ଷ ନିଲଭ୍ର ଦାସଗୁପ୍ତା ଏହି ସାଇଟ୍ ଲେଭଲ-୩ରେ ଯୋଗ ଦେଇଥିଲେ । ମେରାଇନ୍ ସାଇଟ୍ ଅଫିସ୍‌ରେ ଏକ ଭଙ୍ଗା ଗୃହ ମଧ୍ୟରୁ ବାତ୍ୟାରେ ଫସି ରହିଥିବା ବ୍ୟକ୍ତିଙ୍କୁ କିପରି ଉଦ୍ଧାର କରାଯାଇ ପାରିବ ତାହାର ନମୁନା ପ୍ରଦର୍ଶିତ ହୋଇଥିଲା । ଏହା ପରେ ରୋଷେଇ ଗ୍ୟାସ ଦୂର୍ଘଟଣାରୁ କିପରି ପ୍ରଶମନ କରାଯାଇ ପାରିବ ସେ ସମ୍ପର୍କରେ ମକ୍ ଡ୍ରିଲ୍ ପ୍ରଦର୍ଶନ କରାଯାଇଥିଲା । ପାରାଦୀପ ବନ୍ଦର ସମେତ ସହଯୋଗୀ ସଂସ୍ଥାର ଅଗ୍ନି ନିର୍ବାପନ କେନ୍ଦ୍ରର କର୍ମଚାରୀମାନେ ଏହି ମକ୍ ଡ୍ରିଲ୍‌ରେ ସାମିଲ ହୋଇଥିଲେ । ଏନଡିଆରଏଫ୍ ୩ୟ ବାଟାଲିୟାନ ମୁଣ୍ଡୁଳିର ଆସିଷ୍ଟାଣ୍ଡ କମାଣ୍ଡର ଗୌରବ ଜଗନାନୀ ମକ୍ ଡ୍ରିଲ୍ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ । ଶେଷରେ ବନ୍ଦର ଅଧକ୍ଷ ଶ୍ରୀ ହରନାଦ ସମସ୍ତ ସହଯୋଗୀ ସଂସ୍ଥାମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଶିଶୁ ଶ୍ରମିକ ସମାଜର କଳଙ୍କ: ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ଓ ରଙ୍ଗୋଲି ପ୍ରତିଯୋଗିତା



ଭଦ୍ରକ, ୨୫/୬ (ନି.ପ୍ର): ଶିଶୁ ଶ୍ରମିକ ସମସ୍ୟା ଭଳି ସମାଜର ଏକ କଳଙ୍କିତ ପ୍ରଥାକୁ ଉଚ୍ଛେଦ ବା ନିରାକରଣ କରାଯିବା ନେଇ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଶ୍ରମ ବିଭାଗ ଜରିଆରେ ଜୁନ୍ ୧ ରୁ ଜୁନ୍ ୩୦ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବାର ନିର୍ଦ୍ଧାରଣ କରାଯାଇଛି । କାର୍ଯ୍ୟସୂଚୀ ଅନୁଯାୟୀ ଜୁନ୍ ୨୫ ତାରିଖ ମଙ୍ଗଳବାର ଦିନ ସରକାରୀ ଉଚ୍ଚ ବିଦ୍ୟାଳୟରେ ହାଇସ୍କୁଲ ପିଲାମାନଙ୍କୁ ନେଇ ଏକ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ଓ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ସମ୍ବିତ କୁମାର ଗଡ଼ନାୟକ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିଶୁ ଶ୍ରମିକ ସମସ୍ୟାର ମୂଳୋତ୍ପାଟନ ପାଇଁ ଶ୍ରମିକ ଶିଶୁର ପିତାମାତା ଅପେକ୍ଷା ଶିଶୁକୁ ଶ୍ରମିକଭାବେ ନିୟୋଜିତ କରୁଥିବା ଲୋକର ଦାୟିତ୍ୱ କେତେ ଗୁରୁତ୍ୱପୂର୍ଣ୍ଣ ତା ଉପରେ ଆଲୋକପାତ କରିଥିଲେ । ଆଜିର ଶିଶୁ କାଲିର ନାଗରିକ, ବିନ୍ଦୁରୁ ହିଁ ସିନ୍ଧୁର ସୃଷ୍ଟି । ଶିଶୁର ଉତ୍ତମ ସ୍ୱାସ୍ଥ୍ୟ ଶିକ୍ଷା ବିନା ସୁନାଗରିକ ଗଠନ ସମ୍ଭବ ନୁହେଁ । ଶିଶୁ ଶ୍ରମିକ ହେଲେ ସ୍ୱାସ୍ଥ୍ୟ, ଶିକ୍ଷା ଭଳି ମୌଳିକ ଅଧିକାରରୁ ବଞ୍ଚିତ ହୋଇ ତାର ଶାରୀରିକ, ମାନସିକ ବିକାଶ ବାଧାପ୍ରାପ୍ତ ହେବ । ତେଣୁ ଶିଶୁ ଶ୍ରମିକ ପ୍ରଥା ସମାଜର ଏକ ବ୍ୟାଧି ବୋଲି ସେ ପ୍ରକାଶ କରିଥିଲେ । ଜିଲ୍ଲା ଶ୍ରମ ଅଧିକାରିଣୀ ପ୍ରେମ ମଞ୍ଜରୀ ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ପ୍ରତିଯୋଗିତା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥିଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଦେବରାଜ ପାଣିଗ୍ରାହୀ, ଜିଲ୍ଲା ବିଜ୍ଞାନ ପରିଦର୍ଶିକା ହିମାଦ୍ରୀ ନନ୍ଦିନୀ ବିଶ୍ୱାଳ, ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶୀ ନାୟକ, ସହକାରୀ ଶିକ୍ଷକ ମନୋଜ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଶିଶୁ ଶ୍ରମିକ ସମାଜ ପାଇଁ କେତେ କ୍ଷତିକାରକ ଓ ଏ ସମସ୍ୟାର ସମାଧାନ ପାଇଁ ସଚେତନତା ଓ ଏଥିପାଇଁ ପ୍ରଣୀତ ଆଇନ୍ ଓ ଦଣ୍ଡ ବ୍ୟବସ୍ଥାର କାର୍ଯ୍ୟକାରୀତା ସମ୍ବନ୍ଧରେ ପ୍ରକାଶ କରିଥିଲେ । ସମସ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

# ଜାତୀୟ ସ୍ୱାସ୍ଥ୍ୟ ମିଶନର ସମୀକ୍ଷା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୨୫/୬ (ନି.ପ୍ର): ଭୁବନେଶ୍ୱରସ୍ଥିତ ଜାତୀୟ ସ୍ୱାସ୍ଥ୍ୟ ମିଶନ ମୁଖ୍ୟ କାର୍ଯ୍ୟାଳୟରେ ମଙ୍ଗଳବାର ଅପରାହ୍ନରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ବିଭାଗୀୟ ସମୀକ୍ଷା ବୈଠକ କରିଛନ୍ତି । ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିଶନର କାର୍ଯ୍ୟକାରିତା ଓ ବିଭିନ୍ନ ଯୋଜନା ଯଥା ଜନନୀ ସୁରକ୍ଷା ଯୋଜନା, ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ, ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ରକ୍ତ ଶିକୁଳିଜନିତ ରକ୍ତ ସମସ୍ୟା, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଆଦି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା । ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଏକ ବଡ଼ ଦାୟିତ୍ୱ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ବକ୍ତବ୍ୟରେ କହିଥିଲେ । ଆହୁରି ମଧ କହିଥିଲେ ଯେ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ଆସୁଥିବା ମେଡ଼ିକାଲ କଲେଜଗୁଡିକରେ ବାୟୋମେଡ଼ିକାଲ ଇଂଜିନିୟରିଂ ବିଭାଗ ଖୋଲିବା ସହ ୧୦୮ ଆମ୍ବୁଲାନ୍ସଗୁଡିକର ରୋଗୀଙ୍କ ପାଖରେ ପହଂଚିବା ସମୟ ୧୫ ମିନିଟକୁ ଧାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଜାତୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ପୂରଣ ହେଉଥିବା ସ୍ୱାସ୍ଥ୍ୟ ସେବା ପଦବୀଗୁଡ଼ିକୁ ଯଥାଶୀଘ୍ର ପୂରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଅଂଶୁଘାତରେ ୪ ଛାତ୍ରଛାତ୍ରୀ ଗୁରୁତର: ହସ୍ପିଟାଲରେ ଭର୍ତ୍ତି



ନୀଳଗିରି, ୨୫/୬ (ନି.ପ୍ର): ନୀଳଗିରି ବ୍ଲକ ବେଗୁନିଆ ପଞ୍ଚାୟତ ସ୍ୱପ୍ନେଶ୍ୱର ହାଇସ୍କୁଲରେ ଅଘୋଷିତ ବିଦ୍ୟୁତ କାଟ ଓ ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ପାଇଁ ୮ମ ଶ୍ରେଣୀର ୨ ଛାତ୍ର ଓ ୨ ଛାତ୍ରୀ ଗୁରୁତର ଅବସ୍ଥାରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ ବିଦ୍ୟାଳୟ ଗୁଡିକ ସକାଳୁଆ କ୍ଲାସ ପରିବର୍ତ୍ତେ ପୂର୍ବାହ୍ନ ୧୦ଟା ସମୟରେ କ୍ଲାସ ଆରମ୍ଭ ହୋଇଛି। ମାତ୍ର ଉକ୍ତ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନେ ୧୦ଘଟିକାରେ ବିଦ୍ୟାଳୟକୁ କ୍ଲାସ କରିବା ପାଇଁ ଆସିଥିବା ବେଳେ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁଁ ଅସହ୍ୟ ଗୁଳୁଗୁଳି ଓ ଗରମ କାରଣରୁ ଜଣଙ୍କ ପରେ ଜଣେ ୨ ଛାତ୍ର ଏ ୨ ଛାତ୍ରୀଙ୍କ ମୁଣ୍ଡ ବୁଲେଇବା ସହ ଅଚେତ ହୋଇ ପଡିଯାଇଥିଲେ।ସ୍କୁଲର ପ୍ରଧାନ ଶିକ୍ଷକ ହରେକୃଷ୍ଣ ବେହେରା ସେମାନଙ୍କୁ ନିଜସ୍ୱ ଗାଡି ସାହାଯ୍ୟରେ ପ୍ରାଥମିକ ଚିକିତ୍ସା କରି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।ଅସୁସ୍ଥ ଥିବା ଛାତ୍ରଛାତ୍ରୀମାନେ ହେଉଛନ୍ତି ବେଗୁନିଆ ଗ୍ରାମର କାର୍ତ୍ତିକ ମଳିକଙ୍କ ଝିଅ ନମିତା ମଳିକ, କମାରଖାଲିଆ ଗ୍ରାମର ମଙ୍ଗଳ ସିଂଙ୍କ ଝିଅ କାବେରୀ ସିଂ,କଲ୍ୟାଣୀ ଗ୍ରାମର ଅଜିତ କୁମାର ଦାସ ଙ୍କ ପୁଅ ଅଖିଲେଶ ଦାସ,ମଛୁଆ ଗ୍ରାମର ଶଶୀକାନ୍ତ ବେହେରାଙ୍କ ପୁଅ ଜଗଦୀଶ ବେହେରା ଅସୁସ୍ଥ ହୋଇଛନ୍ତି। ଖବର ପାଇ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ନୀଳଗିରି ହସ୍ପିଟାଲରେ ପହଞ୍ଚି ଅସୁସ୍ଥ ଛାତ୍ରଛାତ୍ରୀଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ବୁଝିବା ସହିତ ହସ୍ପିଟାଲ୍ ତରଫରୁ ଉପଯୁକ୍ତ ଯତ୍ନ ନିଆଯାଇ ନଥିବା ଅଭିଯୋଗ ପାଇବା ପରେ କତୃପକ୍ଷଙ୍କୁ ଡାକି ତାଗିଦ୍ କରିଥିଲେ। ଏଥିସହିତ ଗରମ ଓ ଗୁଳୁଗୁଳିକୁ ଲକ୍ଷ୍ୟକରି ୧୦ଟା ପରିବର୍ତ୍ତେ ସକାଳୁଆ କରିବାକୁ ପ୍ରଶାସନ ଠାରେ ଅଭିଭାବକ ମାନେ ଅଭିଯୋଗ କରିଛନ୍ତି।

# ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ଏବଂ ଆମର କର୍ତ୍ତବ୍ୟ: ସିପିଏମ

ବାଲେଶ୍ୱର , ୨୫/୬ (ନି.ପ୍ର): ବାଲେଶ୍ୱର ଷ୍ଟେସନ କ୍ଲବ ଠାରେ ସିପିଏମ ର ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ଏବଂ ଆମର କର୍ତ୍ତବ୍ୟ ଉପରେ ଏକ ଆଲୋଚନାରେ କ:ସୀତାଂଶୁ ସେନାପତି ସଭାପତିତ୍ୱ କରିଥିଲେ। ଉକ୍ତ ସଭାରେ ମୁଖ୍ୟ ଅତିଥି ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ତଥା ବରିଷ୍ଠ କମ୍ୟୁନିଷ୍ଟ ନେତା କ :ଜନାର୍ଦ୍ଦନ ପତି ଉପସ୍ଥିତ ରହି ଦେଶ ଓ ରାଜ୍ୟରେ ରାଜନୈତିକ ପରିସ୍ଥିତି ସମ୍ପର୍କରେ ବାମପନ୍ଥୀ ମାନଙ୍କର ଭୂମିକା କଣ ହେବ,୨୦୨୪ ସାଧାରଣ ନିର୍ବାଚନ ଏକ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଥିଲା।ଏହାରି ଭିତରେ କେନ୍ଦ୍ରନିର୍ବାଚନ ଓ ୪ଟି ରାଜ୍ୟରେ ନିର୍ବାଚନ ହୋଇଛି। ୨୦୧୯ରେ ବିଜେପି ୩୦୩ପାଇଥିଲେ କିନ୍ତୁ ୪୦୦ ପାର ଡାକରା ଦେଇଥିଲେ ହେଲେ ୨୪୦ର ରହିଗଲା।ସାରା ଭାରତବର୍ଷରେ ବିଜେପି କୁ ପ୍ରତ୍ୟାଖାନ କଲା। ଉତ୍ତରପ୍ରଦେଶ ର ଯେଉଁଠି ଅଯୋଧ୍ୟା ରାମ ମନ୍ଦିର ପ୍ରତିଷ୍ଠା କରି ବିଜେପି ର ପ୍ରଚାର କରି ଖେମତା ଦଖଲ କରିବାକୁ ଚେଷ୍ଟା କରୁଥିଲେ ମଧ ତାର ଆଖପାଖ ଅଞ୍ଚଳ ରେ ୮ଟି ଲୋକସଭା ନିର୍ବାଚନ ମଣ୍ଡଳୀ ରେ ବିଜେପି ହାରିଛି।ଓଡିଶା ରେ ବିଜେପି ସରକାର କୁ ଆସିଛି। କେନ୍ଦ୍ରରେ ବିଜେପି ସରକାର କୁ ଲୋକମାନେ ପ୍ରତ୍ୟାଖାନ କଲେ ମଧ ମୋଦି ସରକାର ଗଠନ କରିଛି।ଗତ ୧୦ବର୍ଷ ଭିତରେ ୧୮ଲକ୍ଷ ଲଘୁ ଉଦ୍ୟୋଗ ଗୁଡିକ ବନ୍ଦ ହୋଇଛି। ୫୪ଲକ୍ଷ ଲୋକ ଚାକିରୀ ହରାଇଛନ୍ତି।ତଥାପି ବିଜେପି ରାଜ୍ୟରେ କିଛି ମିଥ୍ୟା ପ୍ରତିଶୃତି ଦେଇ ଓଡ଼ିଶାରେ ଖେମତା ଦଖଲ କରିଛି। ରାଜ୍ୟରେ ଖେମତା ଦଖଲ କରୁ କରୁ ବାଲେଶ୍ୱର ରେ ହିନ୍ଦୁ ମୁସଲମାନ ଭିତରେ ଦଙ୍ଗା ସୃଷ୍ଟି ହୋଇ ଅଶାନ୍ତି ବାତାବରଣ ସୃଷ୍ଟି ହୋଇଛି।ନିର୍ବାଚନ ରେ ବିଜେଡି ବିଜେପି ବିରୋଧ ରେ ମୁହଁ ଖୋଲିଲା ନାହିଁ।ମୋଦି ସରକାର ଗଠନ ପାଇଁ ଚନ୍ଦ୍ରବାବୁ ନାଇଡୁ ସ୍ୱତ୍ରାନ୍ତ ରାଜ୍ୟ ପାହ୍ୟା ପାଇଁ ୧ଲକ୍ଷ କୋଟି ଦେଇଦେଲେ, ନୀତିଶ କୁମାର ଙ୍କୁ ମଧ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦେବା ଫଳରେ ସରକାର ଗଠନ ପାଇଁ ସହଯୋଗ କରିଥିଲେ।ଉକ୍ତ ଆଲୋଚନା ସଭା ରେ ଜିଲ୍ଲା ସମ୍ପାଦକ କ :ଶିଶିର ହୁଇ କ :ବିଜୟ ପାତ୍ର, କ :ଦୀପ୍ତିମାନ ଆଚାର୍ଯ୍ୟ, କ :ପ୍ରେମରଞ୍ଜନ ପାତ୍ର, ଜିଲ୍ଲା କମିଟି ସଭ୍ୟ ଦିଲ୍ଲିପ ଗିରି, ହରିପ୍ରିୟା ଜେନା, ଜ୍ୟୋତିରିମୟ ରାଉତ, ଶ୍ୟାମସୁନ୍ଦର ଜେନା, ଅକ୍ଷୟ ମିଶ୍ର,ଗୋବିନ୍ଦ ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ପଞ୍ଚୁପାଲିଠାରେ ବିଜେପିର କଳା ଦିବସ ପାଳିତ




ଲଙ୍ଗଳେଶ୍ୱର , ୨୫/୬ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ଠାରେ ବିଜେପି ପାଳିଲା କଳା ଦିବସ। କଂଗ୍ରେସ ସରକାର ସମୟରେ କରାଯାଇଥିବା ଜରୁରୀକାଳୀନ ସ୍ଥିତି ଲାଗୁ କରି ବହୁ ବରିଷ୍ଠ ନେତୃତ୍ୱ ନେଉଥିବା ନେତାଙ୍କୁ ଗିରଫ କରାଯାଇ ଜେଲ୍ ରେ ଭର୍ତ୍ତି କରାଯାଇଥିଲା। ୧୯୭୫ ମସିହା ଜୁନ ୨୫ ତାରିଖରେ ଏହିଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ବିଜେପି ପକ୍ଷରୁ କଳା ଦିବସ ପାଳିତ ହୋଇଆସୁଛି ସମ୍ବିଧାନ ବିରୁଦ୍ଧାଚରଣ ହୋଇଥିବାରୁ ଏହାର ପ୍ରତିବାଦ କରିଆସୁଛି। ଆଜି ଲଙ୍ଗଳେଶ୍ୱର ମଣ୍ଡଳ ସ୍ତରୀୟ କଳା ଦିବସ ପଞ୍ଚୁପାଲି ବଜାର ଠାରେ ଥିବା ତାରିଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେପି ଦଳର କୃଷକ ନେତା ଅଦ୍ୱୈତ ବାଗ ଶିକ୍ଷପତି ସଞ୍ଜୀବ ପାଢ଼ୀ, ବିମଳ କୁମାର ସାହୁ, ପୂର୍ବତନ ଲଙ୍ଗଳେଶ୍ୱର ମଣ୍ଡଳ ସଭାପତି ଶ୍ରୀକୃଷ୍ଣ ପାତ୍ର, ନାରୀ ନେତ୍ରୀ କାଞ୍ଚନ ମନ୍ତ୍ରୀ ପ୍ରମୁଖ ଯୋଗଦେଇ ଥିଲେ। ମଣ୍ଡଳ ସଭାପତି ଗଗନ ବିହାରୀ ସାହୁ ସଭାରେ ସଭାପତିତ୍ୱ କରିଥିଲେ। ଲଙ୍ଗଳେଶ୍ୱର ମଣ୍ଡଳ ରେ ଥିବା ୮ଟି ପଞ୍ଚାୟତ ରୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।ଭୁବନ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

# କଳାଦିବସ ପାଳନ କଲା ବିଜେପି

ନୀଳଗିରି : ଦୀର୍ଘ ୪୯ବର୍ଷ ପୂର୍ବେ ୧୯୭୫ ମସିହା ଜୁନ ୨୫ରୁ ୧୯୭୭ ମସିହା ଅପ୍ରେଲ ୨୧ପର୍ଯ୍ୟନ୍ତ ଭାରତୀୟ ଗଣତନ୍ତ୍ରର କଣ୍ଠରୋଧ କରି ଏକଛତ୍ରବାଦର କଳା କାହାଣୀ ରଚିଥିଲେ ତତ୍କାଳୀନ ଭାରତର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ। ନିଜ ଚୌକିର ସୁରକ୍ଷା ପାଇଁ ଦେଶହିତକୁ ଜଳାଞ୍ଜଳି ଦେଇ ଲୋକପ୍ରତିନିଧି ମାନଙ୍କର କ୍ଷମତାକୁ ସଙ୍କୁଚିତ କରିବା ସହିତ ଦେଶରେ ଏମାର୍ଜେନନ୍ସି ଲାଗୁ କରି ଗଣତନ୍ତ୍ରର କଣ୍ଠରୋଧ କରାଯାଇଥିଲା। ଶାସନ ଠାରୁ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତ କ୍ଷମତା ପ୍ରଧାନମନ୍ତ୍ରୀଙ୍କ ହାତରେ ରହିଥିଲା। ଫଳରେ ଦେଶରେ ଅରାଜକତା ଦେଖାଦେଇଥିଲା। ଏହି ଘୃଣ୍ୟ ଅଭିସନ୍ଧିର ଇତିହାସକୁ ମନେପକାଇ ଦୀର୍ଘଦିନ ଧରି ଭାରତୀୟ ଜନତା ପାର୍ଟି ଜୁନ ୨୧କୁ କଳାଦିବସ ଭାବେ ପାଳନ କରିଆସୁଥିବା ବେଳେ ଆଜି ନୀଳଗିରି ବିଜେପି ପକ୍ଷରୁ ବିଧାୟକ ସନ୍ତୋଷ କୁମାର ଖଟୁଆଙ୍କ ସଭାପତିତ୍ୱରେ ନୀଳଗିରି ବିଜେପି କାର୍ଯ୍ୟାଳୟରେ କଳାଦିବସ ପାଳନ ହୋଇଯାଇଛି। ଏଥିରେ ଜିଲ୍ଲା ବିଜେପି ଉପସଭାପତି କରୁଣାକର ପଣ୍ଡା, ମନୋରଞ୍ଜନ ବେହେରା,ସମରଶଙ୍କର କାନୁନଗୋ, କୃତିବାସ ବେହେରା, ମାନସ ମିଶ୍ର, ପ୍ରଦୀପ ଦାସ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି କଳାଦିବସର ତାତ୍ପର୍ଯ୍ୟ ବିଷୟରେ ଉଦବୋଧନ ଦେଇଥିଲେ।

# ଉଦଳାକୁ ମ୍ୟୁନସିପାଲଟି ଘୋଷଣା ସହ ରେଳ ସଂଯୋଗ ଓ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନର ଦାବି ଜଣାଇଲା ବରିଷ୍ଠ ନାଗରିକ ସଂଘ



ଉଦଳା , ୨୫/୬ (ନି.ପ୍ର): ବରିଷ୍ଠ ନାଗରିକ ସଂଘ, ଉଦଳାର ଏକ ୬ ଜଣିଆ ପ୍ରତିନିଧି ଦଳ ସଂପାଦକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ନିକଟରେ ବାରିପଦା ଗସ୍ତରେ ଯାଇ ଓଡ଼ିଶା ସରକାରଙ୍କର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ସାକ୍ଷାତ କରିବା ସହ ଉଦଳାର ଉନ୍ନତି ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିବାର ଜଣାଯାଇଛି । ଦାବି ଗୁଡ଼ିକ ମଧ୍ୟରେ ଉଦଳା ଏନ୍ଏସିକୁ ମ୍ୟୁନସିପାଲଟିରେ ପରିଣତ କରିବା ଓ ଏଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ସହ ଉଦଳାକୁ ରେଳ ଓ ଝରଣଘାଟି ପର୍ଯ୍ୟନ୍ତ ଆସିଥିବା ଜାତୀୟ ରାଜପଥକୁ ଉଦଳା ସହିତ ସଂଯୋଗ କରାଯିବାର ଦାବି ଉଲ୍ଲେଖ ରହିଛି । ସେହିପରି କପ୍ତିପଦା ଉପଖଣ୍ଡ ମଧ୍ୟରେ ଥିବା ପର୍ଯ୍ୟଟନସ୍ଥଳି ଗୁଡ଼ିକର ବିକାଶ ସାଙ୍ଗକୁ ଗ୍ରାମାଚଂଳ ପରି ସହରାଚଂଳରେ ମଧ ମହାତ୍ମାଗାନ୍ଧି ନିଶ୍ଚିତ କର୍ମନିଯୁକ୍ତି ଯୋଜନାକୁ ଲାଗୁ କରାଯାଉ ବୋଲି ଦାବି କରାଯାଇଛି । ବରିଷ୍ଠ ନାଗରିକ ସଂଘର ଏପରି ଏକ ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

# ମାସକ ଭିତରେ ମୁକୁଳା ଡ୍ରେନ ଉପରେ ପଡ଼ିବ ସ୍ଲାବ: ବିଏମସି କମିଶନର

ଭୁବନେଶ୍ୱର, ୨୫/୬ (ନି.ପ୍ର): ମାସକ ଭିତରେ ମୁକୁଳା ଡ୍ରେନ ଉପରେ ସ୍ଲାବ ପଡ଼ିବ । ସପ୍ତାହକ ଭିତରେ ଡ୍ରେନ ବାରିକେଡ କାମ ସରିବ । ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଭୁବନେଶ୍ୱର ସହରରେ ମୋଟ ୧୮୦୦ କିଲୋମିଟର ଡ୍ରେନ ରହିଛି । ସେଥିରୁ ବିଏମସି ଅଧୀନରେ ୧୩୮୦ କିଲୋମିଟର ଡ୍ରେନ ଅଛି । ଏହା ଭିତରୁ ୨୭ କିଲୋମିଟର ମୁକୁଳା ଡ୍ରେନ ରହିଛି । ସବୁ ମୁକୁଳା ଡ୍ରେନ ଚିହ୍ନଟ ହୋଇଛି । ଯୁଦ୍ଧକାଳୀନ ଭିତ୍ତିରେ ସ୍ଲାବ୍ କାମ ସରିବ । କିଛି ସ୍ଥାନରେ ଡ୍ରେନ ଉପରେ ଜବରଦଖଲ ରହିଛି । ବିଭିନ୍ନ ବିଭାଗ ସହ ସମନ୍ୱୟ ବୈଠକ କରାଯାଇ ଜବରଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯାଉଛି । ବ୍ୟାରିକେଡ଼ ପାଇଁ ୩୪ଟି ସ୍ଥାନ ଚିହ୍ନଟ ହୋଇଛି । ସପ୍ତାହକ ଭିତରେ ଏସବୁ ସ୍ଥାନରେ ବ୍ୟାରିକେଡ଼ ଲାଗିବ ବୋଲି ସେ ପ୍ରକାଶ କରିଛନ୍ତି ।

# ସମ୍ବଲପୁରରେ ଜଣ୍ଡିସ୍ ଆତଙ୍କ: ସ୍ଥିତିର ଅନୁଧ୍ୟାନ କଲେ ଭୁବନେଶ୍ୱରର ସ୍ୱାସ୍ଥ୍ୟ ଟିମ୍

ଭୁବନେଶ୍ୱର, ୨୫/୬ (ନି.ପ୍ର): ଭୁବନେଶ୍ୱରରୁ ଏକ ସ୍ୱାସ୍ଥ୍ୟ ଟିମ୍ ଆଜି ସକାଳେ ସମ୍ବଲପୁରରେ ପହଞ୍ଚିଛନ୍ତି। ସମ୍ବଲପୁର ମହାନଗରରେ ଜଣ୍ଡିସ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାକୁ ଆଖି ଆଗରେ ରଖି ଏହି ଟିମ୍ ବିଭିନ୍ନ ଅଞ୍ଚଳକୁ ଯାଇ ସ୍ଥିତିର ଅନୁଧ୍ୟାନ କରିଛନ୍ତି। ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ, ସୂଚନାଯୋଗ୍ୟ, ଏବେ ସୁଦ୍ଧା ସମ୍ବଲପୁର ମହାନଗରରେ ୮୨ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜଣାଯାଇଛି। ଗୁପଚୁପ, ଦହିବରା ଓ ଚୁସକି ଖାଇବା ଯୋଗୁଁ ଜଣ୍ଡିସ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ୧୦ ବର୍ଷ ପୂର୍ବେ ମଧ ଜଣ୍ଡିସ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏହି ସମୟରେ ପିଏଚଡି ପାଣି ସନ୍ଦେହ ଘେରକୁ ଆସିଥିଲ । ଏବେ ମଧ ପିଏଚଡି ପାଣିକୁ ନେଇ ଆଶଙ୍କା ପ୍ରକାଶ କରାଯାଉଛି।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo